'ଟକ୍ସିକ୍'ରେ ୟଶ୍

▶ପୃଷ୍ଠା ୧୪ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-166 ◆BHUBANESWAR ◆MONDAY ◆11 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୬୬ ◆ଭୁବନେଶ୍ୱର ◆ସୋମବାର ◆୧୧ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦

DSPL - 452

ODISHA
INDIA'S BEST KEPT SECRET.

ଆମ ଓଡ଼ିଶା ନବୀନ ଓଡ଼ିଶା

ABTP
HIGH PERFORMANCE SPORTS SCIENCE CENTRE
BY ABHINAV A. BINDRA

ଭାରତର ସର୍ବବୃହତ
କ୍ରୀଡ଼ା ବିଜ୍ଞାନ କେନ୍ଦ୍ର

ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ
ଦ୍ୱାରା ଶୁଭ ଉଦ୍‌ଘାଟନ

୧୧ ଡିସେମ୍ବର ୨୦୨୩

କଳିଙ୍ଗ ଷ୍ଟାଡ଼ିୟମ୍, ଭୁବନେଶ୍ୱର

"କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ ଭବିଷ୍ୟତ ପାଇଁ ବଡ଼ ଶକ୍ତି"

ବିଶେଷ ବୈଶିଷ୍ଟ୍ୟଯୁକ୍ତ ଲାବ୍

- ମାଇଣ୍ଡ ଲ୍ୟାବ
- ରିହାବିଲିଟେସନ ଲ୍ୟାବ
- ରିକୋଭରୀ ଲ୍ୟାବ
- ଗେଟ୍ ଲ୍ୟାବ
- ଫଙ୍କସ୍ନାଲ ଲ୍ୟାବ
- ପୋଷ୍ଟୁରାଲ ଲ୍ୟାବ
- ବାୟୋମେକାନିକ୍ସ ଲ୍ୟାବ
- ଫିଜିଓଲୋଜି ଲ୍ୟାବ
- ପାରା-ଆଥଲେଟ୍ ପର୍ଫମାନ୍ସ ଲ୍ୟାବ

ବିଶ୍ୱସ୍ତରୀୟ ଉପକରଣ



"କ୍ରୀଡ଼ା ଦୃଶ୍ୟପଟ୍ଟର ରୂପାନ୍ତରଣ, କ୍ରୀଡ଼ାବିତଙ୍କ ସଶକ୍ତିକରଣ"

OIPR-29001/13/0105/2324

■ ଅସୁରକ୍ଷିତ ବେଙ୍ଗାଲୁରୁ

ମହିଳାଙ୍କ ଉପରେ ସର୍ବାଧିକ ଏସିଡ୍ ଆକ୍ରମଣ

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): କର୍ଣ୍ଣାଟକ ବେଙ୍ଗାଲୁରୁ ସହରରେ ମହିଳାଙ୍କ ଉପରେ ସର୍ବାଧିକ ଏସିଡ୍ ଆକ୍ରମଣ ହୋଇଛି । ଗତ ବର୍ଷ ୬ ଜଣ ମହିଳାଙ୍କ ଉପରକୁ ଏସିଡ୍ ମାଡ଼ କରାଯାଇଥିଲା । ଆଉ ଥର ଆକ୍ରମଣ ପାଇଁ ପ୍ରୟାସ କରାଯାଇଥିଲା । ସେହିପରି ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ଏସିଡ୍ ଆକ୍ରମଣରେ ଦ୍ୱିତୀୟ ସ୍ଥାନରେ ରହିଛି । ଏଠାକାର ୫ ଜଣ ମହିଳାଙ୍କ ଉପରେ ଏସିଡ୍ ଆକ୍ରମଣର ଶିକାର ହୋଇଥିବାବେଳେ ୭ ଥର ଏଥିପାଇଁ ପ୍ରୟାସ କରାଯାଇଥିଲା । ଏହି ତାଲିକାରେ ୫ଟି ମାମଲା ସହ ଅହମଦାବାଦ ତୃତୀୟ ଏବଂ ହାଇଦରାବାଦ ଚତୁର୍ଥ ସ୍ଥାନରେ ରହିଛି । ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋ (ଏନ୍‌ସିଆରବି) ପକ୍ଷରୁ ଜାରି ରିପୋର୍ଟରେ ଏହି ସୂଚନା ଦିଆଯାଇଛି ।

ଗୋଗିମେଡ଼ି ହତ୍ୟାକାଣ୍ଡର ୩ ଅଭିଯୁକ୍ତ ଗିରଫ

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ରାଷ୍ଟ୍ରୀୟ ରାଜପୁତ କର୍ଣ୍ଣି ସେନାର ଅଧ୍ୟକ୍ଷ ସୁଖଦେସ ସିଂହ ଗୋଗାମେଡ଼ି ହତ୍ୟାକାଣ୍ଡ ମାମଲାର ୩ ଅଭିଯୁକ୍ତ ଧରା ପଡ଼ିଛନ୍ତି । ଶନିବାର ବିଳମ୍ବିତ ରାତିରେ ପୁଲିସ ରୋହିତ ରାଠୋର, ନିତିନ ଫୌଜୀ ଏବଂ ଉଧମକୁ ଚଣ୍ଡିଗଡ଼ ସେକ୍ଟର ୨୨ଏରୁ ଗିରଫ କରିଛି । ଏହି ଅପରାଧୀ ମଦ ଦୋକାନ ଉପରେ ଥିବା ଘରେ ଲୁଚି ଥିଲେ । ରାଜସ୍ଥାନ ପୁଲିସ ସହ ଦିଲ୍ଲୀ କ୍ରାଇମବ୍ରାଞ୍ଚର ମିଳିତ ଅଭିଯାନରେ ଏହି ସଫଳତା ମିଳିଛି । ତିନି ଅଭିଯୁକ୍ତଙ୍କୁ ଦିଲ୍ଲୀ କ୍ରାଇମବ୍ରାଞ୍ଚ ଅଫିସକୁ ନିଆଯାଇଛି । ଏହା ପୂର୍ବରୁ ଶନିବାର ସୁଟରଙ୍କୁ ସହଯୋଗ କରିଥିବା ରମବୀରକୁ ଗିରଫ କରାଯାଇଥିଲା । ସେ ଗୋଗିମେଡ଼ିଙ୍କୁ ଗୁଳି ମାରିଥିବା ନିତିନ ଫୌଜୀର ବନ୍ଧୁ ।

ପୁଲିସ କର୍ମଚାରୀଙ୍କୁ ଗୁଳିକଲେ ଆତଙ୍କବାଦୀ

ଶ୍ରୀନଗର, ୧୦।୧୨ (ଏଜେନ୍ସି): ଜମ୍ମୁ-କାଶ୍ମୀରରୁ ଟାର୍ଗେଟ ହତ୍ୟା ଥମିବାର ନା ଧୁରନି । ଶନିବାର ସନ୍ଧ୍ୟାରେ ଶ୍ରୀନଗରର ବେମିନା ଅଞ୍ଚଳରେ ପୁଲିସ କର୍ମଚାରୀ ହାଫିଜ ଅହମ୍ମଦଙ୍କ ଉପରେ ଆତଙ୍କବାଦୀ ଗୁଳିମାଡ଼ କରିଛନ୍ତି । ହାଫିଜଙ୍କ ଡାହାଣ ହାତ ଏବଂ ପେଟରେ ଗୁଳି ବାଜିଛି । ତାଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଅନ୍ୟପଟେ ଆତଙ୍କବାଦୀଙ୍କୁ ଧରିବା ପାଇଁ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରାଉ କରି ତଲାସୀ ଅଭିଯାନ ଆରମ୍ଭ କରାଯାଇଛି ।

ଇସ୍ତଫା ଦେଇପାରନ୍ତି ବ୍ରିଟେନ ପ୍ରଧାନମନ୍ତ୍ରୀ

ଲଣ୍ଡନ, ୧୦।୧୨ (ଏଜେନ୍ସି): ବ୍ରିଟେନର ଭାରତୀୟ ବଂଶୋଦ୍ଭବ ପ୍ରଧାନମନ୍ତ୍ରୀ ଋଷି ସୁନକଙ୍କ ଆସନ ପ୍ରତି ବିପଦ ସୃଷ୍ଟି ହୋଇଛି । ବେଆଇନ ପ୍ରବାସୀ ଏବଂ ଶରଣାର୍ଥୀଙ୍କୁ ନେଇ ତାଙ୍କ ବିରୋଧରେ ସ୍ୱର ତୀବ୍ର ହେବାରେ ଲାଗିଛି । କ୍ଷମତାସୀନ କନଜରଭେଟିବ ବାର୍ଟିର ତିନି ବଡ଼ ନେତା ପୂର୍ବତନ ପ୍ରଦାନମନ୍ତ୍ରୀ ଲିଜ୍ ଟ୍ରସ୍, ପୂର୍ବତନ ଗୃହମନ୍ତ୍ରୀ ସୁଏଲା ବ୍ରେଭରମାନ ଏବଂ ପୂର୍ବତନମନ୍ତ୍ରୀ ରବର୍ଟ ଜେନେରିକ ତାଙ୍କ ବିରୋଧୀ ହୋଇ ଯାଇଛନ୍ତି । ଏମାନେ କ୍ଷମତା ପରିବର୍ତ୍ତନ ପାଇଁ ଷଡ଼ଯନ୍ତ୍ର କରୁଥିବା ସୂଚନା ମିଳିଛି । ଭାରତୀୟ ବଂଶୋଦ୍ଭବ ହୋଇଥିବାରୁ ସୁନକ ପ୍ରବାସୀ ପ୍ରସଙ୍ଗରେ ନରମ ଆଭିମୁଖ୍ୟ ପୋଷଣ କରୁଛନ୍ତି ବୋଲି ଅଭିଯୋଗ ଲଗାଇଛନ୍ତି । ତେଣୁ ବିବାଦ ବଢ଼ିଲେ ସୁନକ ଇସ୍ତଫା ଦେବେ ବୋଲି କୁହାଯାଉଛି ।

ଗୁଟ୍‌ଖା ବିଜ୍ଞାପନ ପାଇଁ ଶାହାରୁଖ୍, ଅକ୍ଷୟ-ଅଜୟଙ୍କୁ ନୋଟିସ୍

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି): ଗୁଟଖା କମ୍ପାନୀର ବିଜ୍ଞାପନ କରିବାକୁ ନେଇ ବଲିଉଡ୍ ଷ୍ଟାର୍ ଅକ୍ଷୟ କୁମାର, ଶାହରୁଖ ଖାନ ଏବଂ ଅଜୟ ଦେବଗନଙ୍କୁ କେନ୍ଦ୍ର ସରକାର ନୋଟିସ୍ ପଠାଇଛନ୍ତି । ଅବମାନନା ଆବେଦନର ଜବାବ ଦାଖଲ କରିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚକୁ କେନ୍ଦ୍ର ସରକାର ଏହି ସୂଚନା ଦେଇଛନ୍ତି । ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଅଭିନେତାଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ହାନିକାରକ ସାମଗ୍ରୀର ବିଜ୍ଞାପନ କରାଇବାକୁ ନେଇ ଓକିଲ ମୋତିଲା ଯାଦବ ଏହି ଆବେଦନ ଦାଏର କରିଥିଲେ । ଏହା ଉପରେ ଗତ ଅଗଷ୍ଟରେ କ୍ୟାବିନେଟ ସଚିବ, ମୁଖ୍ୟ କମିଶନର ଓ ସିସିପିଏଙ୍କୁ କୋର୍ଟ ନୋଟିସ ଜାରି କରିଥିଲେ । ଅକ୍ଟୋବର ୨୦ରେ ଅଭିନେତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା ବୋଲି ଡେପୁଟି ସଲିସିଟର ଜେନେରାଲ ଖଣ୍ଡପୀଠକୁ କହିଥିଲେ । ଆସନ୍ତା ବର୍ଷ ମେ' ୯ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ । କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ କୁହାଯାଇଛି ଯେ ସୁପ୍ରିମକୋର୍ଟରେ ମଧ୍ୟ ଏହି ମାମଲାର ଶୁଣାଣି ଚାଲିଛି ।ତେଣୁ ହାଇକୋର୍ଟରେ ଦାଖଲ ଆବେଦନକୁ ଖାରଜ କରାଯିବା ଉଚିତ । ଏହି ମାମଲାରେ ଆବେଦନକାରୀ ଯୁକ୍ତି କରିଥିଲେ ଯେ ଗୁଟଖା ବିଜ୍ଞାପନ କରୁଥିବା ଅଭିନେତା ଏବଂ ସେଲିବ୍ରିଟିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ । ସେମାନଙ୍କୁ ସରକାର ପଦ୍ମ ସମ୍ମାନ ଭଳି ପୁରସ୍କାର ଦେଇଛନ୍ତି ।

ଦେଶରେ ପ୍ରଥମ

୧୨ ହଜାର ଫୁଟ ଉଚ୍ଚରେ ବାଘ

ଗ୍ୟାଙ୍ଗଟକ, ୧୦।୧୨ (ଏଜେନ୍ସି): ଦେଶରେ ପ୍ରଥମ ଥର ପାଇଁ ସମୁଦ୍ର ପତ୍ତନଠାରୁ ୧୨ ହଜାର ଫୁଟ ଉଚ୍ଚରେ ବାଘ ଦେଖା ଦେଇଛି । ଏହି ସ୍ଥାନ ସିକିମ ପାକୟୋଙ୍ଗ ଜିଲ୍ଲାର ପାଙ୍ଗୋଲାଖା ବନ୍ୟଜନ୍ତୁ ଅଭୟାରଣ୍ୟରେ ରହିଛି । ଏଠାରେ ୨୬୪୦ ମିଟର ଉଚ୍ଚତାରେ ବାଘ ବୁଲୁଥିବା ଦେଖିବାକୁ ମିଳିଛି । ବମ୍ବେ ନ୍ୟାଚୁରାଲ ହିଷ୍ଟ୍ରି ସୋସାଇଟି ଏହି ଫଟୋକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛି । ଏହାର ବୈଜ୍ଞାନିକ ଅଥର୍ବ ସିଂହ ଏବଂ ତାଙ୍କ ଟିମ୍ ଲଗାଇଥିବା କ୍ୟାମେରାରେ ଚଳିତ ବର୍ଷ ଫେବୃଆରୀରେ ଏହି ଫଟୋ କଏଦ ହୋଇଥିଲା । ତେବେ ବିଭିନ୍ନ ପରୀକ୍ଷାନିରୀକ୍ଷା ଏବଂ ରେକର୍ଡ ଯାଞ୍ଚ କରି ୧୦ ମାସ ପରେ ଏହି ଫଟୋ ଜାରି କରାଯାଇଛି । ଏହା ପୂର୍ବରୁ ୨୦୧୯ରେ ପାଙ୍ଗୋଲାଖାରେ ରୟାଲ ବେଙ୍ଗଲ ଟାଇଗର ଦେଖା ଯାଇଥିଲା । କିନ୍ତୁ ଏହା ବହୁତ କମ୍ ଉଚ୍ଚତାରେ ଥିଲା । ସେହପରି ୨୦୧୮ରେ ଅରୁଣାଚଳ ପ୍ରଦେଶର ଦିବାଙ୍ଗ ଘାଟୀ ସବୁଠାରୁ ଉଚ୍ଚତାରେ ବାଘଥିବା ଅଭୟାରଣ୍ୟ ହୋଇଥିଲା । ଏଠାରେ ୩୬୩୦ ମିଟର ଉଚ୍ଚରେ ବାଘ ଦେଖା ଯାଇଥିଲା । ଅନ୍ୟପକ୍ଷରେ ବାଘ ରାଜ୍ୟ ଭାବେ ପରିଚିତ ମଧ୍ୟପ୍ରଦେଶରେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ୩୮ ବାଘଙ୍କ ମୃତ୍ୟୁ ହେଲାଣି । ଏଥିରୁ ଏକ ଚତୁର୍ଥାଂଶ ବାଘଙ୍କ ଜୀବନ ଅଭୟାରଣ୍ୟ ବାହାରେ ଯାଇଛି । ଗୋଟିଏ ବ୍ୟତୀତ ୩୭ ବାଘଙ୍କ ମୃତ୍ୟୁ ପ୍ରାକୃତିକ ଭାବେ ହୋଇନାହିଁ ବୋଲି ସୂଚନା ମିଳିଛି । ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଦେଶରେ ୧୬୩ ବାଘଙ୍କ ମୃତ୍ୟୁ ହେଲାଣି ।

ମଧ୍ୟପ୍ରଦେଶରେ ବର୍ଷକରେ ୩୮ ବାଘଙ୍କ ମୃତ୍ୟୁ

ପୁଣି ବିଶ୍ୱରେ ଯୁଦ୍ଧ ଭୟ

ମୁହାଁମୁହିଁ ସ୍ଥିତିରେ ଗୁୟାନା-ଭେନଜୁଏଲା

ୱାଶିଂଟନ, ୧୦।୧୨ (ଏଜେନ୍ସି): ୟୁକ୍ରେନ-ରୁଷ୍, ଆର୍ମେନିଆ-ଅଜରବୈଜାନ, ଇସ୍ରାଏଲ-ହମାସ ପରେ ଏବେ ପୁଣି ବିଶ୍ୱରେ ଯୁଦ୍ଧ ଭୟ ସୃଷ୍ଟି ହୋଇଛି । ଗୁୟାନା ଏବଂ ଭେନଜୁଏଲା ମଧ୍ୟରେ ଯୁଦ୍ଧ ଆରମ୍ଭ ହେବାର ସମ୍ଭାବନା ରହିଛି । ସୂଚନା ଅନୁଯାୟୀ ବିବାଦୀୟ କ୍ଷେତ୍ର ଏସ୍‌କ୍ୱିବା ସୀମାରେ ଏକ ସେନା ହେଲିକପ୍ଟର ଗାଏବ ହୋଇଯାଇଥିଲା । ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ ଯାତ୍ରା କରୁଥିବା ୫ ଜଣ ସେନା ଅଧିକାରୀଙ୍କ ମୃତ୍ୟୁ ହୋଇଥିବାବେଳେ ୨ ଜଣ ବର୍ତ୍ତି ଯାଇଥିବା ଗୁୟାନା ପକ୍ଷରୁ କୁହାଯାଇଥିଲା । ଏହି ଘଟଣା ଉପରେ ରୁଷ୍ ରାଷ୍ଟ୍ରପତିଙ୍କ ବନ୍ଧୁ ତଥା ଭେନଜୁଏଲାର ଏକଛତ୍ରଶାସକ ନିକୋଲାସ ମାଦୁରୋ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଗୁୟାନାର ଅଧାରୁ ଅଧିକ ଅଞ୍ଚଳ ଏବଂ ତୈଳ ଭଣ୍ଡାର ଛଡ଼ାଇ ନେବେ ବୋଲି ଧମକ ଦେଇଛନ୍ତି । ଏହି ଧମକ ପରେ ଆମେରିକାର ଲଢୁଆ ବିମାନ ବିବାଦୀୟ ଏସ୍‌କ୍ୱିବା କ୍ଷେତ୍ର ଉପରେ ଉଡ଼ାଣ କରିଛି । ଏପରି ସ୍ଥିତିରେ ଭାରତର ଉପରେ ସମସ୍ତଙ୍କର ନଜର ରହିଛି । କାରଣ ଗୁୟାନା ଭାରତର ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ରହିଛି । ଏଠାରେ ୮୦ ଲକ୍ଷ ଭାରତୀୟ ମଧ୍ୟ ରହୁଛନ୍ତି । ଏହା ବ୍ୟତୀତ ଏସକ୍ୱିବାରେ ବିପୁଳ ତୈଳ ଭଣ୍ଡାର ରହିଛି । ଏହି ସ୍ଥାନ ଉପରେ ନିୟନ୍ତ୍ରଣ ପାଇଁ ଗୁୟାନା ସହ ଭେନଜୁଏଲାର ସଂଘର୍ଷ ଜାରି ରହିଛି । ତୈଳ ସନ୍ଧାନ ପାଇଁ ଭାରତ ବିଦେଶ ନୀତିରେ ମଧ୍ୟ ପରିବର୍ତ୍ତନ କରିପାରେ । ତେଣୁ ଭେନଜୁଏଲା-ଗୁୟାନା ସଂଘର୍ଷରେ ଭାରତର ଗୁରୁତ୍ୱ ବଢ଼ିବ ବୋଲି କୁହାଯାଉଛି । ଏସ୍‌କ୍ୱିବା ଅଧିକାଂଶ ସମୟ ଗୁୟାନାର ଅଂଶ ଥିଲା । କିନ୍ତୁ ଭେନଜୁଏଲା କିଛି ଦଶନ୍ଧି ହେଲା ଏହା ଉପରେ ଦାବି କରୁଛି ।

ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ଭାରତ

ପରାଜୟ ପରେ ବିଜୟ ଖୋଜା

୧୯ରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ବୈଠକ

ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି)

ବିଧାନସଭା ନିର୍ବାଚନରେ ପରାଜୟ ପରେ ବିରୋଧୀ ମେଣ୍ଟ 'ଇଣ୍ଡିଆ' ବିଜୟ ପାଇଁ ମାର୍ଗ ଖୋଜୁଛି । ୨୦୨୪ ଲୋକସଭା ନିର୍ବାଚନକୁ ଆଖି ଆଗରେ ରଖି ବିରୋଧୀ ଏବେଠାରୁ କ୍ଷେତ୍ର ପ୍ରସ୍ତୁତ କରିବାରେ ଲାଗି ପଡ଼ିଛନ୍ତି । ତେବେ ବିଜେପି ବିରୋଧରେ ଲଢ଼େଇ ପାଇଁ ମେଣ୍ଟ ଆଗାରେ ସମସ୍ତଙ୍କୁ ଏକାଠି କରିବାର ଆହ୍ୱାନ ରହିଛି । ବିଧାନସଭା ନିର୍ବାଚନରେ ମେଣ୍ଟରେ ସାମିଲ ଦଳ ଏକାଠି ଲଢ଼ିବା ପରିବର୍ତ୍ତେ ଅଲଗା ଅଲଗା ଲଢ଼ିଥିଲେ । ଏହାକୁ ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ବିରୋଧ କରିଥିଲେ । ସେ ପରାଜୟ ପାଇଁ କଂଗ୍ରେସକୁ ଦାୟୀ କରିଥିଲେ । ଏବେ ଅଖିଳେଶ ଏବଂ କଂଗ୍ରେସ ବିବାଦର ସମାଧାନ ହୋଇ ଯାଇଥିବା ସୂଚନା ମିଳିଛି । ଏହା ମଧ୍ୟରେ ୧୯ ତାରିଖରେ ଦିଲ୍ଲୀରେ ବିରୋଧୀ ମେଣ୍ଟର ବୈଠକ ହେବାକୁ ଯାଉଛି । ଏହି ବୈଠକରେ ଆସନ ବଣ୍ଟନ ଏବଂ ମିଳିତ ରାଲି ଆୟୋଜନ କରିବାକୁ ନେଇ ଚର୍ଚ୍ଚା ହେବ । ଏଥିପାଇଁ ଏକ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ । କଂଗ୍ରେସ ଜଣେ ବରିଷ୍ଠ ନେତା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜବାବ ଦିଆଯିବ । ଏକତା ପାଇଁ 'ମୁଁ ନୁହେଁ, ଆମେ' ସହିତ ମେଣ୍ଟ ଆଗକୁ ବଢ଼ିବ । କଂଗ୍ରେସର ଅନ୍ୟ ଜଣେ ବରିଷ୍ଠ ନେତା କହିଛନ୍ତି ଯେ ସାଧାରଣ ନିର୍ବାଚନରେ ବିଜେପି ବିରୋଧରେ ଲଢ଼େଇ ପାଇଁ ସକରାତ୍ମକ ଏଜେଣ୍ଡାର ସହ ଆଗକୁ ବଢ଼ିବାକୁ ପଡ଼ିବ ।

ବିଧାନସଭା ନିର୍ବାଚନରେ ବିରୋଧୀ ଉଠାଇଥିବା ଜାତିଗତ ଜନଗଣନା ଏବଂ ପୁରୁଣା ପେନ୍‌ସନ ଯୋଜନା ଭଳି ପ୍ରସଙ୍ଗକୁ ଲୋକେ ଖାରଜ କରିଦେଇଛନ୍ତି । ଏପରି ସମୟରେ ବିରୋଧୀଙ୍କୁ ନୂଆ ପ୍ରସଙ୍ଗ ସହ ଲୋକଙ୍କୁ ପାଖକୁ ଯିବାକୁ ପଡ଼ିବ ।

ବିଜେପିର ମୁକାବିଲା ପାଇଁ କରାଯିବ ଯୋଜନା

'ମୁଁ ନୁହେଁ, ଆମେ'କୁ ଦିଆଯିବ ପ୍ରାଧାନ୍ୟ

ତେବେ ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ ରାଜସ୍ଥାନରେ ପରାଜୟ ପରେ ଆମ ଆଦମୀ ପାର୍ଟି (ଆପ୍) କଂଗ୍ରେସ ପାଇଁ ସମସ୍ୟା ସୃଷ୍ଟି କରିଛି । କଂଗ୍ରେସ ଆସନ ବୁଝାମଣାରେ ସାଲିସ କରୁ ବୋଲି ଦାବି କରିଛି । ଏପରି ସ୍ଥଳେ ସମସ୍ତଙ୍କୁ ନେଇ ସନ୍ତୁଷ୍ଟ କରି ନିର୍ବାଚନ ଲଢ଼ିବାରେ ଅନେକ ସମସ୍ୟା ରହିଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବିଜେପିର ମୁକାବିଲା ପାଇଁ ପ୍ରଘଟଠାରୁ ଦୂରେଇ ଚିନ୍ତା କରିବାକୁ ପଡିବ । ଜାତିଗତ ଜନଗଣନା, ଏମ୍‌ଏସ୍‌ପି ଆଇନ ଏବଂ ଶ୍ରମିକଙ୍କ ପାଇଁ ସାମାଜିକ ସୁରକ୍ଷା ଆଦି ପ୍ରସଙ୍ଗରେ ବିରୋଧୀ ଆଗକୁ ବଢ଼ିବେ । ମେଣ୍ଟ ପାଇଁ ସକରାତ୍ମକ ଏଜେଣ୍ଡା ପ୍ରସ୍ତୁତ କରିବା ମଧ୍ୟ ଆହ୍ୱାନ ରହିବ । କିନ୍ତୁ ଏହା ବିଜେପିର ମୁକାବିଲାରେ ସହାୟକ ହେବ । ଭାରତ ଯୋଡ଼ୋ ଯାତ୍ରା ସମୟରେ ଅନେକ ପ୍ରସଙ୍ଗ ଥିଲା । ଆର୍ଥିକ ଅସମାନତା, ସାମାଜିକ ଧ୍ରୁବିକରଣ, ରାଜନୀତିକ ଅଧିନାୟକବାଦ, ଦରଦାମ ବୃଦ୍ଧି ଆଦି ପ୍ରସଙ୍ଗ ଲୋକସଭା ନିର୍ବାଚନରେ ଶୁଣିବାକୁ ମିଳିପାରେ । ଏହା ମିଳିତ ଏଜେଣ୍ଡାରେ ସାମିଲ ହୋଇପାରେ । ତେବେ ଏ ପର୍ଯ୍ୟନ୍ତ କେଉଁ କେଉଁ ନେତା ଏହି ବୈଠକରେ ସାମିଲ ହେବେ ତାହା ଜଣାପଡ଼ି ନାହିଁ ।

ବଢୁଛି ସାମ୍ବାଦିକଙ୍କ ଉପରେ ଆକ୍ରମଣ

ଚଳିତ ବର୍ଷ ୯୪ ଜଣ ହତ୍ୟାର ଶିକାର

ବ୍ରୁସେଲ୍ସ, ୧୦।୧୨ (ଏଜେନ୍ସି): ଚଳିତ ବର୍ଷ ଏ ପର୍ଯ୍ୟନ୍ତ ସାରା ବିଶ୍ୱରେ ୯୪ ସାମ୍ବାଦିକଙ୍କୁ ହତ୍ୟା କରାଗଲାଣି । ଇସ୍ରାଏଲ-ହମାସ ଯୁଦ୍ଧରେ ସର୍ବାଧିକ ୬୭ ସାମ୍ବାଦିକଙ୍କ ଜୀବନ ଯାଇଛି । ଏହା ମୋଟ ହତ୍ୟାର ୭୨ ପ୍ରତିଶତ । ଏହି ମୃତକଙ୍କ ମଧ୍ୟରେ ଅଧିକାଂଶ ପାଲେଷ୍ଟାଇନର ସାମ୍ବାଦିକ ଥିଲେ । ୧୯୯୦ ପରଠାରୁ କୌଣସି ଯୁଦ୍ଧରେ ଏତେ ସଂଖ୍ୟକ ଜୀବନ ଯାଇଛି । ସେହିପରି ୪୦୦ ସାମ୍ବାଦିକଙ୍କୁ ବିଭିନ୍ନ ଦେଶରେ ବନ୍ଦୀ କରି ରଖାଯାଇଛି । ଚୀନ୍ ଏବଂ ହଂକଂ ଜେଲ୍‌ରେ ସର୍ବାଧିକ ୮୦ ଜଣ ସାମ୍ବାଦିକ କଏଦ ଅଛନ୍ତି । ଏହା ପଛକୁ ମ୍ୟାଁମାର (୫୪), ତୁର୍କୀ (୪୧), ରୁଷିଆ (୪୦), ବେଲାରୁଷ (୩୫), ଇଜିପ୍ଟ (୨୩) ରହିଛି । ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ଜର୍ଣ୍ଣାଲିଷ୍ଟ (ଆଇଏଫ୍‌ଜେ) ପକ୍ଷରୁ ଏହି ସୂଚନା ଦିଆଯାଇଛି । ଗତ ବର୍ଷ ସମାନ ଅବଧିରେ ୬୭ ସାମ୍ବାଦିକଙ୍କୁ ହତ୍ୟା କରାଯାଇଥିଲା । କେବଳ ରୁଷ୍-ୟୁକ୍ରେନ ଯୁଦ୍ଧରେ ୧୨ ଜଣଙ୍କ ମୃତ୍ୟୁ ହୋଇଥିଲା । ଏବେ ସୁଦ୍ଧା ଏହି ଯୁଦ୍ଧରେ ୧୮ ଜଣ ସାମ୍ବାଦିକ ପ୍ରାଣ ହରାଇଲେଣି । ଗଣମାଧ୍ୟମ କର୍ମୀଙ୍କୁ ଅଧିକ ସୁରକ୍ଷା ଦେବାକୁ ଆଇଏଫ୍‌ଜେ ଦାବି କରିଛି । ଏହା ସହିତ ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି କହିଛି । ସାମ୍ବାଦିକଙ୍କ ସୁରକ୍ଷା ପାଇଁ ବିଶ୍ୱରେ ପ୍ରଭାବୀ ନିୟମ ନାହିଁ ବୋଲି ଆଇଏଫ୍‌ଜେର ଅଧ୍ୟକ୍ଷ ଡୋମିନିକ ପାରାଡାଲି କହିଛନ୍ତି । ଆଫଗାନିସ୍ତାନ, ଫିଲିପିନ୍ସ, ଭାରତ, ଚୀନ୍ ଏବଂ ବାଂଲାଦେଶରେ ସାମ୍ବାଦିକଙ୍କ ମୃତ୍ୟୁକୁ ନେଇ ମଧ୍ୟ ଆଇଏଫ୍‌ଜେ ଉଦବେଗ ପ୍ରକାଶ କରିଛି । ସାମ୍ବାଦିକଙ୍କ ଉପରେ ଆକ୍ରମଣ କରୁଥିବା ଲୋକଙ୍କୁ ଦଣ୍ଡ ଦିଆଯାଉ ନାହିଁ । ସରକାର ଏହାକୁ ପ୍ରାଧାନ୍ୟ ଦିଅନ୍ତୁ ଏବଂ ସାମ୍ବାଦିକଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ ବୋଲି ଦାବି କରାଯାଇଛି ।

ଇସ୍ରାଏଲ-ହମାସ ଯୁଦ୍ଧରେ ଯାଇଛି ୬୭ ଜଣଙ୍କ ଜୀବନ

ୟୁକ୍ରେନ ଯୁଦ୍ଧରେ ପ୍ରାଣ ହରାଇଛନ୍ତି ୧୮ ସାମ୍ବାଦିକ

କେସିଆରଙ୍କୁ ଭେଟିଲେ ରେଭନ୍ତ ରେଡ୍ଡି

ହାଇଦରାବାଦ, ୧୦।୧୨ (ଏଜେନ୍ସି): ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡି ରବିବାର ହାଇଦରାବାଦର ଯଶୋଦା ହସ୍ପିଟାଲରେ ଚିକିତ୍ସାଧୀନ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କୁ ଭେଟିଛନ୍ତି । ସେ ଗତ ୭ ତାରିଖରେ ଏରାଭଲ୍ଲି ସ୍ଥିତ ନିଜ ଫାର୍ମ ହାଉସର ଗାଧୁଆଘରୁ ପଡ଼ି ଯାଇଥିଲେ । ପରେ ତାଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତାଙ୍କର ହାଡ଼ ଗଣ୍ଠି ଅସ୍ତ୍ରୋପଚାର କରାଯାଇଥିଲା । ସୁସ୍ଥ ହେବା ପାଇଁ ତାଙ୍କୁ ୬ରୁ ୮ ସପ୍ତାହ ଲାଗିପାରେ ।

ବ୍ରିଟେନରେ ବଢୁଛି ଭେଦଭାବ

ଭାରତୀୟ ଡାକ୍ତରଙ୍କ ପାଖରେ ଚିକିତ୍ସାକୁ ନା

ଲଣ୍ଡନ, ୧୦।୧୨ (ଏଜେନ୍ସି)

ମାନବାଧିକାର ଉଲ୍ଲଙ୍ଘନ ମାମଲାରେ ଅନ୍ୟ ରାଷ୍ଟ୍ରକୁ ପରାମର୍ଶ ଦେଉଥିବା ବ୍ରିଟେନରେ ଭେଦଭାବ ଚରମସୀମାରେ ପହଞ୍ଚିଛି । ଏହି ଦେଶରୁ ବର୍ଣ୍ଣବୈଷମ୍ୟ କମ୍ ହେବା ପରିବର୍ତ୍ତେ ଦିନକୁ ଦିନ ଭୟଙ୍କର ରୂପଧାରଣ କରିବାରେ ଲାଗିଛି । ବ୍ରିଟେନରେ କାର୍ଯ୍ୟ କରୁଥିବା ଅଧିକାଂସ ଭାରତୀୟ ଡାକ୍ତର ବର୍ଣ୍ଣବୈଷମ୍ୟ ଏବଂ ଭେଦଭାବର ଶିକାର ହେଉଛନ୍ତି । ଭାରତୀୟ ଡାକ୍ତରଙ୍କ ପାଖରେ ରୋଗୀ ଚିକିତ୍ସା କରିବାକୁ ରାଜି ହେଉନାହାନ୍ତି । ପ୍ରାୟ ୪୦ ପ୍ରତିଶତ ଭାରତୀୟ ଡାକ୍ତର ଏପରି ଭେଦଭାବର ଶିକାର ହେଉଛନ୍ତି । ସହଯୋଗୀଙ୍କ ସହିତ ରୋଗୀ ମଧ୍ୟ ଏମାନଙ୍କୁ ଖରାପ ବ୍ୟବହାର କରୁଛନ୍ତି । ଏହି ଡାକ୍ତରଙ୍କୁ ମିଥ୍ୟା ଅଭିଯୋଗ ଏବଂ ଶାରୀରିକ ଆକ୍ରମଣ

କବୀର ହଂସଙ୍କୁ ଦ୍ୱିମୁକୁଟ

▶ଖେଳ ପୃଷ୍ଠା ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /thesakalanews
- /TheSakala
- www.thesakala.in

ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-166 ◆BHUBANESWAR ◆MONDAY ◆11 DECEMBER 2023 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୧୬୬ ◆ଭୁବନେଶ୍ୱର ◆ସୋମବାର ◆୧୧ ଡିସେମ୍ବର ୨୦୨୩ ◆ପୃଷ୍ଠା-୧୬ ◆ଟ.୬.୦୦

ମଦ ବ୍ୟବସାୟୀଙ୍କ ରେକର୍ଡ଼ କଳାଧନ / ୩୦୫ କୋଟି

- ୫ ଦିନରେ ୨୫ ମେସିନ ଦ୍ୱାରା ଗଣିଲେ ୫୦ ବ୍ୟାଙ୍କ କର୍ମଚାରୀ
- ଟିଟିଲାଗଡ଼ରୁ ୧୧ କୋଟି, ସମ୍ବଲପୁରରୁ ୩୭.୫ କୋଟି ଜବତ
- ରାଜେଶ ସାହୁ, ବଣ୍ଟି ସାହୁଙ୍କୁ ଆୟକର ବିଭାଗର ପଚରାଉଚରା

■ **ଭୁବନେଶ୍ୱର, ୧୦।୧୨(ସମିସ):** ବଲାଙ୍ଗିର ସୁଦପଡ଼ା ମଦଭାଟିରେ ଆୟକର ବିଭାଗର ଚଢ଼ଉ ବେଳେ ଜବତ ଟଙ୍କାର ଗଣତି ପଞ୍ଚମ ଦିନ ଶେଷ ହୋଇଛି। ଗଣତି କାର୍ଯ୍ୟରେ ୫୦ ଜଣ ବ୍ୟାଙ୍କ କର୍ମଚାରୀଙ୍କ ସହ ୨୫ଟି ମେସିନ ଲାଗିଥିଲା। ଦୁଇଟି ମେସିନ୍ ଖରାପ ହେବାରୁ ବାହାରୁ ମେସିନ୍ ଅଣାଯାଇ ଗଣତି କରାଯାଇଥିଲା। ଶେଷରେ ମୋଟ ଜବତ ଟଙ୍କା ୩୦୫ କୋଟି ବୋଲି ଆୟକର ବିଭାଗ ସୂଚନା ଦେଇଛି। ଆଇଟି ଅଧିକାରୀ ଏବଂ ବ୍ୟାଙ୍କ୍ କର୍ମଚାରୀ ୩ଟି ସ୍ଥାନରୁ ଜବତ ହୋଇଥିବା ଟଙ୍କାକୁ ହିସାବ କରି ରଖୁଛନ୍ତି। ବଲାଙ୍ଗୀର ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ୧୭୬ ଟଙ୍କା ବସ୍ତାକୁ ଗଣାଯିବା ପରେ ତାହା ୨୫୦କୋଟି ଅତିକ୍ରମ କରିଥିଲା। ପରେ ଟିଟିଲାଗଡ଼ରୁ ୧୧ କୋଟି, ସମ୍ବଲପୁରରୁ ୩୭.୫ କୋଟିକୁ ମିଶାଇ ଏହା ୩୦୫ କୋଟିରେ ପହଞ୍ଚିଥିବା ସୂଚନା ମିଳିଛି। ଛୁଟି ଦିନରେ ଆୟକର ବିଭାଗ ଏବଂ ବ୍ୟାଙ୍କ୍ କର୍ମଚାରୀ ସାମିଲ୍ ହୋଇ ଟଙ୍କା ଗଣିଛନ୍ତି। ଆୟକର ଚଢ଼ଉରେ ଏତେ ପରିମାଣର ଅର୍ଥ ମିଳିବା ସାରା ଦେଶରେ ସର୍ବାଧିକ ବୋଲି କୁହାଯାଉଛି। ପଞ୍ଚମ ଦିନରେ ମଧ୍ୟ ବଲାଙ୍ଗିର ସୁଦପଡ଼ାରେ ଥିବା ମଦ ▶ପୃଷ୍ଠା-୯

ଚର୍ଚ୍ଚାରେ ସୁଦପଡ଼ା ଦେଶୀ ମଦ ଭାଟି

■ **ବଲାଙ୍ଗିର, ୧୦।୧୨(ସମିସ):** ବଲାଙ୍ଗିରରେ ଆୟକର ବିଭାଗର ମାରାଥନ ଚଢ଼ଉରେ କୋଟି କୋଟି ଟଙ୍କା ଜବତ ଘଟଣା ଏବେ ରାଜ୍ୟରେ ଚହଳ ସୃଷ୍ଟି କରିଛି। ପଞ୍ଚମ ଦିନ ରବିବାର ମଧ୍ୟରାତ୍ରି ପର୍ଯ୍ୟନ୍ତ ବ୍ୟାଙ୍କ କର୍ମଚାରୀମାନେ ଟଙ୍କା ଗଣି ନୟାନ୍ତ ହୋଇଛନ୍ତି। ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଗଣତି ପ୍ରକ୍ରିୟା ରବିବାର ସରିଛି। ବଲାଙ୍ଗିର ସୁଦପଡ଼ା ଭାଟିରୁ ପ୍ରଥମେ ୧୫୬ଟି ବ୍ୟାଗରେ ଟଙ୍କା ଭର୍ତ୍ତି କରି ସ୍ଥାନୀୟ ▶ପୃଷ୍ଠା-୯

'ମଦ' ଟଙ୍କା ଫାଶରେ ଫସିଲା ବିଜେପି

ବିଜେପି ନେତ୍ରୀଙ୍କ ସହ ମଦ ମାଫିଆଙ୍କ ଫଟୋ ଭାଇରାଲ

ନିଜ ଦଳ କର୍ମକର୍ତ୍ତାଙ୍କୁ ବିବାଦକୁ ଟାଣିଲେ ସାଂସଦ ସଙ୍ଗୀତା

■ **ଭୁବନେଶ୍ୱର / ବଲାଙ୍ଗିର, ୧୦।୧୨ (ସମିସ):** ବୌଦ୍ଧ ଡ଼ିଷ୍ଟଲାରୀରୁ ଆରମ୍ଭ ହୋଇଥିବା ଆୟକର ଚଢ଼ଉ ସମ୍ବଲପୁର, ବଲାଙ୍ଗୀର ଆଦି ଜିଲ୍ଲାକୁ ବ୍ୟାପିବା ଓ ନଗଦ ୩୦୫ କୋଟି ଟଙ୍କା ଜବତ ପ୍ରସଙ୍ଗରେ ଫସିଛି ବିଜେପି। ମଦ କମ୍ପାନୀର ଜବତ ଟଙ୍କାରେ ବିଜେଡିର ସମ୍ପୃକ୍ତି ଥିବା ଅଭିଯୋଗ କରିଥିବା ବିଜେପି ନିଜ ଜାଲରେ ନିଜେ ଛନ୍ଦି ହୋଇ ଯାଇଛି। ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂହଦେଓଙ୍କ ସହ ଆୟକର ଯାଞ୍ଚର ସମ୍ମୁଖୀନ ହୋଇଥିବା ବ୍ୟକ୍ତିମାନଙ୍କ ପତ୍ନୀ, ଟିଟିଲାଗଡ଼ ଏନ୍‌ଏସି ଅଧ୍ୟକ୍ଷା ତଥା ବିଜେପି ନେତ୍ରୀଙ୍କ ଏକତ୍ର ବୈଠକର ଫଟୋ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ଏହି ଫଟୋ ପ୍ରକାଶ ପରେ ଓଡ଼ିଶା ବିଜେପିର ନେତା ଓ ନେତ୍ରୀଙ୍କ ସହ ମଦ ବ୍ୟବସାୟୀଙ୍କ ନିଘନ ସମ୍ପର୍କକୁ ନେଇ ସ୍ୱତଃ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଭାଇରାଲ ହୋଇଥିବା ଫଟୋରେ ବଲାଙ୍ଗିର ବିଜେପି ସାଂସଦ ସଙ୍ଗୀତା ସିଂଦେଓଙ୍କ ପାଖରେ ବିଜେପିର ଟିଟିଲାଗଡ଼ ଏନଏସି ଚେୟାରମେନ ମମତାଦେବୀ ଜୈନ। ତାଙ୍କ ପାଖରେ ଦେଶୀମଦ ବେପାରୀ ▶ପୃଷ୍ଠା-୯

ଶାହା କାଢ଼ିଲେ ସୂତ୍ର; ତୁଟିଲା ଛତିଶଗଡ଼ ସଂଶୟ

ବିଷ୍ଣୁଦେବ ହେବେ ମୁଖ୍ୟମନ୍ତ୍ରୀ

■ **ନୂଆଦିଲ୍ଲୀ, ୧୦।୧୨ (ଏଜେନ୍ସି):** ବିଧାନସଭା ନିର୍ବାଚନରେ ବିଜୟ ପରେ ଛତିଶଗଡ଼, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଚୟନକୁ ନେଇ ଅକଳରେ ପଡ଼ିଥିବା ବିଜେପିର ଗୋଟିଏ ସମସ୍ୟା ତୁଟି ଯାଇଛି। ବିଷ୍ଣୁଦେବ ସାୟ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ହେବେ ବୋଲି ଘୋଷଣା କରାଯାଇଛି। ସେ ରାଜଭବନରେ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଭେଟି ସରକାର ଗଠନ କରିବାକୁ ଦାବି ପତ୍ର ଦେଇଛନ୍ତି। ରାଜ୍ୟପାଳ ତାଙ୍କୁ କ୍ୟାବିନେଟ ଗଠନ ପାଇଁ ଆମନ୍ତ୍ରଣ କରିଛନ୍ତି। ବିଷ୍ଣୁଦେବ ସାୟ ରାଜ୍ୟର ପ୍ରଥମ ଆଦିବାସୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଏହା ପୂର୍ବରୁ ରାୟପୁର ସ୍ଥିତି ବିଜେପି କାର୍ଯ୍ୟାଳୟରେ ବିଧାୟକ ଦଳ ବୈଠକ ହୋଇଥିଲା। ଏହି ବୈଠକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂହ ମୁଖ୍ୟମନ୍ତ୍ରୀ ପାଇଁ ସାୟଙ୍କ ନାମ ପ୍ରସ୍ତାବ ଦେଇଥିଲେ। ପରେ ସମସ୍ତେ ତାଙ୍କୁ ବିଧାୟକ ଦଳ ନେତା ଚୟନ କରିଥିଲେ। ୧୩ ତାରିଖରେ ନୂଆ ମୁଖ୍ୟମନ୍ତ୍ରୀ ଶପଥ ନେବେ। ରାୟପୁରର ସାଇନ୍ସ କଲେଜ ପଡ଼ିଆରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସହିତ ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିପାରନ୍ତି। ସାୟ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଘନିଷ୍ଠ ମଧ୍ୟ। ରାଜନୀତିରେ ତାଙ୍କର ସ୍ୱଚ୍ଛ ଛବି ରହିଛି। ସେ ଦୀର୍ଘଦିନ ହେଲା ରାଜନୀତିରେ ଅଛନ୍ତି। ସେ ସରପଞ୍ଚରୁ ମୁଖ୍ୟମନ୍ତ୍ରୀ ପଦ ପର୍ଯ୍ୟନ୍ତ ପହଞ୍ଚି ଯାଇଛନ୍ତି। ସାୟଙ୍କୁ ମୁଖ୍ୟମନ୍ତ୍ରୀ କରିବା ପଛରେ ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ହାତ ରହିଛି ବୋଲି କୁହାଯାଉଛି। ସେ ନିର୍ବାଚନ ପ୍ରଚାର ସମୟରେ ଜନତାଙ୍କୁ ସମ୍ବୋଧନ କରି ଏହାର ସଙ୍କେତ ଦେଇଥିଲେ। ଜନତା ସାୟଙ୍କୁ ବିଧାୟକ ବନାଇଲେ ଆମେ ବଡ଼ ଲୋକ ବନାଇ ଦେବୁ ବୋଲି କହିଥିଲେ।

ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂହ ବାଚସ୍ପତି ହୋଇପାରନ୍ତି। ଛତିଶଗଡ଼ରେ ୨ ଜଣ ଉପ-ମୁଖ୍ୟମନ୍ତ୍ରୀ ମଧ୍ୟ ରହିବେ। ପ୍ରଥମ ଥର ପାଇଁ ବିଧାୟକ ହୋଇଥିବା ଅରୁଣ ସାଓ ଏବଂ ବିଜୟ ଶର୍ମାଙ୍କୁ ଉପ-ମୁଖ୍ୟମନ୍ତ୍ରୀ କରାଯାଇପାରେ। ମୁଖ୍ୟମନ୍ତ୍ରୀ ଚୟନ ହେବା ପରେ ସାୟ ବିଜେପିକୁ ଧନ୍ୟବାଦ ଦେଇଛନ୍ତି। ମୋଦୀଙ୍କ ଗ୍ୟାରେଣ୍ଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ଶତ ପ୍ରତିଶତ କାମ କରିବେ ବୋଲି କହିଛନ୍ତି। ସେ ୨ଟି ବଡ଼ ଘୋଷଣା କରିଛନ୍ତି। ପ୍ରଥମେ ୧୮ ଲକ୍ଷ ଘର ବନାଇବେ। ପରେ ୨୫ ତାରିଖରେ ଚାଷୀଙ୍କ ୨ ▶ପୃଷ୍ଠା-୯

ପୂର୍ବ ମୁଖ୍ୟମନ୍ତ୍ରୀ ରମଣ ସିଂହ ହେବେ ବାଚସ୍ପତି

ଅରୁଣ ସାଓ, ବିଜୟ ଶର୍ମା ଉପ-ମୁଖ୍ୟମନ୍ତ୍ରୀ

ରାଜସ୍ଥାନ, ମଧ୍ୟପ୍ରଦେଶକୁ ନେଇ ସ୍ଥିତାବସ୍ଥା ଜାରି

ଘଉଡ଼ାଇବା ବେଳେ ରେଞ୍ଜରଙ୍କୁ ଦଳିଦେଲା ହାତୀ

■ **ନର୍ଲା, ୧୦।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଉତ୍ତର ବନଖଣ୍ଡ ନର୍ଲା ଅଞ୍ଚଳରେ ଗତ କିଛି ବର୍ଷ ହେଲା ବର୍ଷତମାମ ହାତୀ ଉପଦ୍ରବ ଚାଷୀଙ୍କ ସହ ବନବିଭାଗର ନିଦ ହଜାଇ ଦେଇଛି। ଦୁଇ ବର୍ଷ ତଳେ ନର୍ଲା ଫରେଷ୍ଟର ଭବାନୀ ଶଙ୍କର ନାଏକ ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ତେବେ ରବିବାର ପୁଣି ଏକ ଅଭାବନୀୟ ଘଟଣା ଘଟିଛି। ନର୍ଲା ରେଞ୍ଜର ପ୍ରଶାନ୍ତ ପାଳ ହାତୀ ଘଉଡ଼ାଇବାକୁ ଆସି ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନ ପ୍ରାୟ ୮ଟାରେ ନର୍ଲା ରେଞ୍ଜ ଅଧୀନସ୍ଥ ବାଲସିଙ୍ଗା, ଜାମପଦର, ତୁଳାପଡ଼ା, ଆମପଡ଼ା ଅଞ୍ଚଳରେ ହାତୀ ଉପଦ୍ରବ ନେଇ ରେଞ୍ଜର ଶ୍ରୀ ପାଳ ସୂଚନା ପାଇଥିଲେ। ତତକ୍ଷଣାତ୍ ସେ ଫରେଷ୍ଟର ଭବାନୀ ଶଙ୍କର ନାଏକ ଓ ଅନ୍ୟୂନ ପନ୍ଦର ଜଣ ସହକର୍ମୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ହାତୀପଲଙ୍କ ଗତିବିଧି ଉପରେ ନଜର ରଖିବା ସହ ଘଉଡ଼ାଇବା ପାଇଁ ଉଦ୍ୟମ ଚଳାଇଥିଲେ। ବନବିଭାଗ କର୍ମଚାରୀଙ୍କ ସୂଚନା ଅନୁଯାୟୀ, ତୁଳାପଡ଼ା ପଞ୍ଚାୟତ ଆମପଡ଼ା ନିକଟରେ ହାତୀପଲ ଥିବା ଜଣାପଡ଼ିଥିଲା। ହାତୀପଲରେ ୨୨ଟି ହାତୀ ଥିବା ବେଳେ ବନବିଭାଗ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ଉପସ୍ଥିତି କୋଳାହଳ ଯୋଗୁଁ ▶ପୃଷ୍ଠା-୯

ଲୋକକଥା

ବ୍ୟାଙ୍କ ବାଲାଏ ହାଲିଆ ହେଲେଣି
ବିଡ଼ାବିଡ଼ା ଟଙ୍କା ଗଣି,
ଏତେ କଳାଧନ କେଉଁଠୁ ଆସିଲା
ବିଭାଗ ନପାରେ ଜାଣି।
ନେତା ଦେଖାଅନ୍ତି ଠାଣି,
ରାଜନୀତି ପାଁ ଗୋଳିଆ କରନ୍ତି
ଚାଲେ ଗୋଡ଼ ଟଣାଟଣି !!

ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର

■ **ଧରାକୋଟ, ୧୦।୧୨(ସମିସ):** ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ଥାନା ଧରାକୋଟ ବ୍ଲକ ପ୍ରତାପୁର ଗ୍ରାମ ଅନ୍ତର୍ଗତ ଜଗନ୍ନାଥପୁର ଶାସନର ନିଲୁ ବିଷୋୟୀ (୩୫)ଙ୍କ ମୃତଦେହ ଚତରା ବନ୍ଧ ନିକଟରେ ଥିବା ଚୂନନାଳଠାରୁ ଠାବ ହୋଇଛି। ମୃତକଙ୍କ ବେକରେ ରକ୍ତଚିହ୍ନ ରହିଛି। ପ୍ରତାପୁର ନିକଟ ଚୂନନାଳ ଦେଇ ବହି ଯାଉଥିବା ପାଣିରେ କଡ଼େଇ ହୋଇ ନିଲୁଙ୍କ ମରଶରୀର ପଡ଼ିଛି। ସେ ଗତକାଲି ଘରୁ ସନ୍ଧ୍ୟାରେ ଯାଇ ରାତ୍ରିରେ ଆଉ ଫେରି ନ ଥିଲେ। ସକାଳୁ ତାଙ୍କ ମୃତଦେହ ମିଳିଛି। ତେବେ ନିଲୁଙ୍କୁ ତାଙ୍କ ବଡ଼ ଭାଇ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି ମୃତକଙ୍କ ସ୍ତ୍ରୀ ମାମିନା ବିଷୋୟୀ। ବଡଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ତଦନ୍ତ ଚଳାଇଛି। ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ମୃତ ନିଲୁଙ୍କ ସ୍ତ୍ରୀ, ପୁଅ ଓ ଦୁଇ ଝିଅ ଅଛନ୍ତି। ଘଟଣାସ୍ଥଳକୁ ଆସିକା ଏସଡିପିଓ ଉମା ଶଙ୍କର ସିଂ, ବଡ଼ଗଡ଼ ଥାନା ଅଧିକାରୀ ସନ୍ଧ୍ୟା ରାଣୀ ସିଂ, ଧରାକୋଟ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି, ଶେରଗଡ଼ ଥାନା ଅଧିକାରୀ ବୀରେନ୍ଦ୍ର ସିଆଳ ପ୍ରମୁଖ ପହଞ୍ଚି ତଦନ୍ତ ଚଳାଇଛନ୍ତି। ସାଇଣ୍ଟିଫିକ ଟିମ ପହଞ୍ଚି ହତ୍ୟାକାଣ୍ଡ ଉପରେ ତଦନ୍ତ ଚଳାଇଛି। ନିଲୁ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତି କରି ବଡ଼ଗଡ଼ ଥାନା ପୁଲିସ କେସ ନମ୍ବର ୫୪୧/୨୩ ରେ ଏକ ମାମଲା ରୁଜୁକରି ତଦନ୍ତ ▶ପୃଷ୍ଠା-୯

ହତ୍ୟା ଅଭିଯୋଗ ଆଣିଲେ ପତ୍ନୀ

ଦୁଇରୁ ଅଧିକ ବ୍ୟକ୍ତିଙ୍କୁ ଅଟକ ରଖି ପୁଲିସର ଜେରା

ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକରେ ଓଡ଼ିଶାର ଶାଣିତ ସ୍ୱର

ମାଗିଲା କୋଇଲା 'ରାଜଭାଗ' ହକ୍

କେନ୍ଦ୍ରୀୟ ସହାୟତା ହ୍ରାସକୁ ନେଇ ଉଦ୍‌ବେଗ

ଉଠାଗଲା ଜନଜାତି ମାନ୍ୟତା

ଠିକ ସମୟରେ ଏସ୍‌ସି/ଏସ୍‌ଟି ଛାତ୍ରବୃତ୍ତି ପ୍ରଦାନ ଦାବି

■ **ଭୁବନେଶ୍ୱର, ୧୦।୧୨(ସମିସ):** ପାଟନାରେ ଅନୁଷ୍ଠିତ ପୂର୍ବାଞ୍ଚଳ କ୍ଷେତ୍ରୀୟ ପରିଷଦ ବୈଠକରେ ଶାଣିତ ସ୍ୱରରେ ଓଡ଼ିଶା ଉଠାଇଛି ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟର ଦୁଇ ମନ୍ତ୍ରୀ ପ୍ରଦୀପ ଅମାତ ଓ ତୁଷାରକାନ୍ତି ବେହେରା କେନ୍ଦ୍ର ନିକଟରେ ଦୀର୍ଘଦିନରୁ ପଡ଼ି ରହିଥିବା କୋଇଲା ରାଜଭାଗ ପ୍ରସଙ୍ଗ, ୧୬୦ ଜନଜାତି ବର୍ଗଙ୍କୁ ଆଦିବାସୀ ମାନ୍ୟତା ସହ କେନ୍ଦ୍ରୀୟ ସହାୟତା ହ୍ରାସ ଆଦି ପ୍ରସଙ୍ଗ ଉଠାଇଛନ୍ତି।

କେନ୍ଦ୍ର ସରକାର ଓଡ଼ିଶାରୁ ବିପୁଳ ମାତ୍ରାରେ କୋଇଲା ଉତ୍ତୋଳନ କରୁଥିଲେ ହେଁ ଦୀର୍ଘବର୍ଷ ଧରି ରାଜ୍ୟକୁ ନିଜର ହକ୍‌ରୁ ବଞ୍ଚିତ କରି ଆସୁଛନ୍ତି। ପ୍ରତି ୩ ବର୍ଷରେ ଥରେ କୋଇଲା ରାଜଭାଗ ବୃଦ୍ଧି ପାଇଁ ନିୟମ ଥିଲେ ହେଁ ଗତ ୨୦୧୨ ମସିହାରୁ ଏଥିରେ ବୃଦ୍ଧି ହୋଇନାହିଁ। ଏନେଇ ▶ପୃଷ୍ଠା-୯



ନିର୍ମାଣାଧୀନ ଅଟ୍ଟାଳିକାକୁ ନେଇ ପ୍ରଶ୍ନ

ନଜର ପଡୁନି; ନା ସବୁ ଜାଣି ସମସ୍ତେ ଚୁପ୍

ଚାଇଁପାଳ, ୧୦।୧୨(ସମିସ):

ତାଳଚେର ସହର ଏକ କୋଇଲା ଖାଦାନ ଅଞ୍ଚଳ। ବିଶେଷ କରି ଭୂତଳ କୋଇଲା ଖଣି ଯୋଗୁଁ ତାଳଚେର ସହର ମାଟିତଳ ଫମ୍ପା। ସାରା ସହର ବିପଦରେ। ଏପରିକି

ତଳ ଫମ୍ପା, ଉପରେ ୪୪୦୦ ଭୋଲ୍ଟେଜ ଟାୱାର

ବହୁ ଜାଗାରେ ମାଟି ଦବି ଘର କୂଅ ଭୁଶୁଡି ପଡ଼ିବା ପରି ଘଟଣା ଦେଖିବାକୁ ମିଳିଛି। ଏବେ ପ୍ରଶାସନର ନୀରବତା ପାଇଁ ଏକ ବିପଦପୂର୍ଣ୍ଣ ସ୍ଥାନରେ ବଡ଼ ଅଟ୍ଟାଳିକା ନିର୍ମାଣ କାର୍ଯ୍ୟ ଚାଲିଛି। ଗୋଟିଏ ପଟେ ଫମ୍ପା ଭୂଇଁ ଉପରେ ଅଟ୍ଟାଳିକା ନିର୍ମାଣ ହେଉଥିବା ବେଳେ ମୁଣ୍ଡ ଉପରେ ୪୪୦୦ ଭୋଲ୍ଟେଜର ତଥା ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ତାର ଯାଇଛି। ତାହା ପୁଣି ଜନଗହଳିପୂର୍ଣ୍ଣ ମୁଖ୍ୟ ରାସ୍ତା କଡରେ। ଟ୍ରାଫିକଠାରୁ ହାତତୋଟା ରୋଡ୍ ମଧ୍ୟରେ ପଡୁଥିବା ରେଳ ଫାଟକ ପୂର୍ବରୁ ଛଟ ପୋଲର ନାଳ ଉପର ଦେଇ ୪୪୦୦ ଭୋଲ୍ଟେଜ ଟାୱାର ଲାଇନ ଯାଇଛି। ସେହି ନାଳ ପାଖ ଟାୱାର ଲାଇନ ତଳେ ବିପଦ ପୂର୍ଣ୍ଣ ଜାଗାରେ ତିଆରି ହେଉଛି ବିରାଟକାୟ ଅଟ୍ଟାଳିକା। ଏହି ତାରର ଶକ୍ତି ଏତେ ଯେ, ତାର ପାଖକୁ ତ ଯିବା ଦୂରର କଥା। ତାର ଧାସରେ କରେଣ୍ଟ ଆସି ଯାଇଥାଏ। ତେଣୁ ଶ୍ରମିକମାନେ କାମ କରିବା ଏକ ପ୍ରକାର ଜୀବନ ପ୍ରତି ବିପଦ ଦେଖା ଦେଇଛି। କେବଳ ପେଟ ପୋଷିବା ପାଇଁ ଶ୍ରମିକମାନେ ଜୀବନକୁ ବାଜିରେ ଲଗାଇ କାମ କରୁଛନ୍ତି। କେତେବେଳେ କ'ଣ ଘଟିବ ତାହା କହିହେବ ନାହିଁ। ତେବେ ଏମିତି ବିପଦପୂର୍ଣ୍ଣ ଏହି ଜାଗାରେ ଗୃହ ନିର୍ମାଣ ପାଇଁ କିଏ ଅନୁମତି ଦେଲା ତାକୁ ନେଇ ଉଠିଛି ପ୍ରଶ୍ନ। ଟାଟା ପାୱାର କର୍ମଚାରୀଙ୍କୁ ହାତ ଗୁଞ୍ଜା ଦେଇ ଏହି ଗୃହ ନିର୍ମାଣ କରୁଥିବା ମାଲିକ ବିପଦପୂର୍ଣ୍ଣ ଟାୱାର ତଳେ ଅଟ୍ଟାଳିକାର ନିର୍ମାଣ କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି ବାଟ ଦେଇ ବଡ ବଡ ପ୍ରଶାସନ ଅଧିକାରୀ ଓ ବିଦ୍ୟୁତ୍ ବିଭାଗର ଅଫିସର ଯିବା ଆସିବା କରୁଛନ୍ତି; ହେଲେ କାହାର ନଜର ପଡୁନାହିଁ। ନା ସବୁ ଜାଣି ସମସ୍ତେ ଚୁପ୍ ତାକୁ ନେଇ ସନ୍ଦେହ ଉଠିଛି। ତାମଡା କିପରି ଏହି ଗୃହ ନିର୍ମାଣ ପାଇଁ ଅନୁମତି ଦେଇଛି ତାହା ମଧ୍ୟ ସନ୍ଦେହ ସୃଷ୍ଟି କରିଛି। ବିଦ୍ୟୁତ୍ ବିତରଣକାରୀ ଟାଟାପାୱାର କମ୍ପାନୀ ଓ ସ୍ଥାନୀୟ ପ୍ରଶାସନ ଏହି ଗୃହ ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରା ନ କଲେ ଆଗକୁ ଯଦି ଅଘଟଣ ଘଟେ ସେଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନ ଉଠିଛି।

ସ୍ମୃତି ସାଉଁଟିଲେ ପୁରାତନ ଛାତ୍ରଛାତ୍ରୀ

କିଶୋରନଗର, ୧୦।୧୨(ସମିସ): ଖଣ୍ଡହୋତା ଆମ୍ବ ନର୍ସରୀରେ କିଶୋରନଗର ହାଇସ୍କୁଲର ୨୦୦୦ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିତେନ୍ଦ୍ର ସାହୁ, ବିନୟ ପ୍ରଧାନ, ସୁଧାଂଶୁ ସେନାପତି, ଜ୍ଞାନେନ୍ଦ୍ର ପ୍ରଧାନ, ସୁଜିତ ପ୍ରଧାନ, ଲିପନ ଶତପଥୀ, ଅନୁପ ପ୍ରସାଦ, ରାଜୀବ ଶତପଥୀ, ଅଭିଜିତ ରାୟ, ସୁଶାନ୍ତ ପ୍ରଧାନ, ରଜତ ବେହେରା ପ୍ରମୁଖ ଯୋଗଦେଇ ନିଜ ଛାତ୍ର ଜୀବନର ଅନୁଭୂତି ବଖାଣି ଥିଲେ।

ଥର୍ମାଲ: ତାଳଚେର ଥର୍ମାଲ ଶିବ ମନ୍ଦିରରେ ଥର୍ମାଲ ହାଇସ୍କୁଲ ୧୯୮୭ ବ୍ୟାଚ୍‌ର ୬ଷ୍ଠ ସପରିବାର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ସୌମିତ୍ର ସେନାପତି, ଦିଲ୍ଲୀପ ମହାପାତ୍ର, ମନୋଜ ଭଞ୍ଜ, ସୁକାନ୍ତ ଶତପଥୀ, ସ୍ମିତରଞ୍ଜନ ବାରିକ, ମାଖନ ସିଂହ, ସଞ୍ଜୀବ ରାୟ, ସୁଧାଂଶୁ ନନ୍ଦ, ବିକ୍ରମ କେଶରୀ ବିରବର୍ମା, ମାନସ ଧଳ, ଭରତ ନାହାକ, ଗୌର ମିଶ୍ର, ରଶ୍ମି ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ ଦିବସ

ଅନୁଗୋଳ, ୧୦।୧୨(ସମିସ): ଅନୁଗୋଳ ଜିଲ୍ଲାରେ ଅନ୍ତର୍ଜାତୀୟ ମାନବାଧିକାର ରକ୍ଷକ ଦିବସ ପାଳିତ ହୋଇଛି। ଏହି ଅବସରରେ ପ୍ରଗତି ନଗର ପ୍ରଥମ ଲାଇନରେ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏହି ଦିବସରେ ବଳବୀର ସିଂ (ଜିଲ୍ଲା ସଭାପତି), ଚିତ୍ତରଞ୍ଜନ ସ୍ୱାଇଁ (ଉପସଭାପତି), ସୌମ୍ୟରଞ୍ଜନ ସ୍ୱାଇଁ (ସାଧାରଣ ସମ୍ପାଦକ), ସୁଧାଂଶୁଶେଖର ସାହୁ (ସହର ସଭାପତି), ମଦନ ସାହୁ (ବଅଁରପାଳ ବ୍ଲକ ସଭାପତି), ରାଜତିଳକ ଦଳବେହେରା (ଜିଲ୍ଲା କାର୍ଯ୍ୟ ନିର୍ବାହୀ ସଭାପତି), ଅସିତ୍ ବେହେରା (ଜିଲ୍ଲା ଯୁବକ ସଭାପତି), ମମତା ପ୍ରଧାନ (ଜିଲ୍ଲା ମହିଳା ସଭାପତି), ସରିତା ମିଶ୍ର (ଜିଲ୍ଲା ମହିଳା ସମ୍ପାଦକ), ସରିତା ରାଣୀ ମିଶ୍ର (ଜିଲ୍ଲା ମହିଳା ଉପସଭାପତି), ସୋନାକ୍ଷୀ ବେହେରା (ମହିଳା କାର୍ଯ୍ୟ ନିର୍ବାହୀ ସଭାପତି), ସାଇ ସ୍ୱରୂପ ସାହୁ, ମନିଶ ପ୍ରଧାନ, ସୁଶୀଲ ନାଏକ, ଦିବ୍ୟ ସୁନ୍ଦର ସାହୁ, ଭେଙ୍କଟେଶ ପ୍ରସାଦ ଭୁକ୍ତା, ଦୀପ୍ତିମୟୀ ପାତ୍ର, ରିତେଶ ବିଳାସ, ସତ୍ୟଜିତ ଦେହୁରୀ, ପ୍ରିୟବ୍ରତ ବରାହ, ସିଦ୍ଧାର୍ଥ ବେହେରା, ଦିପୁ ସ୍ୱାଇଁ, ପ୍ରଦୀପ୍ତ ସାହୁ, ଆଶିଷ ଅଂଶୁମାନ, ଶାନ୍ତନୁ ସେଠୀ, ଆର୍‌ୟନ ଅର୍ଣ୍ଣବ୍, ଅଜିତ ସାହୁ, ସୋମାଲି ପ୍ରଧାନ, ଦିବ୍ୟାଂଶୁ ସାହୁ, ଦେବାଶିଷ ମହାନ୍ତି, ରାଜେଶ ମିଶ୍ର, ପ୍ରିୟତୋଷ ଷଡ଼ଙ୍ଗୀ, ଟିଟୁ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

ମହିଳା ସମନ୍ୱୟ ସମ୍ମିଳନୀ 'ସମର୍ଥା'

ଅନୁଗୋଳ, ୧୦।୧୨(ସମିସ): ଅନୁଗୋଳସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଢେଙ୍କାନାଳ ବିଭାଗ ପକ୍ଷରୁ ମହିଳା ସମନ୍ୱୟର ଏକ ସମ୍ମିଳନୀ 'ସମର୍ଥା' ଆୟୋଜିତ ହୋଇଯାଇଛି। ଜରପଡ଼ା ମହାବିଦ୍ୟାଳୟର ଅଧ୍ୟକ୍ଷା ଶକ୍ତି ସ୍ୱରୂପା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାନ୍ତ ସହ ସଂଯୋଜିକା (ମହିଳା ସମନ୍ୱୟ) ଦୀପ୍ତି ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଦୁର୍ଗାବାହିନୀ ଅଖିଳ ଭାରତୀୟ ସଂଯୋଜିକା ସୁଶ୍ରୀ ପ୍ରଜ୍ଞା ମାହଲା 'ଭାରତୀୟ ଚିନ୍ତନରେ ମହିଳା' ଶୀର୍ଷକ ବିଷୟ ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବ୍ରହ୍ମରୂପା ସାହୁ ଓଡିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। ବନ୍ତଳା ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଆରତି ଦ୍ୱିବେଦୀ ସମ୍ମିଳନୀର ଉଦ୍ଦେଶ୍ୟ କହିଥିଲେ। ବିଭାଗ ସହସଂଯୋଜିକା ଉଷା ରାଣୀ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସାଗରବାଳା ହୋତା, ଡ. ସୁଚେତା ମିଶ୍ର ଓ ସୁଶ୍ରୀ ସୁଷମା ବେହେରାଙ୍କୁ ସମର୍ଥା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ଢେଙ୍କାନାଳ ଜିଲ୍ଲା ସଂଯୋଜିକା ସବିତା ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ରେଙ୍ଗାଲି ବିଜୟୀ

କୁଇଓ, ୧୦।୧୨(ସମିସ): ବଅଁରପାଳ ବ୍ଲକ ଜରାସିଂହା ଯୁଥ୍ କ୍ଲବ୍ ଆନୁକୂଲ୍ୟରେ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ପ୍ରଥମ ମ୍ୟାଚ ସମ୍ବଲପୁର ଜିଲ୍ଲା ରେଙ୍ଗାଲିର ଲିଟିଲ ମାଷ୍ଟର ଓ ନାଲ୍‌କୋ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଙ୍ଗାଲି ବିଜୟୀ ହୋଇଛି। ଜରାସିଂହା ଗ୍ରାମ ସଭାପତି ପ୍ରହ୍ଲାଦ ପ୍ରଧାନ, ପୂର୍ବତନ ସରପଞ୍ଚ ମିଲାପ ପ୍ରଧାନ, ଦୁଷ୍ମନ୍ତ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ୍‌ର ସଭାପତି ଗାନ୍ଧୀ ସାହୁ, ସୁଦର୍ଶନ ସ୍ୱାଇଁ, ଚନ୍ଦନ ସ୍ୱାଇଁ, ମଦନମୋହନ ବିଶ୍ୱାଳ ଉପସ୍ଥିତ ଥିଲେ। ଶ୍ରୀମୁଖ ଗଡ଼ନାୟକ, ଦିଲୀପ ମହାପାତ୍ର, ବୀଣାପାଣି ଦୁରିଆ ବସନ୍ତ ଦାସ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସୋମବାର ବଲାଙ୍ଗୀର୍ ଓ ଝାରସୁଗୁଡ଼ା ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

ଆଜିଠୁ ଖୋଲିବ ଅତ୍ୟାଧୁନିକ ପାଠାଗାର ଓ ସଂଗ୍ରହାଳୟ 'ବ୍ଲାକ୍ ଡାଇମଣ୍ଡ'

ଅନୁଗୋଳ, ୧୦।୧୨(ସମିସ): ଚଳିତ ମାସ ୮ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଥିବା ବିଶ୍ୱସ୍ତରୀୟ ଅତ୍ୟାଧୁନିକ ପାଠାଗାର ଓ ସଂଗ୍ରହାଳୟ 'ବ୍ଲାକ୍ ଡାଇମଣ୍ଡ' ସୋମବାରଠାରୁ ପାଠକଙ୍କ ପାଇଁ ଖୋଲାଯିବ। ଏହି ପାଠାଗାର ପ୍ରତ୍ୟେକ ଦିନ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ସରକାରୀ ଛୁଟି ଦିନଗୁଡିକରେ ବନ୍ଦ ରହିବ। ଏଥି ନିମନ୍ତେ ଇଚ୍ଛୁକ ପାଠକ ପାଠିକା ମାସିକ ୧୫୦ ଟଙ୍କା ଦେୟ ପୈଠ କରି ଏହି ପାଠାଗାରର ସୁବିଧା ନେଇପାରିବେ। ପଞ୍ଜିକରଣ ନିମନ୍ତେ ୧୧ ତାରିଖ (ସୋମବାର)ରୁ ଜିଲ୍ଲା ପାଠାଗାର (ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପରିସର)ରେ ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ ଆବେଦନ କରିପାରିବେ। ଆବେଦନ ନିମନ୍ତେ ଆଧାର କାର୍ଡ, ମୋବାଇଲ ନମ୍ବର, ଜନ୍ମ ତାରିଖ ଓ ସ୍ଥାୟୀ ଠିକଣା ଇତ୍ୟାଦି ଆବଶ୍ୟକ ରହିଛି।

ଓଡ଼ିଶା ମୋ ପରିବାର ପକ୍ଷରୁ ୪୬ ୟୁନିଟ୍ ରକ୍ତ ସଂଗ୍ରହ

ଅନୁଗୋଳ, ୧୦।୧୨(ସମିସ): ବନ୍ତଳା ପଞ୍ଚାୟତରେ ବିଜୁ ଯୁବ ଜନତା ଦଳ ଦ୍ୱାରା ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୪୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲ୍ଲା ସଭାପତି ଦିନେଶ ପ୍ରଧାନ, ଉପସଭାପତି କିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ବିଜୁ ଯୁବ ଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ସଞ୍ଜୀବ ସାହୁ, ଜିଲ୍ଲା ସମ୍ପାଦକ ପ୍ରଦ୍ୟୁମ୍ନ ପ୍ରଧାନ, ଜିତେନ୍ଦ୍ର ଜେନା, ଡିଜିଟାଲ ସମ୍ପାଦକ ଚିନ୍ମୟ ସାହୁ, ତୁଳସୀପାଳ ସମିତିସଭ୍ୟ କର୍ଣ୍ଣ ଗୋଛାୟତ, ବୁଢାପଙ୍କ ସମିତି ସଭ୍ୟ ବାପୁନ ବେହେରା, ଯୁବନେତା ଚନ୍ଦ୍ରକାନ୍ତ ପ୍ରଧାନ, ରମାକାନ୍ତ ସାହୁ, ପାପୁନ ଦ୍ୱିବେଦୀ, ଆଶିଷ ପ୍ରଧାନ, ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

ପାଇପ୍ ଫାଟି ରାସ୍ତା ଜଳାର୍ଣ୍ଣବ

ଗୁହାରି କଲେ କେହି ଦୃଷ୍ଟି ଦେଉନାହାନ୍ତି

ତାଳଚେର ସଦର, ୧୦।୧୨(ସମିସ):

କୋଟି କୋଟି ଟଙ୍କା ବ୍ୟବୟରେ ଲୋକଙ୍କୁ ଘରେ ଘରେ ପାଣି ଯୋଗାଇ ଦେବାନେଇ ତାଳଚେର ସମଲ ବ୍ୟାରେଜ୍‌ରେ ଏକ ମେଗ୍ରା ଜଳପ୍ରକଳ୍ପ ନିର୍ମାଣ କରାଯାଇଛି। ସେହି ପ୍ରକଳ୍ପରୁ ସ୍ଥାନୀୟ ଆରଡବ୍ଲୁଏସ୍‌ଏସ୍ ମାଧ୍ୟମରେ ପାଇପ୍ ଦ୍ୱାରା ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଯେପରି ସମସ୍ତେ ଘରେ ଘରେ ଜଳକଷ୍ଟ ଅନୁଭବ ନ କରିବେ ସେଥିନେଇ ଏହି ପକଳ୍ପର ମୁଖ୍ୟ ଲକ୍ଷ୍ୟ ରହିଛି। ଚଳିତବର୍ଷ ସୁଦ୍ଧା ସମସ୍ତ କାର୍ଯ୍ୟ ସାରି ଖରା ଦିନ ପୂର୍ବରୁ ପାଣି ଯୋଗାଇ ଦେବା କଥା; ମାତ୍ର ଏହା ଆହୁରି ସମୟ ଲାଗିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଏହି ପାଇପ୍ ଲାଇନ୍ ସମଲ ବ୍ୟାରେଜଠାରୁ ବାହାରି ତାଳଚେର ସହର କେନାଲ ଦେଇ ବନ୍ତୋଲ ପର୍ଯ୍ୟନ୍ତ ବିଛା ଯାଇଛି। ଏହି ପାଇପକୁ କାର୍ଯ୍ୟକ୍ଷମ କରାଯାଇ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି; ମାତ୍ର ଏହି ପାଇପ୍ ଲାଇନ୍‌ଟି ବିଭିନ୍ନ ସ୍ଥାନରୁ ଫାଟିଯାଇଛି। ଏଣୁ ରାସ୍ତାରେ ପାଣି ଭାସୁଛି। ବହୁଳ ଗ୍ରାମବାସୀ ଏହି ଅଭିଯୋଗ କରିଛନ୍ତି। ଗ୍ରାମବାସୀ ବାରମ୍ବାର ଏ ବିଷୟରେ ଅବଗତ କରାଇଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନାହାନ୍ତି। ଜଳ ହିଁ ଜୀବନ କୁହାଯାଉଥିବା ବେଳେ କୋଟି କୋଟି ଟଙ୍କା ବିନିମୟରେ ହୋଇଥିବା ଏହି ପ୍ରକଳ୍ପରୁ ଜଳ ମୁନ୍ଦେ ଲୋକଙ୍କ ପାଖରେ ପହଞ୍ଚିବା ପରିବର୍ତ୍ତେ ରାସ୍ତାରେ ପାଣି ସୁଅ ଛୁଟିଛି।

ତାଳଚେର ଏକ ଶିଳ୍ପାଞ୍ଚଳ ହୋଇଥିବା ବେଳେ ୪ଟି ଭୂତଳ କୋଇଲା ଖଣି ଏବଂ ୮ଟି ଖୋଲାମୁହଁ କୋଇଲା ଖଣି ରହିଛି। ଏହି କୋଇଲା ଖଣି ଓ ଶିଳ୍ପାଞ୍ଚଳ ପ୍ରଭାବରୁ ମାଟିରୁ ଜଳସ୍ତର ହ୍ରାସ ହେଉଛି। ବିଶେଷ କରି ନଭେମ୍ବରରୁ ଏହି କାରଣରୁ ତାଳଚେର ଅଞ୍ଚଳରେ ଜଳକଷ୍ଟ ଦେଖା ଦେଇଥାଏ। ଏହାକୁ ଦୃଷ୍ଟିରେ ରଖି ଏମ୍‌ସିଏଲ୍ ପକ୍ଷରୁ ଅସ୍ଥାୟୀ ଭାବେ ପ୍ରତି ଗାଁକୁ ଟେଣ୍ଡର ମାଧ୍ୟମରେ ଟ୍ୟାଙ୍କର ସାହାଯ୍ୟରେ ପାଣି ଯୋଗାଇ ଦିଆଯାଇଥାଏ। ଏଥିରେ ଘୋର ବ୍ୟତିକ୍ରମ ଦେଖାଦେବାରୁ ଅଞ୍ଚଳବାସୀଙ୍କ ସ୍ଥାୟୀ ପ୍ରତିକାର ପାଇଁ ସରକାର ଘର ଘରକୁ ମେଗା ପ୍ରକଳ୍ପ ମାଧ୍ୟମରେ ପାଣି ଯୋଗାଇ ଦେବାକୁ ନିଷ୍ପତ୍ତି ନେଲେ; ମାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାରୁ ପ୍ରକଳ୍ପଟି ଆଜି ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ହୋଇ ପାରିଲା ନାହିଁ।

ଯୁବ କଂଗ୍ରେସ ସମ୍ମିଳନୀ

ଅନୁଗୋଳ, ୧୦।୧୨(ସମିସ): ଅନୁଗୋଳ ଜିଲ୍ଲା ଯୁବ କଂଗ୍ରେସ ତରଫରୁ ଜିଲ୍ଲା କଂଗ୍ରେସ ଭବନରେ ଏକ ବିଶାଳ ଯୁବ କଂଗ୍ରେସ ସମ୍ମିଳନୀ ଅନୁଷ୍ଠିତ ହେଇଛି। ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀଙ୍କ ନେତୃତ୍ୱରେ ଜିଲ୍ଲା କଂଗ୍ରେସ ସଭାପତି ସଂଗ୍ରାମ ମିଶ୍ର, ଅମ୍ବିକା ପ୍ରସାଦ ଭଟ୍ଟ, ଜିଲ୍ଲା କଂଗ୍ରେସ ଉପସଭାପତି ଉମେଶ ଚନ୍ଦ୍ର ସାହୁ, ଦୁଷ୍ମନ୍ତ ଦଳବେହେରା, ପ୍ରଫୁଲ ଦାସ, ବଳବୀର ସିଂ, ସହଦେବ ବେହେରା ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଟିକନ ସାମଲ, ଜିଲ୍ଲା କଂଗ୍ରେସ ଜିଲ୍ଲା ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ସାମଲ, ବଅଁରପାଳ

ବ୍ଲକ ସଭାପତି ବିଦ୍ୟାଧର ବରାଳ, ନଗର ସଭାପତି ଲୁଟୁ ରଞ୍ଜନ ଥାପା, ଯୁବନେତା ବିଶ୍ୱଜିତ ପ୍ରଧାନ, ସୁଜିତ ଦେହୁରୀ, ସଂଗ୍ରାମ ପ୍ରଧାନ, ଦିପେନ ସାହୁ, ତୁଷାର ପ୍ରଧାନ, ଅଶ୍ୱିନୀ ସ୍ୱାଇଁ, ସିଦ୍ଧାର୍ଥ ରାଉତ ଆମର ବେହେରା, ମାନସ ରଞ୍ଜନ ବିଶ୍ୱାଳ, ପରିତୋଷ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଦ୍ୟୁମ୍ନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଅଖିଳ ଭାରତୀୟ ଟ୍ରେଡ୍ ୟୁନିୟନ୍ କଂଗ୍ରେସର ସମ୍ମିଳନୀ

ତାଳଚେର, ୧୦।୧୨(ସମିସ): ଅଖିଳ ଭାରତୀୟ ଟ୍ରେଡ୍ ୟୁନିୟନ୍ କଂଗ୍ରେସ୍‌ର ଅନୁଗୋଳ ଜିଲ୍ଲା ସମ୍ମିଳନୀ ସ୍ଥାନୀୟ ସାଉଥ୍ ବଲଣ୍ଡାସ୍ଥିତ ଜଗନ୍ନାଥ କଳାକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ସୀମା ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀକୁ ଏଆଇଟିୟୁସିର ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବନ୍ଦ କଳକାରଖାନା ଚାଲୁ କରିବା, ରୁଗ୍ଣ ଶିଳ୍ପର ପୁନରୁଦ୍ଧାର, ସ୍କିମ୍ ୱାର୍କର ଯଥା-ଆଶା, ଅଙ୍ଗନୱାଡି, ପାଚିକା ୱାର୍କରଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା, କୋଇଲା ଖଦାନର ନିୟମିତ ଖାଲିଥିବା ପଦବୀରେ ସ୍ଥାୟୀ ନିଯୁକ୍ତି ସହ ସମସ୍ତ ଆଉଟ୍ ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ଏବଂ ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଘରୋଇକରଣ ବିରୋଧରେ ୧୬ ତାରିଖରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ସମାବେଶରେ ଯୋଗଦେବାକୁ ଆହ୍ୱାନ

ଦେଇଥିଲେ। ଏହି ସମ୍ମିଳନୀରେ ଅନ୍ୟତମ ଅତିଥି ଭାବେ ନିଖିଳ ଓଡ଼ିଶା ଅଙ୍ଗନବାଡି କର୍ମୀ ସଂଘର ରାଜ୍ୟ ସମ୍ପାଦିକା ହରପ୍ରିୟା ସ୍ୱାଇଁ, ତାଳଚେର କୋଲ୍ ମାଇନ୍ସ ଏମ୍ପ୍ଲଇଜ୍ ୟୁନିୟନ୍‌ର ସମ୍ପାଦକ ସୁରେନ୍ଦ୍ର ଶର୍ମା, ସାମ୍ବାଦିକ ବିଜୟ ଦେବତା, ବିଦ୍ୟୁତ୍ ଶ୍ରମିକ ନେତା ବୃନ୍ଦାବନ ବେହେରା, କୋଇଲା ଖଣି ଶ୍ରମିକ ନେତା ତ୍ରିବେଣୀ ବିଶ୍ୱାଳ, ବୃନ୍ଦାବନ ଲେଙ୍କା, ଅମୂଲ୍ୟ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଆଗାମୀ ବର୍ଷ ପାଇଁ ଅନୁଗୋଳ ଜିଲ୍ଲା ଏଆଇଟିୟୁସି ସଭାପତି ଭାବେ ପୁଷ୍ପାଞ୍ଜଳି ସାହୁ, ସମ୍ପାଦକ ଭାବେ ସୁରେନ୍ଦ୍ର ଶର୍ମାଙ୍କୁ ମନୋନୀତ କରାଯାଇଥିଲା। ଏହି ବୈଠକରେ କୋଇଲା ଖଣି ବିଦ୍ୟୁତ୍ ଶ୍ରମିକ, ଅଙ୍ଗନବାଡି, ଆଶା, ପାଚିକା, ନିର୍ମାଣ ଶ୍ରମିକ ଯୋଗ ଦେଇଥଲେ। ଶେଷରେ ଅଙ୍ଗନବାଡି ନେତ୍ରୀ ମନୋରମା ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ।

ଅଶ୍ଗୁର ୧୯ତମ ଜିଲ୍ଲା ସମ୍ମିଳନୀ

ମହୁମାଛି ଆକ୍ରମଣରେ ବୃଦ୍ଧ ଗୁରୁତର

କାମାକ୍ଷାନଗର,୧୦।୧୨(ସମିସ): କାମାକ୍ଷାନଗର ଥାନା ଅନ୍ତର୍ଗତ କାଦୁଆ ଗ୍ରାମରେ ମହୁମାଛି ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। କାଦୁଆ ଗ୍ରାମର ମାୟାଧର ଦେହୁରୀ(୫୫) ରବିବାର ସନ୍ଧ୍ୟାରେ ନିଜ ବିଲକୁ ଯାଇଥିବା ବେଳେ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ। ଫଳରେ ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

ଯାଦବ ସମାଜ ପକ୍ଷରୁ ଯୁବ ପ୍ରତିଭା ସମ୍ମାନିତ

ଭୁବନ, ୧୦।୧୨(ସମିସ): ବୃତ୍ତିରେ ଜଣେ ଶିକ୍ଷକ ହେଲେ ବି ତାଙ୍କ ପାଖରେ ଆଉ ଦୁଇଟି ପ୍ରତିଭା ରହିଛି। ଯାହା ତାଙ୍କୁ ପୁରପଲ୍ଲୀରେ ବେଶ୍ ପରିଚିତ କରାଇଛି। ଶିକ୍ଷକତା ସହିତ ପ୍ରତିଭା ପ୍ରଦର୍ଶନ କରି ଜିଲ୍ଲାସ୍ତରୀୟ ନାମ କମେଇଥିବା ଏହି ଯୁବ ପ୍ରତିଭା ଜଣଙ୍କ ହେଉଛନ୍ତି ବସନ୍ତ କୁମାର ଦାସ। ତାଙ୍କୁ ଯାଦବ ସମାଜ ପକ୍ଷରୁ ସମ୍ମାନିତ କରାଯାଇଛି। ଭୁବନ ଯୁବ ଯାଦବ ସମାଜ ପକ୍ଷରୁ ଭୁବନ ଅରାସାହୀ ଗୋପାଳ କୋଠଘରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଶ୍ରୀ ଦାସ ସମ୍ମାନିତ ହୋଇଛନ୍ତି। ଏହି ଉତ୍ସବରେ ଯାଦବ ସମାଜର ଉପସଭାପତି ସନାତନ ଦାସ, ସମ୍ପାଦକ ବିଳାସ ସାମଲ, ଉପଦେଷ୍ଟା ବଟକୃଷ୍ଣ ପୃଷ୍ଟି, ବରିଷ୍ଠ ସଦସ୍ୟ ବସନ୍ତ ଦାସ, ଲକ୍ଷ୍ମଣ ନାୟକ, ବିଶ୍ୱନାଥ ଦାସ, ରଞ୍ଜନ ମହାକୁଡ ଓ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ଢେଙ୍କାନାଳ, ୧୦।୧୨(ସମିସ): ଢେଙ୍କାନାଳର ଶତାୟୁ ଶିକ୍ଷାନୁଷ୍ଠାନ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ୧୯୯୦ ମସିହା ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବୋରାପଦାରେ ଆୟୋଜିତ ବନ୍ଧୁମିଳନ ଅବସରରେ ଦିବଂଗତ ଚନ୍ଦ୍ରଭାନୁ ପରିଡ଼ା ଓ ବିଶ୍ୱଜିତ ଅଗ୍ରୱାଲାଙ୍କ ସ୍ମୃତି ନିମନ୍ତେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ବନ୍ଧୁମିଳନରେ ଶତାଧିକ ବନ୍ଧୁମାନେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ବନ୍ଧୁମିଳନରେ ସୂର୍ଯ୍ୟ ଦେବତା, ଲଳିତ କୁମାର ପାଲ, ଆଭାସ କୁମାର ବରାଳ, ଟଙ୍କଧର ବେହେରା, କୈଳାସ ସାହୁ, ଶଶିକାନ୍ତ ରାଉତ, ଆଶିଷ କୁମାର ପ୍ରଧାନ, ଅଂଶୁମାନ ତ୍ରିପାଠୀ, ଜ୍ୟୋତିବ୍ରତ ସାହୁ, ନିଳକଣ୍ଠ ମିଶ୍ର, ଅରୁଣ କୁମାର ପଟ୍ଟନାୟକ, କିର୍ତ୍ତୀ ବେହେରା, ଲକ୍ଷ୍ମୀପ୍ରିୟା ପଟ୍ଟନାୟକ, ସସ୍ମିତା ଶତପଥୀ, ସୌମ୍ୟା ତ୍ରିପାଠୀ, ଇଶାବାଳା ମିଶ୍ର, ଅଞ୍ଜଳୀ ବେହେରା ପ୍ରମୁଖ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବ

ଢେଙ୍କାନାଳ,୧୦।୧୨(ସମିସ): ଢେଙ୍କାନାଳ ସଦର ବ୍ଲକ ଅନ୍ତର୍ଗତ ବଣସିଂହ ଓ ଚାଉଳିଆ ପଞ୍ଚାୟତର ବଡନାଗେନା ଠାରେ ଦ୍ୱିତୀୟ ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବିଶିଷ୍ଟ କଣ୍ଠଶିଳ୍ପୀ ଗୋବିନ୍ଦ ଚନ୍ଦ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବାବେଳେ ଅନ୍ୟତମ ଅତିଥି ଭାବେ ସମାଜସେବୀ ଜୟନ୍ତ ହୋତା, ଅଭିନେତା ଅଶୋକ ଦାଶ, ଶତ୍ରୁଘ୍ନ ମାଟି, କଣ୍ଠଶିଳ୍ପୀ ସ୍ନିଗ୍ଧା ନନ୍ଦ, ଶିକ୍ଷାବିତ ପ୍ରେମାନନ୍ଦ ରାଉତ, ସମାଜସେବୀ ଜଳଧର ବେହେରା ପ୍ରମୁଖ ଯୋଗଦେଇ ଥିଲେ। ସନ୍ଧ୍ୟାରେ ବିଷ୍ଣୁ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ବ୍ରାହ୍ମଣୀ ପୂଜନ ଓ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଅବନୀ ମିଶ୍ର ପରିଚାଳନା କରିବାସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହୋତ୍ସବ କମିଟିର ସଭାପତି ନିତ୍ୟାନନ୍ଦ ସାହୁ ଅଧ୍ୟକ୍ଷତା କରିଥିବା ବେଳେ କମିଟିର ସଦସ୍ୟ ସର୍ବେଶ୍ୱର ବ୍ରହ୍ମ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ଭୁବନ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ମହୋତ୍ସବ ଉଦ୍‌ଯାପିତ

'ଶିକ୍ଷା ଏଭଳି ଏକ ଅସ୍ତ୍ର, ଯାହା ସାରା ବିଶ୍ୱକୁ ପରିବର୍ତ୍ତନ କରିଥାଏ'

ଭୁବନ, ୧୦।୧୨(ସମିସ)

ଭୁବନ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ ଜୁବୁଲି (୭୫ ବର୍ଷ) ମହୋତ୍ସବ ରବିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ କହିଥିଲେ ଯେ, ବିଦ୍ୟାର୍ଥୀମାନଙ୍କ ବିଦ୍ୟାଳୟ ପ୍ରତି ଆକର୍ଷଣ ରହିଛି ଏବଂ ରହିଥିବ। ସରକାରୀ ବିଦ୍ୟାଳୟ ପ୍ରତି ଆସ୍ଥା ବଢୁଛି ଏବଂ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ 'ମୋ ସ୍କୁଲ ଅଭିଯାନ' କାର୍ଯ୍ୟକ୍ରମ ଆରମ୍ଭ କରି ବିଦ୍ୟାଳୟକୁ ରୂପାନ୍ତରିତ କରୁଛନ୍ତି। ଆପଣମାନେ ବିଦ୍ୟାଳୟ ସହ ଯୋଡ଼ି ହୁଅନ୍ତୁ ବୋଲି ସେ ମତବ୍ୟକ୍ତ କରିଥିଲେ। ପୁରାତନ ଛାତ୍ର ସଂଘ ସଭାପତି ଧନେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ

କୁମାର ପାତ୍ର ଯୋଗଦେଇ ପୁରାତନ ଛାତ୍ରମାନେ ବିଦ୍ୟାଳୟର ଅମୂଲ୍ୟ ରତ୍ନ ଏବଂ ପ୍ରତିଷ୍ଠିତ ଛାତ୍ରଙ୍କୁ ଅନୁସରଣ କରିବା ଉଚିତ୍ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ମହେଶ ସାହୁ ଯୋଗଦେଇ ଥିଲେ। ଗଣିତ ପାଠରେ ଏକରେ ଏକ ମିଶିଲେ ଦୁଇ କିନ୍ତୁ ସାମାଜିକ ପାଠ ଅନୁସାରେ ଏକରେ ଏକ ମିଶି ଏକ ହେଲେ ସବୁ ଅସମ୍ଭବ ସମ୍ଭବ ହୋଇପାରିବ। ଶତ ବାର୍ଷିକ ଉତ୍ସବ ପାଳନ ସମୟରେ ଭୁବନ ଉଚ୍ଚ ବିଦ୍ୟାଳୟକୁ ରାଜ୍ୟର ଶ୍ରେଷ୍ଠ ବିଦ୍ୟାଳୟ ଭାବେ ଗଢି ତୋଳିବା ବୋଲି ଆଜିର ଦିନରେ ଆପଣ ମାନେ ସଂକଳ୍ପ ନିଅନ୍ତୁ ବୋଲି ଶ୍ରୀ ସାହୁ କହିଥିଲେ। ମୁଖ୍ୟବକ୍ତା ଭାବେ ଦୈନିକ 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ଯୋଗଦେଇ ଏ ମାଟି ସହିଦ ବାଜି ରାଉତଙ୍କ ମାଟି ଏବଂ ଏହି ମାଟିରେ ମୁ ଅତିଥି ଭାବେ ଯୋଗଦେଇ ନିଜକୁ ଧନ୍ୟ ମନେ କରୁଛି ବୋଲି କହିଥିଲେ। ରାଜନୈତିକ ସଭା କରିବା ସହଜ କିନ୍ତୁ ଗୋଟେ ବିଦ୍ୟାଳୟର ୭୫ତମ ଜନ୍ମ ଜୟନ୍ତୀ ଏଭଳି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ ଆୟୋଜନ କରିବା ବହୁତ କଷ୍ଟ। ପୁରାତନ ଛାତ୍ର ସଂଘ ଏଥିପାଇଁ ନିଶ୍ଚିତ ଭାବେ ଧନ୍ୟବାଦର ପାତ୍ର ବୋଲି ସେ ମତବ୍ୟକ୍ତ କରିଥିଲେ। ଶିକ୍ଷା ଏପରି ଏକ ଅସ୍ତ୍ର ଯାହା ସାରା ବିଶ୍ୱକୁ ପରିବର୍ତ୍ତନ କରିଦେଇଥାଏ ବୋଲି କହିବା ସହ ଛାତ୍ରଛାତ୍ରୀ ଦେଶ ଗଠନରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରଧାନଶିକ୍ଷକ ତଥା ମହୋତ୍ସବର ସଂଯୋଜକ ରୁଦ୍ର ନାରାୟଣ ସାମଲ ଧନ୍ୟବାଦ ଅର୍ପଣ କରିଥିବା ବେଳେ ମାତୃପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମୀରାବାଇ କଳା ବିକାଶ କେନ୍ଦ୍ର ତରଫରୁ ଓଡ଼ିଶୀ ନୃତ୍ୟ, ଗୀତିନାଟ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବ ପରେ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ସାଥୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ବିଜୁ ଜନତା ଦଳ ପକ୍ଷରୁ ବିଶାଳ ମହିଳା ସମାବେଶ

କାମାକ୍ଷାନଗର,୧୦।୧୨(ସମିସ): କାମାକ୍ଷାନଗର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବାଲିଗୋରଡ ଗ୍ରାମଠାରେ ଏକ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବେଶରେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ମିଶନ ଶକ୍ତି ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ବୀ ହୋଇପାରିବା ସହ ନିଜ ଗୋଡ଼ରେ ଠିଆ ହୋଇପାରିଛନ୍ତି। କୃଷି ଋଣଠାରୁ ଆରମ୍ଭକରି ବିଭିନ୍ନ ଯୋଜନା ଓ ଉଦ୍ୟୋଗ କରି ମହିଳାମାନେ ସ୍ୱାବଲମ୍ବୀ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ପ୍ରଭାସ ରଞ୍ଜନ ମିଶ୍ରଙ୍କ ସମେତ ହଜାର ହଜାର ମହିଳା ଯୋଗଦେଇ ଥିଲେ।

ବିଶ୍ୱ ମାନବାଧିକାର ଦିବସ ପାଳିତ

ଢେଙ୍କାନାଳ, ୧୦।୧୨(ସମିସ): ଉଫୁନା ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ସର୍ବ ଭାରତୀୟ ଉପସଭାପତି ଆଡ୍‌ଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କୌଣସି ମଣିଷ ଜୀବିକା ଓ ଜୀବନ ନିର୍ବାହ କରୁଥିବା ସମୟରେ ଯଦି ସେ ମାନସିକ, ଶାରିରୀକ ଓ ଅର୍ଥନୈତିକ ଦୃଷ୍ଟିରୁ ଚାପର ସମ୍ମୁଖୀନ ହେଲା ତାହା ମାନବିକ ଅଧିକାର କ୍ଷୁର୍ଣ୍ଣ ହେଉଛି ବୋଲି ବୁଝିବାକୁ ହେବ। ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂର୍ବତନ ସିବିଆଇ ଜଜ୍ ଭିକାରୀଚରଣ ରାଉତ କହଛନ୍ତି ଯେ, ରଷିଆ ଓ ୟୁକ୍ରେନ ଆକ୍ରମଣ ଦ୍ୱାରା ସାଧାରଣ ଲୋକ ମୃତ୍ୟୁବରଣ କରୁଛନ୍ତି ଏବଂ ଏହି ଆକ୍ରମଣ ଦ୍ୱାରା ୟୁକ୍ରେନ୍ ଜନସାଧାରଣଙ୍କର ମାନବାଧିକାର ଉଲଂଘିତ ହେଉଛି। ଡାକ୍ତର ରୋଗିକୁ ବିନା ପଇସାରେ ଚିକିତ୍ସା

କରିବା ପାଇଁ ଯଦି ମନାକରନ୍ତି ତେବେ ଏହା ମାନବିକ ଅଧିକାରକୁ ଉଲଙ୍ଘନ କରାଯାଉଛି ବୋଲି ପରିବେଶବିତ୍ ଉପେନ୍ଦ୍ର ରାଉତ କହିଥିଲେ। ଏଥିରେ ବକ୍ତାମାନେ ମାନବାଧିକାରର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଡ. ପ୍ରମୋଦ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଫୁନାର ସାଧାରଣ ସମ୍ପାଦକ କବି ବାହାଦୂର ପାଟସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକୃତିକ ଚିକିତ୍ସା କେନ୍ଦ୍ରର ପରିଚାଳକ ପୀତବାସ ସାହୁ, ଜଂ ଯୁଧିଷ୍ଠିର ସାହୁ, ଜଂ ଡମ୍ବରୁଧର ପଣ୍ଡା, ଗୋକୁଳଚନ୍ଦ୍ର ପଣ୍ଡା, ଚିତ୍ତରଞ୍ଜନ ମହାନ୍ତି, ପ୍ରଫେସର ବିଶ୍ୱନାଥ ମହାପାତ୍ର, ପ୍ରଫେସର କ୍ଷୀରୋଦ ନାୟକ, ଦେବ ମିଶ୍ର, ଲକ୍ଷ୍ମୀଧର ଶତପଥୀ ଓ ତରୁଣ କୁମାର ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଚିତ୍ରାନନ୍ଦ ମହାନ୍ତି ଏବଂ ଜଂ ଅବିନାଶ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ଜଙ୍ଗଲ ପାଲଟିଛି ଅଁଳାବେରେଣୀ ବନ୍ୟା କାର୍ଯ୍ୟାଳୟ

ପଣ୍ଡୁଆ, ୧୦।୧୨(ସମିସ): କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ଅଁଳାବେରେଣୀ ସ୍ଥିତ ସହକାରୀ ଯନ୍ତ୍ରୀ ବନ୍ୟା ସେକ୍ସନ କାର୍ଯ୍ୟାଳୟ ବନ୍ଦ ହୋଇପଡ଼ିବାରୁ ଜଙ୍ଗଲ ସଦୃଶ୍ୟ ହୋଇଛି। ଦୀର୍ଘ ୪୦ ବର୍ଷ ଧରି ଏଠାରେ କାର୍ଯ୍ୟାଳୟ ହୋଇଥିବା ବେଳେ ଅନେକ ଉନ୍ନୟନ କାର୍ଯ୍ୟକ୍ରମ ହେଉଥିଲା। କାମାକ୍ଷାନଗର-ଢେଙ୍କାନାଳ ରାସ୍ତା ପାର୍ଶ୍ୱରେ କୁସୁମଯୋଡି ଗ୍ରାମ ପଞ୍ଚାୟତ ସମ୍ମୁଖରେ ଓ ଅଁଳାବେରେଣୀ ପଞ୍ଚାୟତ ଅଧୀନରେ ଥିଲେ ମଧ୍ୟ ଉକ୍ତ କାର୍ଯ୍ୟାଳୟ କାହାର ଦୃଷ୍ଟିଗୋଚର ହେଉନାହିଁ। ଅନେକ ବନ୍ୟା ଓ ବାତ୍ୟା ଏହି କାର୍ଯ୍ୟାଳୟ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିଲେ ମଧ୍ୟ କାର୍ଯ୍ୟାଳୟଟି ରକ୍ଷଣାବେକ୍ଷଣ ଅଭାବରୁ ଜଙ୍ଗଲ ହୋଇଛି। ତୁରନ୍ତ ବନ୍ୟା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

ବିଜେପି କୃଷକ ମୋର୍ଚ୍ଚାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ

ଢେଙ୍କାନାଳ,୧୦।୧୨(ସମିସ): ଢେଙ୍କାନାଳ ଭାରତୀୟ ଜନତା ପାର୍ଟି ଜିଲ୍ଲା କାର୍ଯ୍ୟାଳୟ ପରିସରରେ କୃଷକ ମୋର୍ଚ୍ଚାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କୃଷକ ମୋର୍ଚ୍ଚାର ଜିଲ୍ଲା ସଭାପତି ସହଦେବ ପୃଷ୍ଟି ଅଧ୍ୟକ୍ଷତା କରିଥିଲେ। କୃଷକ ମୋର୍ଚ୍ଚାର ରାଜ୍ୟ ସଭାପତି ମହେଶ୍ୱର ସାହୁ ଏବଂ ମୁଖ୍ୟଅତିଥି ଭାବରେ ଭାଜପା ଜିଲ୍ଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ପୂର୍ବତନ ଭୁବନ ବ୍ଲକ ଅଧ୍ୟକ୍ଷ ତଥା ଢେଙ୍କାନାଳ ଲୋକସଭା କ୍ଷେତ୍ରର ସଂଯୋଜକ ପ୍ରେମାନନ୍ଦ ଜେନା, କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ଉପସଭାପତି ତଥା ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ଭାଜପା ଜିଲ୍ଲା ସାଧାରଣ ସମ୍ପାଦକ ସୁନିଲ ଶର୍ମା ଯୋଗଦେଇ ଥିଲେ।

ରାଷ୍ଟ୍ରୀୟ ଲୋକ ଅଦାଲତ

୩୬୯ ମାମଲା ଫଇସଲା; ୨୩ ଲକ୍ଷ ୧୬ ହଜାର ଜରିମାନା ଆଦାୟ

ଢେଙ୍କାନାଳ, ୧୦।୧୨(ସମିସ)

ଢେଙ୍କାନାଳ ଜିଲ୍ଲାରେ ଥିବା ବିଭିନ୍ନ ଅଦାଲତରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଜଗଦିଶ ପ୍ରସାଦ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସିଭିଲ କୋର୍ଟ ପରିସରରେ ଏହି ଲୋକଅଦାଲତ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ସମସ୍ତ ଅଦାଲତରେ ମୋଟ ୩୬୯ ମାମଲାର ଫଏସଲା କରାଯାଇଥିବାର ଜଣାପଡ଼ିଛି। ସେଥିମଧ୍ୟରୁ ୨୪ଟି ଦୁର୍ଘଟଣା ଜନିତ, ୧୬ଟି ବିବାହ ଓ ପାରିବାରିକ ମାମଲା, ୫୬ଟି ଦେୱାନୀ ମାମଲା, ୨୮୮ଟି ଫୌଜଦାରୀ ମାମଲା ସହିତ ବ୍ୟାଙ୍କଗୁଡିକରେ ମାମଲା ସବୁ ଆପୋଷ ବୁଝାମଣା

ଭିତ୍ତିରେ ସମାଧାନ କରାଯାଇଛି। ବିଭିନ୍ନ ମାମଲାରେ ଜୋରିମାନା ଓ ବ୍ୟାଙ୍କ ଋଣ ଫଏସଲା ବାବଦକୁ ମୋଟ ୨୩ ଲକ୍ଷ ୧୬ ହଜାର ୫ ଟଙ୍କା ଆଦାୟ କରାଯାଇଛି। ଜିଲ୍ଲା ସିଭିଲକୋର୍ଟ ପରିସରରେ ଅନୁଷ୍ଠିତ ଲୋକଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ୍ ଡ. ଜୀବନଜ୍ୟୋତି ରଥ, ପାରିବାରିକ ଅଦାଲତର ବିଚାରପତି ସୂର୍ଯ୍ୟନାରାୟଣ ଦ୍ୱିବେଦୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଞ୍ଜଳୀ କୁମାରୀ ପାଢ଼ୀ, ବରିଷ୍ଠ ଦେୱାନୀ ବିଚାରପତି ସତରୂପା ଶତପଥୀ, ବରିଷ୍ଠ ଦେୱାନୀ ବିଚାରପତି ମହିଳା ଅଦାଲତର ସୁନିତା ରାଉତ, ଉପଖଣ୍ଡ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ସୁଦ୍ଧିରଞ୍ଜନ ଦାଶ, ପ୍ରଥମଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ସୁଧାଶ୍ରୀ ସୁରଝଳିଆ ପ୍ରମୁଖ ବିଭିନ୍ନ ଅଦାଲତଗୁଡ଼ିକର ପରିଚାଳନା କରିଥିଲେ। ଏହି ଲୋକ ଅଦାତଲରେ ଅତିରିକ୍ତ ଜିଲ୍ଲା ଜଜ୍ ଭିଜିଲାନ୍ସର ବିକ୍ରମ ପଟ୍ଟନାୟକ, ସିଭିଲକୋର୍ଟ ରେଜିଷ୍ଟ୍ରାର ଅଳକାନନ୍ଦା ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ତଥା ସ୍ଥାୟୀ ନିରନ୍ତର ଲୋକ ଅଦାଲତର ବିଚାରପତି ମମିତା ସାହୁ, ସରକାରୀ ଆଇନଜୀବୀ ପତିତପାବନ ମହାପାତ୍ର, କନ୍‌ସିଲିଏଟର ସ୍ଥାୟୀ ନିରନ୍ତର ଲୋକଅଦାଲତର ସୁଭାସିନି ମହାକୁଡ, ସ୍ଥାୟୀ ଏବଂ ନିରନ୍ତର ଲୋକଅଦାଲତକୁ ପରିଚାଳନା କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ପ୍ୟାନେଲ ଲୟର, ପିଏଲଭି, ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ସିଭିଲ କୋର୍ଟର ସମସ୍ତ କର୍ମଚାରୀ ଲୋକଅଦାଲତକୁ ସୁଚାରୁ ରୂପେ ପରିଚାଳନା କରିଥିଲେ।

ମାନପୁର କପ୍ କ୍ରିକେଟ୍: ଟେଣ୍ଟୋଲୋଇ ଚାମ୍ପିଅନ୍

ଓଡାପଡ଼ା, ୧୦।୧୨(ସସିମ): ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା ଅନ୍ତର୍ଗତ ମାନପୁର କ୍ରିକେଟ୍ ପଡ଼ିଆରେ ୟୁଥଷ୍ଟାର୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମାନପୁର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍‌ରେ ବଉଳିଗଡ଼ ଦଳକୁ ହରାଇ ଟେଣ୍ଟୋଲୋଇ

● ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା

ମଙ୍ଗରାଜପୁର ହରିଜନ ସାହି-ଠାକୁରପାଟଣା ରାସ୍ତାର ଶିଳାନ୍ୟାସ

ଆଳି, ୧୦।୧୨(ସମିସ): ଆଳି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ସଂସିଧା ପଞ୍ଚାୟତର ମଙ୍ଗରାଜପୁର ହରିଜନ ସାହି ନିକଟରୁ ଠାକୁରପାଟଣା ପର୍ଯ୍ୟନ୍ତ ରାସ୍ତାକୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରି ନୂତନ ରାସ୍ତା ନିର୍ମାଣ ନିମନ୍ତେ ଆଜି ଶୁଭ ଦେଇଛନ୍ତି ଶକ୍ତି, ଶିଳ୍ପ ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ। ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ନିମନ୍ତେ ୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏ ଅବସରରେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଆୟୋଜିତ ସଭାରେ ସନାତନ ମିଶ୍ର ସଭାପତିତ୍ୱ କରିଥିବାବେଳେ ମନ୍ତ୍ରୀ ପ୍ରତାପ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳର ଜନସାଧାରଣ କିପରି ଗମନାଗମନ କ୍ଷେତ୍ରରେ ଅଧିକରୁ ଅଧିକ ସୁବିଧା ପାଇବେ, ସେ ନେଇ ସରକାର ସଚେତନ ରହିଛନ୍ତି। ଆଗାମୀ ଦିନରେ ମଧ୍ୟ ଆହୁରି ଅନେକ ବିକାଶମୂଳକ କାର୍ଯ୍ୟ ସରକାର ହାତକୁ ନେଇଥିବା ଶ୍ରୀ ଦେବ ପ୍ରକାଶ କରିଛନ୍ତି। ଏହି ଶିଳାନ୍ୟାସ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଆଳି ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି କେଦାରନାଥ ବେହେରା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ପର୍ଯ୍ୟବେକ୍ଷକ ସବିତା ମହାପାତ୍ର, ସଂସିଧା ସରପଞ୍ଚ ଦୀପକ ଭୂୟାଁ, ସମିତିସଭ୍ୟା ମମତାରାଣୀ ଭୂୟାଁ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକ, ଜ୍ୟୋତିରଞ୍ଜନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସଭାରେ ଅଞ୍ଚଳର ଶତାଧିକ ଜନ ସାଧାରଣ ଉପସ୍ଥିତ ଥିଲେ।

ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ସମ୍ମାନିତ

ପଟ୍ଟାମୁଣ୍ଡାଇ, ୧୦।୧୨(ସମିସ): ଆନ୍ତର୍ଜାତିକ ମାନବାଧିକାର ଦିବସ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ମାନବାଧିକାର ପରିଷଦ ପକ୍ଷରୁ ଏକ ସଭା ପଟ୍ଟାମୁଣ୍ଡାଇ ଚୂନଢିଆସ୍ଥ ଆଡିଟୋରିଅମରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟକ୍ତିବିଶେଷ ଓ ସାମାଜିକ ଅନୁଷ୍ଠାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତା'ର ନିସ୍ୱାର୍ଥପର ସେବା ପାଇଁ ସମ୍ବର୍ଦ୍ଧିତ ହୋଇଛି। ଟ୍ରଷ୍ଟର ସଭାପତି ଦମନ ମହାନ୍ତି ଓ ଉପସଭାପତି ରଶ୍ମିରଞ୍ଜନ ବାରିକ ଅତିଥିଙ୍କଠାରୁ ମାନପତ୍ର ଓ ଟ୍ରଫି ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବ୍ୟକ୍ତିବିଶେଷଙ୍କ ମତାମତରେ ମାନବର ଅଧିକାର କିପରି ସାବ୍ୟସ୍ତ ହୋଇପାରିବ ଓ ଏହାର ନିୟମ କ'ଣ ଆଲୋଚନା ହୋଇଥିଲା। ଆଜିର କାର୍ଯ୍ୟକ୍ରମରେ ଡାକ୍ତର ବୀଣାପାଣି ଦାସ, ଶିବସୁନ୍ଦର ସ୍ୱାଇଁ, ଦେବାଶିଷ ତ୍ରିପାଠୀ, ପ୍ରଫୁଲ୍ଲ ଦାସ, କିଶୋର କୁମାର କୁଣ୍ଡୁ, ଶ୍ରୀମତୀ ସସ୍ମିତା ଦାସ ପ୍ରମୁଖ ଯୋଗଦାନ କରିଥିଲେ। ନାରାୟଣ ସାହୁ ମଞ୍ଚ ପରିଚାଳନା କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ସଭାପତି ପ୍ରତାପ ଚନ୍ଦ୍ର ପାଢ଼ୀ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ଥିଲେ।

ଖାଉଟି ଅଧିକାର ଓ ଦାୟିତ୍ୱ ସମ୍ବନ୍ଧୀୟ କର୍ମଶାଳା

'ସଚେତନ ହେଲେ ଠକେଇର ଶିକାର ହେବେନି'

କେନ୍ଦ୍ରାପଡ଼ା, ୧୦।୧୨(ସମିସ)

ଗ୍ରାହକ ସଚେତନ ହେଲେ କୌଣସି ବ୍ୟବସାୟୀ ଠକି ପାରିବନି। କିଛି କମ୍ପାନୀ ଅଥବା ବ୍ୟବସାୟୀ ଗ୍ରାହକଙ୍କୁ ଠକିବା ପାଇଁ ନକଲି ବିଜ୍ଞାପନ, ନକଲି ଉପହାର, ହୋର୍ଡିଂ ଇତ୍ୟାଦି ବ୍ୟବହାର କରି ଆକୃଷ୍ଟ କରିଥା'ନ୍ତି। ଏହି ସାମଗ୍ରୀ କିଣିବା ପରେ ଗ୍ରାହକଟି ଠକାମୀର ଶିକାର ହୋଇଥାଏ। ଠକେଇର ଶିକାର ହେବା ପରେ ମୁଣ୍ଡରେ ହାତ ଦେଇ ବସିଥାଏ। ହେଲେ ଯେଉଁ ସାମଗ୍ରୀ ଗ୍ରାହକଟି କିଣିଛି ଉପଯୁକ୍ତ ଫୋରମରେ ଅଭିଯୋଗ କଲେ ଉଚିତ ନ୍ୟାୟ ପାଇପାରିବ ବୋଲି ସ୍ଥାନୀୟ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ଖାଉଟି ଅଧିକାର ଓ ଦାୟିତ୍ୱ ସମ୍ବନ୍ଧୀୟ ଏକ ରାଜ୍ୟସ୍ତରୀୟ କାର୍ମଶାଳାରେ ଏହା ମତପ୍ରକାଶ ପାଇଛି। ଗ୍ରାହକମାନଙ୍କୁ ଠକେଇରୁ ସୁରକ୍ଷା ଦେବାକୁ ସଚେତନ କରିବାକୁ ଏହା ଏକ ପ୍ରୟାସ ବୋଲି କୁହାଯାଇଛି। ଅତ୍ୟଧିକ ମୂଲ୍ୟ ଦେଇ ନିମ୍ନମାନର ସାମଗ୍ରୀ କିଣିବା, ନିମ୍ନମାନର ସାମଗ୍ରୀ ବିକ୍ରି ବ୍ୟବସାୟୀ ପ୍ରତାରଣା କରିବା, ସାମଗ୍ରୀ ନିମ୍ନମାନର ପରେ ମୂଲ୍ୟ ନ ଫେରାଇବା ଭଳି ସମସ୍ୟା ଉପୁଜେ ତେବେ ଗ୍ରାହକ ଫୋରମରେ ଅଭିଯୋଗ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ଫୋରମରେ କୌଣସି ଦୋକାନୀ କିମ୍ବା କମ୍ପାନୀ ବିରୋଧରେ ଅଭିଯୋଗ କରିହେବ। ଯାହା ଏବେ ଘରେ ବସି ଅନଲାଇନ ମାଧ୍ୟମରେ ଅଭିଯୋଗ କରିହେବ ବୋଲି କୁହାଯାଇଛି। ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆପଣଙ୍କ ଅଭିଯୋଗର ସମାଧାନ କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ମଧ୍ୟ ରହିଛି। ଆଜିର ଉକ୍ତ କର୍ମଶାଳାରେ ଖାଉଟି ଅଧିକାର ସଂଗଠନର ରାଜ୍ୟ ସଭାପତି ଙ୍କ ବିକ୍ରମ କେଶରୀ ରାଉତରାୟ ଓ ଜିଲ୍ଲା ଖାଉଟି ଅଦାଲତର ସଭାପତି ପ୍ରଭାତ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ସୁଜିତ କୁମାର ମହାନ୍ତି କର୍ମଶାଳା ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରବୀନ୍ଦ୍ର କୁମାର ବଳ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ।

ଏ ଅବସରରେ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟର ବାର୍ଷିକ ପତ୍ରିକା 'କନଭରଜେନସ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉକ୍ତ ସଭାରେ ଖାଉଟି ଅଧିକାର ସଂଗଠନର ବିଭିନ୍ନ ଆଇନଗତ ଦିଗ ଓ ଖାଉଟିମାନେ ଦୈନନ୍ଦିନ ଜୀବନରେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଥିବା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ଜିଲ୍ଲା ଖାଉଟି ଅଧିକାର ସଂଗଠନର ସଭାପତି ଙ୍କ ବିକ୍ରମ କେଶରୀ ରାଉତରାୟ ଓ ଜିଲ୍ଲା ଖାଉଟି ଅଦାଲତର ସଭାପତି ପ୍ରଭାତ କୁମାର ପାଢ଼ୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଭାଗବତ ବାବୁଙ୍କ ଗୁଣାବଳି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ବକ୍ତାମାନେ ଭାଗବତ ବାବୁଙ୍କ ନିଜର ସୁଚିନ୍ତିତ ମତବ୍ୟକ୍ତ କରିବାକୁ ଯାଇ କହିଥିଲେ, ଭାଗବତ ବାବୁ ଜଣେ ବ୍ୟକ୍ତି ନ ଥିଲେ, ଜଣେ ଅନୁଷ୍ଠାନ ଥିଲେ। ତାଙ୍କ ଉଦ୍ୟମରେ ଆୟବା ସରକାରୀ ବିଜ୍ଞାନ ମହାବିଦ୍ୟାଳୟ, ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ, ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ଓ ବାଇପାସ ରାସ୍ତା ନିର୍ମାଣ କରାଯାଇଥିଲା। ଏ ଅବସରରେ ନିଶା ନିବାରଣ ସମ୍ବନ୍ଧରେ ପ୍ରଚାର ଦସ୍ତଖତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ବରିଷ୍ଠ ଅଧ୍ୟାପକ କଳିଙ୍ଗ କେଶରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସଭାରେ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପକ, ସାମ୍ବାଦିକ, ଆଇନଜୀବୀ ଓ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତି ଅନୁଷ୍ଠାନ ପରିଚାଳନା ପରିଷଦର ସମସ୍ତ ସଭ୍ୟସଭ୍ୟା, ଛାତ୍ରଛାତ୍ରୀ, ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇଥିଲେ।

କଳିଙ୍ଗ ମିଡିଆ ସର୍ଭିସେସ୍ ପକ୍ଷରୁ ସାମ୍ବାଦିକ ସମ୍ବର୍ଦ୍ଧିତ

ରାଜନଗର, ୧୦।୧୨(ସମିସ): ରାମକୃଷ୍ଣ କୁଟୀର ଓ କଳିଙ୍ଗ ମିଡିଆ ସର୍ଭିସେସ ମିଳିତ ଆନୁକୂଲ୍ୟରେ ଶିଶୁ ଅଧିକାର ଆଲୋଚନାଚକ୍ର ଓ ପୁସ୍ତକ ଲୋକାର୍ପଣ ଉତ୍ସବ କଟକ ବଙ୍ଗାଳିସାହିଠାରେ ଅନୁଷ୍ଠିତ ହୋଇଯାଇଛି। ଡଃ. ସତ୍ୟ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡଃ. ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଯୋଗଦେଇ ଶିଶୁ ଅଧିକାର ବିନା ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ଅସମ୍ଭବ ବୋଲି ପ୍ରକାଶ କରିବା ସହିତ ଶିଶୁ ଅଧିକାରକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବା ନେଇ ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ସୂଚନା କମିଶନର ତଥା ସିୱାଇଏସଡିର ପ୍ରତିଷ୍ଠାତା ସଦସ୍ୟ ଜଗଦାନନ୍ଦ ଶିଶୁର ସାମଗ୍ରିକ ବିକାଶ ସମ୍ବନ୍ଧରେ ଆଲୋଚନା କରିଥିଲେ। ଏ ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୁବ ସାମ୍ବାଦିକ ସୂର୍ଯ୍ୟନାରାୟଣ ଲେଙ୍କାଙ୍କୁ କଳିଙ୍ଗ ଟ୍ରଫି ମୁଖ୍ୟ ଅତିଥି ଡଃ ଷଡଙ୍ଗୀ ପ୍ରଦାନ କରିଥିଲେ। ଏହି କୃତିତ୍ୱ ପାଇଁ ରାଜନଗର ପ୍ରେସ କ୍ଲବ, ବୁଦ୍ଧିଜୀବୀ, ଶିକ୍ଷାବିତଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇବା ସହ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

'ସତୀର୍ଥ'ର ନବମ ବାର୍ଷିକ ସାରସ୍ୱତ ସମାରୋହ

ନିକିରାଇ, ୧୦।୧୨(ସମିସ): ସାଂସ୍କୃତିକ ଅନୁଷ୍ଠାନ ସତୀର୍ଥର ନବମ ବାର୍ଷିକ ସାରସ୍ୱତ ଉତ୍ସବ କୋରୋସ୍ଥ ଗଣକବି ଗୋପାଳ ଦାଶ ମଞ୍ଚଠାରେ ସଭାପତି ଅମର ପ୍ରସାଦ ରାଉତଙ୍କ ପୌରହିତରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଡ. ବୈଷ୍ଣବ ସାମଲ ଏବଂ ମୁଖ୍ୟ ବକ୍ତା ଭାବେ ପ୍ରଫେସର ବବ୍ରୁବାହନ ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ପ୍ରଫେସର ନିର୍ମଳ ବିଶ୍ୱାଳ, ଗବେଷୀକା ଶାଶ୍ୱତୀ ସୌମ୍ୟା ମିଶ୍ର ଯୋଗ ଦେଇଥିଲେ। ଅତିଥିମାନେ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପ୍ରତାପ ପତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ମନ୍ମଥନାଥ ବରାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ସାହିତ୍ୟ ଶତାବ୍ଦୀର କଥାକହେ, ସାହିତ୍ୟ ସାମାଜିକଚିତ୍ର ଓ ବିଧି ବ୍ୟବସ୍ଥାର ଉନ୍ମେଷ ତଥା ଉତ୍ତରଣ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସତୀର୍ଥର ବାର୍ଷିକ ସଂଖ୍ୟା ଅତିଥିଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା। ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର, ବରିଷ୍ଠ କବି ଅପର୍ଣ୍ଣା ମହାନ୍ତି, ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ବବ୍ରୁବାହନ ମହାପାତ୍ରଙ୍କୁ ଆନୁଷ୍ଠାନିକ ସମ୍ବର୍ଦ୍ଧିତ କରାଯାଇଥିଲା। କବିତାପାଠ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେରେ ଡ. ଶ୍ରୀଧର ସାମଲ ମୁଖ୍ୟ ଏବଂ ମୁଖ୍ୟବକ୍ତା ଭାବରେ କବି ହେମନ୍ତ ରାଉତ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଶୈଳଜା ସାମଲ, ନିରୁପମା ବଳ, ସ୍ୱପ୍ନାଂଶୁ ଦାସ ଏବଂ ସତୁରାରୁ ଊର୍ଦ୍ଧ୍ୱ କବି ଯୋଗ ଦେଇଥିଲେ। କବିଶୈଳଜା ସାମଲ, ଚାରୁଲତା ଭୂୟାଁ, ନିକୁଞ୍ଜ ପୃଷ୍ଟି, କବିତା ସଂଯୋଜନା କରିଥିଲେ। ମହେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଭାଗବତ ଷଡଙ୍ଗୀ, ଚକ୍ରଧର ସେଠୀ, ଫଗୁ ସ୍ୱାଇଁ, ଚେତନ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଗୀତା ଭାଗବତ ଟୁଙ୍ଗିର ବାର୍ଷିକ ଉତ୍ସବ

ରାଜନଗର, ୧୦।୧୨(ସମିସ): ରାଜନଗରସ୍ଥ ଜଗତଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ସେବାଶ୍ରମରେ ଗୀତା ଭାଗବତ ଟୁଙ୍ଗୀର ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏକ ସପ୍ତାହ ବ୍ୟାପି ଚାଲିଥିବା ଉତ୍ସବରେ ପ୍ରତ୍ୟେକ ଦିନ ଶ୍ରୀମଦ୍ ଭାଗବତ ପାରାୟଣ, ଭଜନ କୀର୍ତ୍ତନ ହେବା ସହିତ ସନ୍ଧ୍ୟାରେ ପ୍ରବଚନ ସଭା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ କରମଳା ଶାନ୍ତିଧାମର ପୂଜ୍ୟ ବାବାଜୀ ଶ୍ରୀନିବାସ ଦାସ, ବାବାଜୀ ଦୟାନିଧି ଦାସ, ବାବାଜୀ ଆନନ୍ଦ ଦାସ, ବାବାଜୀ ଜଗବନ୍ଧୁ ଦାସ, ବାବାଜୀ ଆତ୍ମାରାମ ଦାସ, କଳ୍ପତରୁ ଆଶ୍ରମର ବାବାଜୀ ସଚ୍ଚିଦାନନ୍ଦ ଦାସ, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ପଣ୍ଡିତ ପ୍ରଫୁଲ୍ଲ କଣ୍ଡ, ପଣ୍ଡିତ ହର କୁମାର ମିଶ୍ର, ସୂର୍ଯ୍ୟନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ହରିକଥା ଶୁଣାଇଥିଲେ। ଶେଷ ଦିନରେ ଶ୍ରୀଶ୍ରୀ ଠାକୁରଙ୍କ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସେବକ ଅଭୟ ଦାସ ପରିଚାଳନା କରିଥିବାବେଳେ ରାଜନଗର ଆଞ୍ଚଳିକ ଭକ୍ତ ଗୋଷ୍ଠୀର ଗୁରୁଭାଇ ଓ ଗୁରୁଭଉଣୀ ସହଯୋଗ କରିଥିଲେ। ଏହି ଉତ୍ସବରେ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

ରାଜ୍ୟସ୍ତରୀୟ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ | ମାରୁ ଟିମ୍‌କୁ ହରାଇ କୁଜଙ୍ଗ ବିଜୟୀ

ଡେରାବିଶ, ୧୦।୧୨(ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଜୟଦୁର୍ଗା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ୨୫ତମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି।

ଉଦ୍‌ଘାଟନୀ ମ୍ୟାଚ୍‌କୁ ବିଜେଡି ନେତା ପ୍ରାଧ୍ୟାପକ ଅଜୟ କୁମାର ରାଉତ ଉଦ୍‌ଘାଟନ କରିଥିଲେ। କ୍ୱାଟର ଫାଇନାଲ୍‌ର ପ୍ରଥମ ମ୍ୟାଚ୍‌ରେ କଟକ ଜିଲ୍ଲାର ମାରୁ ଫୁଟବଲ୍ ଟିମ୍ ଓ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ଆଥଲେଟିକ୍ ଆସୋସିଏସନ୍ ପରସ୍ପରକୁ ଭେଟିଥିଲେ। ଉଭୟ ଦଳ ଏକ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିବାବେଳେ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ପରେ ଟାଇବ୍ରେକ୍‌ର ମାଧ୍ୟମରେ କୁଜଙ୍ଗ ଟିମ୍ ବିଜୟ ଲାଭ କରିଥିଲେ। ଆୟୋଜିତ ସଭାରେ ଆସୋସିଏସନ୍‌ର ସଭାପତି ନୃସିଂହ ଚରଣ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଉଦ୍‌ଘାଟକ ସମାଜସେବୀ ଅଜୟ ରାଉତ ଯୋଗଦେଇ ଥିଲେ। ଏହି ସଭାରେ ମୁଖ୍ୟବକ୍ତା ଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ଓ ସମ୍ମାନିତ ଅତିଥିଭାବେ ସମାଜସେବୀ ଗୋଲଖ ସ୍ୱାଇଁ, ସୁଜିତ ସାମନ୍ତରାୟ, ବାବୁଲି ସ୍ୱାଇଁ ଓ ଯୁଗଳ ମହାନ୍ତି ପ୍ରମୁଖ ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ।

ଏହି ମ୍ୟାଚ୍‌ରେ ଅମ୍ପାୟର ଭାବେ ସୁଶାନ୍ତ ବିଶ୍ୱାଳ, ରିଆଜ୍ କାଦରି, ଅକ୍ଷୟ ହେମ୍ବ୍ରମ୍ ଓ ସୁଶାନ୍ତ ସାହୁ ଖେଳ ପରିଚାଳନା କରିଥିବା ବେଳେ ବିଶ୍ୱରଞ୍ଜନ ସାମଲ ମ୍ୟାଚ୍‌ର ଧାରାବିବରଣୀ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମାରୁ କମ୍ପାନୀ ତରଫରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମ୍ୟାଚ୍‌କୁ ଆଥଲେଟିକ୍ ଆସୋସିଏସନ୍‌ର ସଦସ୍ୟ ଅଞ୍ଜନ ମହାନ୍ତି, ରାମଚନ୍ଦ୍ର ସେଠୀ, ଶରତ ବେହେରା, କୈଳାସ ଲେଙ୍କା, କାଳନ୍ଦି ଦାସ, ଅଲେଖ ବେଜ, ନଟବର ସେଠୀ ଓ ଜଗବନ୍ଧୁ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ସାପ କାମୁଡ଼ାରେ ମୃତ ଚାଷୀଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା

ରାଜନଗର, ୧୦।୧୨(ସମିସ): ରାଜନଗର ଥାନା ଅନ୍ତର୍ଗତ କଣ୍ଡିରା ପଞ୍ଚାୟତ ବଳରାମପୁର ଗାଁର ଯୁବଚାଷୀ ପ୍ରମୋଦ କୁମାର ସ୍ୱାଇଁ (୩୯ ବର୍ଷ) ଚଳିତ ମାସ ୮ ତାରିଖ ଦିନ ୧୧ଟା ବେଳେ ବିଲରେ ଧାନ କାଟୁଥିବାବେଳେ ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିଲେ। ସାପ କାମୁଡିବା ପରେ ପ୍ରମୋଦ ଚିତ୍କାର କରିବାରୁ ପାଖ ବିଲରେ ଧାନ କାଟୁଥିବା ଚାଷୀମାନେ ପ୍ରମୋଦଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକେ ବିଧାୟକ ଧ୍ରୁବ ସାହୁଙ୍କୁ ଜଣାଇଥିଲେ। ବିଧାୟକ ଶ୍ରୀ ସାହୁ ଏନେଇ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ଆଜି ବିଧାୟକ ଶ୍ରୀ ସାହୁଙ୍କ ଉପସ୍ଥିତିରେ ଆରଆଇ ସନ୍ଦୀପ କୁମାର ମାଡାଙ୍ଗୀ ମୃତ ପ୍ରମୋଦଙ୍କ ପରିବାର ଲୋକଙ୍କୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

'ରେରା'ର ଅପାରଗତା
ବିଲ୍‌ଡରଙ୍କ ମାୟାଜାଲରେ ଛଟପଟ କ୍ରେତା

ଭୁବନେଶ୍ୱର,୧୦।୧୨(ସମିସ): ସୁଧାକର ସାହୁ। ବୟସ ୬୧ ପୂରି ୬୨ ଛୁଇଁଲାଣି। ଦୁଇ ବର୍ଷ ତଳେ ସରକାରୀ ଚାକିରିରୁ ଅବସର ନେଇଛନ୍ତି। ପୁଅ-ବୋହୂ ବେଙ୍ଗାଲୁରୁରେ ରହିବା ପରେ ଭାବିଥିଲେ, ଆଉ ଗାଁକୁ ନ ଫେରି ପତ୍ନୀଙ୍କ ସହ ଏଇ ଭୁବନେଶ୍ୱରରେ କୋଉଠି ଗୋଟେ ମୁଣ୍ଡ ଗୁଞ୍ଜିବେ। ପୁଅ-ବୋହୂ ବୁଲିବାକୁ ଆସିଲେ, ସେମାନଙ୍କୁ ବି ଆଉ ୧୦୦ କି.ମି ଅଧିକ ଦୌଡ଼ିବାକୁ ପଡ଼ିବନି। ଏଇୟା ଚିନ୍ତା କରି ସୁଧାକର ଅବସର ପରେ ମିଳିଥିବା ପି.ଏଫ୍, ଗ୍ରାଚ୍ୟୁଇଟି ପଇସା ସହ ପୁଅଠାରୁ ୮ଲକ୍ଷ ଆଣି ପଟିଆରେ ଏକ ୩-ବିଏଚ୍‌କେ ଫ୍ଲାଟ୍ କିଣିଥିଲେ। ଘର କିଣିବା ବେଳେ ବିଲଡର୍ ସଂସ୍ଥା କେତେ କ'ଣ ସୁନେଲି ସ୍ୱପ୍ନ ଦେଖାଇ ତାଙ୍କଠାରୁ ଦେଢ଼ କୋଟି ଟଙ୍କା ନେଇଯାଇଥିଲା। କିନ୍ତୁ ନୂଆ ଘରେ ରହିବାକୁ ବର୍ଷଟିଏ ବିତିନି, ସମସ୍ୟା ଏତେ ଯେ ସୁଧାକର ଏବେ ନାକରେ କାନ୍ଦୁଛନ୍ତି। କୋଉଠି ଘରର ରଙ୍ଗ ଛାଡ଼ିଗଲାଣି ତ କୋଉଠୁ ପାଣି ଜକେଇଲାଣି। ଗାଧୁଆ ଘରୁ ପାଣି ଯିବାକୁ ୧୦ ମିନିଟ୍ ଲାଗୁଛି। ଦୁଇ ଦିନ ତଳେ ଆସିଥିବା ମେକାନିକ୍ ବି କାନ୍ଥର ଅବସ୍ଥା ଦେଖି କାନ୍ଥରେ ଟିଭି ଲଗାଇବାକୁ ମନା କରିଦେଇଗଲା। ଘର ତ ଘର, ଆପାର୍ଟମେଣ୍ଟର ସୋସାଇଟି ଅବସ୍ଥା ବି ତଦ୍ରୂପ। ଖାଲି ସୁଧାକର ନୁହେଁ, ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଘରଟିଏ କିଣିବା ପାଇଁ ବିଲ୍ଡରଙ୍କ ହାତରେ ଜୀବନଯାକର ସଞ୍ଚିତ ପୁଞ୍ଜି ଟେକି ଦେଉଥିବା ଏମିତି ହଜାର ହଜାର ଲୋକ ଏବେ ଅନୁତାପ ଓ ଅନୁଶୋଚନାରେ କାଳ କାଟୁଛନ୍ତି। ଆଉ ଏସବୁ ପାଇଁ କିଛି ଶଠ ବିଲଡର୍ ଦାୟୀ।

କୋଟି କୋଟି ଟଙ୍କା ନେବା ପରେ ବ ସେମାନେ ଗ୍ରାହକଙ୍କ ସ୍ୱାର୍ଥକୁ ଆଡ଼ ଆଖିରେ ଚାହୁଁନାହାନ୍ତି।

ଗୃହ ନିର୍ମାଣ କ୍ଷେତ୍ରରେ ବିଭିନ୍ନ ସାମଗ୍ରୀର ଗୁଣବତ୍ତାକୁ ଆଦୌ ଗୁରୁତ୍ୱ ଦେଉନାହାନ୍ତି। କ୍ରେତାଙ୍କ ମନପସନ୍ଦ ଓ ସାମଗ୍ରୀର ମାନ ପ୍ରତି ଦୃଷ୍ଟି ନ ଦେଇ ମନଇଚ୍ଛା ନିର୍ମାଣ ସାମଗ୍ରୀ ବ୍ୟବହାର କରୁଛନ୍ତି। ଏମିତିକି ଅନେକ ଆପାର୍ଟମେଣ୍ଟ ବା ବିଲ୍ଡିଂରେ ଆବଶ୍ୟକ ଭିତ୍ତିଭୂମି ମଧ୍ୟ ଯୋଗାଉନାହାନ୍ତି। ଘର ବିକ୍ରି ସମୟରେ କେତ୍ରାଙ୍କୁ ଦିଆଯାଉଥିବା ପ୍ରତିଶ୍ରୁତି ପାଣିର ଗାର ସାଜୁଥିଲେ ମଧ୍ୟ ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ (ରେରା) ପକ୍ଷରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନର ବ୍ୟବସ୍ଥା କରାନଯିବା ସେମାନଙ୍କୁ ପ୍ରୋତ୍ସାହିତ କରୁଛି। ଫଳରେ ଅଧିକରୁ ଅଧିକ ଲୋକ ବିଲ୍‌ଡରଙ୍କ ମାୟାଜାଲରେ ପଡ଼ି ଶୋଷଣର ଶିକାର ହେଉଛନ୍ତି।

ରାଜ୍ୟରେ ବିଶେଷକରି ଭୁବନେଶ୍ୱରରେ ଏଭଳି ଘଟଣା ଯୋଗୁଁ ଅନେକ ଗୃହ କ୍ରେତା ନିଜର ବିଲ୍ଡରଙ୍କ ଉପରେ ଅସନ୍ତୋଷ ଜାହିର କରୁଥିବା ବେଳେ ଶହ ଶହ ଅଭିଯୋଗ ମଧ୍ୟ ରହିଛି। ଗୃହ କ୍ରୟ ପାଇଁ ଚୁକ୍ତି ବେଳେ ବିଲ୍ଡରମାନେ ଭଳିକି ଭଳି ଘୋଷଣା ସହ ବ୍ରୋଚିୟର୍ ପ୍ରଦାନ କରୁଛନ୍ତି। ଏହାସହିତ କେଉଁ କ୍ଷେତ୍ରରେ କେଉଁ ସାମଗ୍ରୀ ବ୍ୟବହାର କରାଯିବ ତାହା ମଧ୍ୟ କହୁଛନ୍ତି। ମାତ୍ର ଚୁକ୍ତି ପରେ ଏସବୁକୁ ଆଦୌ ଗୁରୁତ୍ୱ ଦିଆଯାଉନାହିଁ। ବିଲ୍ଡରଙ୍କୁ ସୁହାଇଲା ଭଳି ସାମଗ୍ରୀ ବ୍ୟବହାର କରାଯାଉଛି। ଯାହାଦ୍ୱାରା ଗ୍ରାହକମାନେ ସେମାନଙ୍କ ସ୍ୱପ୍ନର ଘରର ଗୁଣବତ୍ତାକୁ ନେଇ ସନ୍ଦିହାନ ଅବସ୍ଥାରେ ରହୁଛନ୍ତି।

ତେବେ ଏଭଳି ପ୍ରସଙ୍ଗକୁ ଗୁରୁତ୍ୱ ଦେଇ ମହାରାଷ୍ଟ୍ର 'ରେରା' ଦ୍ୱାରା ଏକ ସ୍ୱତନ୍ତ୍ର ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ କ୍ରେତାଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ମହାରାଷ୍ଟ୍ର 'ରେରା' 'କ୍ୱାଲିଟି ଅଡିଟ୍' ପାଇଁ ନିଷ୍ପତ୍ତି ନେଇଛି। ଏଥିପାଇଁ ଏକ ତୃତୀୟପକ୍ଷ ସଂସ୍ଥାକୁ ନିଯୁକ୍ତ କରିବା ସହ ବିଭିନ୍ନ ପକ୍ଷରେ ଗୁଣବତ୍ତା ଯାଞ୍ଚ ପାଇଁ ଯୋଜନା କରିଛି। ଏହି ଯୋଜନାରେ, ନିର୍ମାଣର ପ୍ରାରମ୍ଭିକ ପର୍ଯ୍ୟାୟରେ ଫାଉଣ୍ଡେସନ୍‌ର ଶକ୍ତି, ସର୍ଟ ସ୍ତମ୍ଭ, ଗ୍ରେଡ୍ ବିମ୍ ପରେ ସ୍ତମ୍ଭ, କାନ୍ଥ, ପାହାଚ ଏବଂ ପାରାପେଟ୍ ଇତ୍ୟାଦି ପାଇଁ ରହିଥିବା ମାନଦଣ୍ଡର ଅଡିଟ୍ କରାଯିବ। ସେହିପରି ଲିଭିଙ୍ଗ୍ ରୁମ୍, ଶୋଇବା ଘର, ଡାଇନିଂ ଏରିଆ, ବାଥରୁମ୍, ଲଫ୍ଟ, ବାଲକୋନି, ରୋଷେଇ ଘର ଇତ୍ୟାଦି ମଧ୍ୟ ଆବଶ୍ୟକ ମାପଚୁପକୁ ଗୁରୁତ୍ୱ ଦିଆଯିବ। ଖାଲି ସେତିକି ନୁହେଁ, ଆପାର୍ଟମେଣ୍ଟର ଛାତ ସହ ଶିଡ଼ି ଷ୍ଟେପ୍, ଶିଡ଼ି ରେଲିଂ, ବୈଦ୍ୟୁତିକ ବ୍ୟବସ୍ଥା, ପ୍ଲମ୍ବିଂ ଏବଂ ଜଳ ନିଷ୍କାସନ ପ୍ରଣାଳୀ ଆଦିର ଅଡିଟ୍ କରାଯିବ ଏହାର ଏକ ବିସ୍ତୃତ ରିପୋର୍ଟରେ ରେରା ନିକଟରେ ଦାଖଲ ହେବା ପରେ ବିଲ୍ଡରଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତି ଅନୁଯାୟୀ ଏସବୁ କାର୍ଯ୍ୟକାରୀ ହୋଇଛି କି ନାହିଁ, ତାହା ଯାଞ୍ଚ ହେବ। ଯଦି ଏଥିରେ ବିଲ୍ଡର କୌଣସି ନିୟମ ଖିଲାପ କରିଥା'ନ୍ତି, ତେବେ ଏହାକୁ ସଂଶୋଧିତ କରିବାକୁ ତାଙ୍କୁ ୧ ମାସର ମହଲତ ଦିଆଯିବ। ଏହା ପରେ ବି ସଂପୃକ୍ତ ବିଲ୍ଡର୍ ସଂସ୍ଥା ଆବଶ୍ୟକ ପଦକ୍ଷେପ ନ ନେଲେ, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

ମହାରାଷ୍ଟ୍ରରେ ଏଭଳି ନିଷ୍ପତ୍ତି ପରେ ଓଡ଼ିଶାରେ ଏଭଳି ନିୟମ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି। ଘଟଣା ସମ୍ପର୍କରେ ରେରା ଆକ୍ଟିଭିଷ୍ଟ ବିମଲେନ୍ଦୁ ପ୍ରଧାନ କହିଛନ୍ତି ଯେ ଗୃହକ୍ରେତାଙ୍କୁ ଗଣବତ୍ତାର ସହ ଘର ଯୋଗାଇଦେବା ରେରା ଅଧିନିୟମରେ ବ୍ୟବସ୍ଥା ରହିଛି। ମାତ୍ର ରେରା ଏହାକୁ କେତେ କାର୍ଯ୍ୟକ୍ଷମ କରୁଛି, ତାହା ବିଚାରଯୋଗ୍ୟ। ଶ୍ରୀ ପ୍ରଧାନଙ୍କ କହିବାନୁଯାୟୀ, ରେରା ପ୍ରଥମେ ନିଜର କ୍ଷମତା ଜାହିର କରିବା ଦରକାର ଓ ନିଜ ଅଞ୍ଚଳରେ ହେଉଥିବା ବେଆଇନ କାର୍ଯ୍ୟ ପାଇଁ କାର୍ଯ୍ୟାନୁଷ୍ଠାନ ନେବା ଦରକାର। ଏଭଳି ହେବା ପରେ ଲୋକେ ରେରା ସମ୍ପର୍କରେ ଅଧିକ ଅବଗତ ହେବେ ଓ କୌଣସି ବେଆଇନ କାର୍ଯ୍ୟ ହେଲେ 'ରେରା'ର ଦ୍ୱାରସ୍ଥ ହେବେ। ମାତ୍ର ବର୍ତ୍ତମାନ କିଛି ବିଲ୍ଡର୍ ଅନେକ ପ୍ଲଟ୍ ବା ପ୍ରକଳ୍ପ ରେରା ନିକଟରେ ପଞ୍ଜୀକରଣ ନ କରି ଏହାକୁ ବିକ୍ରି କରୁଛନ୍ତି ଏବଂ ଏହି ବେଆଇନ କାମକୁ ରୋକିବାରେ ରେରା ଅସମର୍ଥ ହେଉଛି। ତେଣୁ ବିଭିନ୍ନ ବିଭାଗ ସହ ରେରା ସମନ୍ୱୟ ରକ୍ଷା କରି ସବୁ ପ୍ରକଳ୍ପକୁ ନିଜ ଅଧିକ ଆଣିବା ପରେ ହିଁ କ୍ୱାଲିଟି ପାଇଁ ନିଷ୍ପତ୍ତି ନେଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

- ବ୍ରୋଚିୟରରେ ସୁନ୍ଦର, ଅସଲରେ ପୋଡ଼ା ଅଙ୍ଗାର
- ନିର୍ମାଣ ସାମଗ୍ରୀର ଗୁଣବତ୍ତାକୁ ଗୁରୁତ୍ୱ ଦେଉନାହାନ୍ତି ବିଲ୍ଡର
- ଓଡ଼ିଶାରେ ବି ଲାଗୁ ହେଉ ମହାରାଷ୍ଟ୍ର ଭଳି 'କ୍ୱାଲିଲି ଅଡିଟ୍'

■ କେନ୍ଦ୍ରମନ୍ତ୍ରୀଙ୍କ ଟିପ୍ପଣୀକୁ ବିଜେଡିର କଟାକ୍ଷ

ଓଡ଼ିଶାକୁ ଅପମାନିତ କରିବାକୁ ଅର୍ଦ୍ଧସତ୍ୟ କହୁଛନ୍ତି କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୦।୧୨(ସମିସ): ମହିଳା ବିରୋଧୀ ଅପରାଧକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମନ୍ତବ୍ୟକୁ କଡ଼ା ସମାଲୋଚନା କରିଛି ବିଜେଡି। କେନ୍ଦ୍ରମନ୍ତ୍ରୀ ଅର୍ଦ୍ଧସତ୍ୟ କହି ଓଡ଼ିଶାକୁ ଅପମାନିତ କରୁଛନ୍ତି। ଓଡ଼ିଶାରେ

ପଞ୍ଚାୟତ ନିର୍ବାଚନ, ପୌର ନିର୍ବାଚନ ଓ ଉପ ନିର୍ବାଚନରେ ବାରମ୍ବାର ପରାଜୟ ପରେ ହତୋତ୍ସାହିତ ନିଜ ଦଳର କର୍ମୀଙ୍କୁ ଉତ୍ସାହିତ କରିବାକୁ କେନ୍ଦ୍ରମନ୍ତ୍ରୀ ଉଦ୍ୟମ କରୁଛନ୍ତି ବୋଲି ବିଜେଡି ମୁଖପାତ୍ର ଡ. ଲେନିନ୍ ମହାନ୍ତି କହିଛନ୍ତି।

ଶଙ୍କ ଭବନରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଲେନିନ୍ କହିଛନ୍ତି ଯେ ଏନସିଆରବି ତଥ୍ୟ ସମସ୍ତଙ୍କ ପାଇଁ ଉପଲବ୍ଧ ଅଛି। ଅଭିଭାଷଣ ରଖିବା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଏହି ସମସ୍ତ ତଥ୍ୟ ଉପରେ ନଜର ପକାଇଥିଲେ ଭଲ ହୋଇଥାନ୍ତା। ଏନସିଆରବି ରିପୋର୍ଟ ଅନୁସାରେ ଦେଶରେ ମହିଳାମାନଙ୍କ ବିରୋଧରେ ସବୁଠାରୁ ବେଶି ଅପରାଧ ଘଟୁଛି ଉତ୍ତରପ୍ରଦେଶରେ। ଏହା ପଛକୁ ରହିଛି ରାଜସ୍ଥାନ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଭଳି ରାଜ୍ୟ। କେନ୍ଦ୍ରମନ୍ତ୍ରୀ ଯାହା ମନ୍ତବ୍ୟ ଦେଇଛନ୍ତି, ତାହାକୁ ଅନୁଶୀଳନ କଲେ ବିଜେପି ଶାସିତ ରାଜ୍ୟ ସରକାରଗୁଡ଼ିକ ଅପାରଗ ବୋଲି ପ୍ରମାଣିତ ହୋଇଛି। ଓଡ଼ିଶା ସରକାରଙ୍କ ଉପରେ ଅଯଥାରେ ଆଙ୍ଗୁଳି ଉଠାଇବା ଆଗରୁ ପ୍ରଥମେ ବିଜେପି ଶାସିତ ପ୍ରଦେଶଗୁଡ଼ିକରେ ସ୍ଥିତି ଉପରେ କେନ୍ଦ୍ରମନ୍ତ୍ରୀ ନଜର ପକାଇଥିଲେ ଭଲ ହୋଇଥାନ୍ତା। ନିଜ କର୍ମୀଙ୍କୁ ଉତ୍ସାହିତ କରିବା କିଛି ଭୁଲ୍ କଥା ନୁହେଁ, ହେଲେ ଏଥିପାଇଁ ଅର୍ଦ୍ଧସତ୍ୟ କହି ଓଡ଼ିଶାକୁ ଅପମାନିତ କରିବା ଠିକ୍ ନୁହେଁ ବୋଲି ଡ. ମହାନ୍ତି କହିଛନ୍ତି।

- ହତାଶ କର୍ମୀଙ୍କ ମନୋବଳ ବଢ଼ାଇବାକୁ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍ୟମ
- ଦୋଷ ଦେବା ପୂର୍ବରୁ ଏନ୍‌ସିଆର୍‌ବି ରିପୋର୍ଟ ପଢ଼ିବାକୁ ପରାମର୍ଶ
- ମହିଳା ନିର୍ଯାତନାରେ ଆଗୁଆ ଦେଶର ବିଜେପି ଶାସିତ ରାଜ୍ୟ

ସମୁଦ୍ର ଭିତରୁ ପରିବେଶ ସଚେତନତା

ମାଲଦ୍ୱୀପକୁ ବଞ୍ଚାଇବା ପାଇଁ ସଚେତନ କଲେ ବାପା-ଝିଅ

ଭୁବନେଶ୍ୱର, ୧୦।୧୨(ସମିସ): ଅଥଳ ନୀଳ ଜଳରାଶି ଭିତରେ ସମୁଦ୍ର ଭିତରୁ ପରିବେଶ ସଚେତନକୁ ନିଆରା ବାର୍ତ୍ତା ପ୍ରଦାନ କରିଛନ୍ତି ଓଡ଼ିଆ ବାପା-ଝିଅ ସ୍କୁବା ଡାଇଭର ଯୋଡ଼ି।

ସମ୍ବଲପୁର ମୂଳନିବାସୀ ପ୍ରିୟଦର୍ଶୀ ପାଣିଗ୍ରାହୀ ଓ ତାଙ୍କ ୧୩ବର୍ଷର ଝିଅ ତିସ୍ୟା ପାଣିଗ୍ରାହୀ ମାଲଦ୍ୱୀପରେ ସମୁଦ୍ର ଗର୍ଭର ୭୦ଫୁଟ୍ ଜଳବାୟୁ ପରିବର୍ତ୍ତନର ଆହ୍ୱାନକୁ ମୁକାବିଲାର ବାର୍ତ୍ତା ଦେଇଛନ୍ତି। ଦୁବାଇରେ ଜାରି ରହିଥିବା ସିଓପି-୨୮ ସମ୍ମିଳନୀରେ ବିଶ୍ୱର ପ୍ରମୁଖ ଦେଶର ପ୍ରତିନିଧିମାନେ ଭାଗ ନେଇ ଜଳବାୟୁ ପରିବର୍ତ୍ତନ ଓ ଏହାର ମୁକାବିଲା ପାଇଁ ମାନସମନ୍ଥନ କରୁଛନ୍ତି। ବିଶ୍ୱ ନେତୃତ୍ୱଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଏହି ଦୁଇ ଓଡ଼ିଆ ସ୍କୁବା ଡାଇଭର୍ ଏଭଳି ଅଭିନବ ପନ୍ଥା ଆପଣାଇଛନ୍ତି। ୟୁଏଇରେ ଏହି ବାପା ଝିଅ ସମୁଦ୍ର ପାଣି ଭିତରେ ହାତରେ ପ୍ଲା କାର୍ଡ ଧରିଥିବାବେଳେ ଗୋଟିଏରେ 'ସିଓପି-୨୮' ଓ ଅନ୍ୟଟିରେ 'ପ୍ଲିଜ୍ ୟୁନିଟ୍, ଆକ୍ଟ, ଡେଲିଭର୍' ଲେଖାର ବାର୍ତ୍ତା ଦେଇଛନ୍ତି।

ଉଭୟ ବାପା ଓ ଝିଅ ସ୍ୱୀକୃତିପ୍ରାପ୍ତ ସ୍କୁବା ଡାଇଭର୍। ପ୍ରିୟଦର୍ଶୀ ଦୁବାଇର ଜଣେ ବ୍ୟବସାୟୀ ହୋଇଥିବାବେଳେ ତାଙ୍କ ଜିଅ ତ୍ରିସା ସପ୍ତମ ଶ୍ରେଣୀରେ ପାଠ ପଢୁଛନ୍ତି। ବାପା-ଝିଅଙ୍କ ଯୋଡ଼ି ଦୀର୍ଘ ତିନିବର୍ଷ ଧରି ସ୍କୁବା ଡାଇଭିଙ୍ଗ କରୁଛନ୍ତି। ପ୍ରକାଶ ଥାଉ କି ନାସା ଏବଂ ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣର ଏକାଧିକ ରିପୋର୍ଟ ଅନୁଯାୟୀ, ପୃଥିବୀର ଉତ୍ତାପ ବଢ଼ିବା କାରଣରୁ ୨୦୫୦ ସୁଦ୍ଧା ମାଲଦ୍ୱୀପର ପ୍ରାୟ ୮୦ ପ୍ରତିଶତ ଲୋକ ବାସହୀନ ହୋଇପାରନ୍ତି। ଭାରତ ମହାସାଗରର ମଧ୍ୟଭାଗରେ ପ୍ରାୟ ୧୧୯୦ ପ୍ରବାହ ଦ୍ୱୀପପୁଞ୍ଜ ଭିତରେ ଏହି କ୍ଷୁଦ୍ର ଦେଶ ରହିଛି। ଏହା ବିଶ୍ୱର ତଳୁଆ ଦେଶ ହୋଇଥିବାବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମୁଦ୍ର ପତ୍ତନ ବୃଦ୍ଧି ହୋଇଚାଲିଛି। ତେଣୁ ମାଲଦ୍ୱୀପ ପାଇଁ ଆଗକୁ ବିପଦ ଘନାଉଛି। ପ୍ରକୃତିର କରାଳ ଗର୍ଭରୁ ମାଲଦ୍ୱୀପକୁ ବଞ୍ଚାଇବା ପାଇଁ ସେମାନେ ଏହି ବାର୍ତ୍ତା ଦେଇଛନ୍ତି।

■ ୨୪ କୋଟିର ଧାନ ନେଇ ୬ ମିଲର୍ସ ଚମ୍ପଟ

୧୪ବର୍ଷ ପରେ ବି ହୋଇପାରୁନି ଅସୁଲ

ନୂଆପଡ଼ା,୧୦।୧୨(ସମିସ): କର୍ପୋରେସନ୍ ଜରିଆରେ ସରକାର ଚାଷୀମାନଙ୍କଠାରୁ ଧାନ କିଣି ତାହାକୁ ଚାଉଳ କରିବା ପାଇଁ ମିଲର୍ସମାନଙ୍କୁ ଦେଇଥାନ୍ତି। ଏଥିପାଇଁ ମିଲର୍ସମାନଙ୍କୁ ଧାର୍ଯ୍ୟ କଷ୍ଟମ୍ ମିଲିଂ ଖର୍ଚ୍ଚ ଦିଆଯାଇଥାଏ। ଏହି ପ୍ରକ୍ରିୟା ଅନୁଯାୟୀ, ଧାନ ନେବା ପାଇଁ ମିଲର୍ସମାନେ କର୍ପୋରେସନ୍ ନିକଟରେ ସିକ୍ୟୁରିଟି ବାବଦକୁ କିଛି ଅର୍ଥ ଜମା କରିଥା'ନ୍ତି। ଉକ୍ତ ଜମା ଅର୍ଥର ୬ ଗୁଣା ଧାନ ସେମାନଙ୍କୁ କର୍ପୋରେସନ୍ ଯୋଗାଇ ଦେଇଥାଏ ଚାଉଳ କରିବା ପାଇଁ। ଏହାର ଫାଇଦା ନେଇ କିଛି ଅସାଧୁ ମିଲର୍ ୨୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଧାନ ନେଇ ମିଲ୍ ବନ୍ଦ କରି ରାତାରାତି ଗାୟବ୍ ହୋଇଯାଇଛନ୍ତି। ୨୦୦୯ରୁ ୨୦୧୮ ମସିହା ମଧ୍ୟରେ ଆଗଧାଡ଼ିର ୬ ମିଲର୍ସ ଏପରି ହରିଲୁଟ୍ କରିଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ମାମଲା ହୋଇଥିଲେ ହେଁ ଏପର୍ଯ୍ୟନ୍ତ କୌଣସି ମିଲର୍‌ଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ସେମାନଙ୍କୁ କାବୁ କରିବାରେ ପ୍ରଶାସନ ଆଜି ପର୍ଯ୍ୟନ୍ତ ସଫଳ ହୋଇପାରୁନାହିଁ। ପ୍ରଶାସନ ଡାଲେଡାଲେ ଗଲେ ମିଲର୍ସମାନେ ପତ୍ରେ ପତ୍ରେ ଯାଉଥିବା ଦେଖାଯାଉଛି।

ସୂଚନାନୁଯାୟୀ, ୨୦୧୨-୧୩ ଏବଂ ୨୦୧୩-୧୪ ମସିହାରେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ଜଡ଼ାମୁଣ୍ଡା ଗାଁରେ ଅବସ୍ଥାପିତ ଥିବା ଲିଙ୍ଗରାଜ ରାଇସ୍‌ମିଲ ୫କୋଟି ୧୫ଲକ୍ଷ ୨୨ହଜାର ୪୧୧ଟଙ୍କାର ଧାନ ଉଠାଣ କରି ପରବର୍ତ୍ତୀ ସମୟରେ ଚାଉଳ ଜମା କରିନଥିଲା। ଏନେଇ ପ୍ରଶାସନ ତରଫରୁ ତତ୍କାଳୀନ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ମିଲ୍ ଉପରେ ଚଢ଼ଉ କରାଯିବା ସହ ନମ୍ବର ୨/୧୭ରେଏକ ମାମଲା ବି ରୁଜୁ ହୋଇଥିଲା। ଏବେ ବି ମାମଲାର ଶୁଣାଣି ଚାଲିଛି। କିନ୍ତୁ ତାରିଖ ପରେ ତାରିଖ ଗଡ଼ୁଛି ସିନା, କୌଣସି ସୁଫଳ ମିଳିପାରୁନାହିଁ। ସେହିଭଳି ଗୋତମାର ଗୁରୁ ରାମଦାସ ରାଇସମିଲ ୨୦୧୩-୧୪ରେ ୫କୋଟି ୫୫ଲକ୍ଷ ୮୩ହଜାର ୬୩୨ଟଙ୍କାର ଧାନ ନେଇ ଚମ୍ପଟ ମାରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ୧/୧୮ରେ ମାମଲା ରୁଜୁ ହୋଇଛି। ନୂଆପଡ଼ା ଗଡ଼ତୋରର ଗାୟତ୍ରୀ ରାଇସମିଲ ୨୦୧୧-୧୨, ୨୦୧୨-୧୩ ଏବଂ ୨୦୧୩-୧୪ରେ ୬କୋଟି ୬୦ଲକ୍ଷ ୭୬ହଜାର ୪୩୨ଟଙ୍କାର ଧାନ ଉଠାଣ କରିଥିବା ବେଳେ ସେହି ବାବଦକୁ ଚାଉଳ ଜମା କରିନଥିବାରୁ ଜିଲ୍ଲାପାଳଙ୍କ କୋର୍ଟରେ ୪/୨୦୧୭ରେ ମାମଲା ଚାଲିଛି। ଏହିଭଳି ଖଡ଼ିଆଳ ବ୍ଲକ୍ ଅମଳାପାଲିର ବାଲାଜୀ ରାଇସ ମିଲ୍ ୨-୧୦-୧୧ରେ ୧କୋଟି ୧୩ଲକ୍ଷ ୮୯ହଜାର ୮୮୨ଟଙ୍କାର ଧାନ ନେଇ ଚାଉଳ ଦେଇନାହାନ୍ତି। ଏହାକୁ ନେଇ ଜିଲ୍ଲାପାଳଙ୍କ କୋର୍ଟରେ ୧/୨୦୧୭ରେ ମାମଲା ବିଚାରାଧୀନ ରହିଛି। ସିନାପାଲି ବ୍ଲକ ହାତୀବନ୍ଧା ଗାଁର ଆଶୀର୍ବାଦ ରାଇସମିଲ ୨୦୧୦-୧୧ରେ ୩କୋଟି ୧୬ଲକ୍ଷ ୭୯ ହଜାର ୬୫୯ଟଙ୍କା ମୂଲ୍ୟର ଧାନ ଉଠାଣ କରି ଚମ୍ପଟ ମାରିଛନ୍ତି। ଏହିଭଳି ସିଲଦା ଡୁମେରପାଣିର ପାର୍ଶ୍ୱନାଥ ଫୁଡ ପ୍ରୋସେସର ୨୦୦୯-୧୦ ଏବଂ ୨୦୧୦-୧୧ରେ ୩କୋଟି ୧ଲକ୍ଷ ୭୯ହଜାର ୪୩୬ଟଙ୍କାର ଧାନ ଉଠାଣ କରି ଚାଉଳ ଦେଇ ନଥିବାରୁ ପ୍ରଶାସନ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ହେଲେ ଆଜିକୁ ଦୀର୍ଘ ବର୍ଷ ହେଲେ ଜିଲ୍ଲାପାଳଙ୍କ କୋର୍ଟରେ ମାମଲା ଗଡ଼ି ଚାଲିଛି ସିନା, ନିଷ୍କର୍ଷରେ ପହଞ୍ଚି ପାରୁନାହିଁ।

ଏନେଇ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ଏସବୁର ପ୍ରକ୍ରିୟା ଚାଲିଛି। ଉକ୍ତ କର୍ତ୍ତୃପକ୍ଷଙ୍କ ସ୍ତରରେ ମାମଲା ବିଚାରାଧୀନ ରହିଛି। ମାମଲା ଯେତେ ବିଳମ୍ବ ହେଲେ ମଧ୍ୟ ଅଭିଯୁକ୍ତଙ୍କଠାରୁ ସୁଧ ଆଦାୟ କରାଯିବା ସହ ଆବଶ୍ୟକସ୍ଥଳେ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି ହେବ। କାର୍ଯ୍ୟାନୁଷ୍ଠାନ ନିଶ୍ଚୟ ହେବ ବୋଲି ସେ କହିଛନ୍ତି।

ସୁଧ ସହ ସମ୍ପତ୍ତି ବାଜ୍ୟାପ୍ତି ହେବ: ଜିଲ୍ଲା ଯୋଗାଣ ଅଧିକାରୀ

ଏସିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଲା ବିଜୁବାବୁଙ୍କ ପ୍ରତିକୃତି

ରାଉରକେଲା, ୧୦।୧୨(ସମିସ): ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସମ୍ପାଦକ ବାବୁ ଖାନଙ୍କ ନେତୃତ୍ୱରେ ୧୫୦ରୁ ଅଧିକ କର୍ମକର୍ତ୍ତାଙ୍କ ସହଯୋଗରେ ପ୍ରବାଦ ପୁରୁଷ ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ୬୦ ହଜାରରୁ ଊର୍ଦ୍ଧ୍ୱ ରଙ୍ଗୀନ ଦୀପ ସାହାଯ୍ୟରେ ବିଜୁବାବୁଙ୍କ ୬୦ ଫୁଟର ପ୍ରତିକୃତି ତିଆରି କରାଯାଇଥିଲା। ଏହା ଏସିଆ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଛି। ଏ ନେଇ ବିଜୁ ଛାତ୍ର ଜନତା ଦଳ କର୍ମକର୍ତ୍ତାଙ୍କ ମନରେ ଖୁସି ଭରିଦେଇଛି। ଏହି କାର୍ଯ୍ୟକ୍ରମରେ ଛେଣ୍

ସଙ୍ଗୀତ ଆତ୍ମାର ସ୍ୱର । ଏହା ଜୀବନରେ ଶାନ୍ତିର ରହସ୍ୟ ଉନ୍ମୋଚନ କରି ଦୁଃଖ ଦୂର କରେ ।
-ଖଲିଲ୍ ଗିବ୍ରାନ୍

ସକାଳ
THE SAKALA

ଝାଡ଼ଖଣ୍ଡ ସାଂସଦଙ୍କ ଟଙ୍କାର ପାହାଡ଼

ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ଜାରି ରହୁ

ନିକଟରେ ଯେଉଁ ଘଟଣାଟି ସମଗ୍ର ରାଜ୍ୟ ଓ ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ତାହା ହେଉଛି ଝାଡ଼ଖଣ୍ଡର ରାଜ୍ୟସଭା ସାଂସଦ ତଥା ମଦ ବ୍ୟବସାୟୀ ଧୀରଜ ସାହୁଙ୍କ ଘର, ବ୍ୟବସାୟିକ ପ୍ରତିଷ୍ଠାନରୁ ବିପୁଳ ପରିମାଣରେ ଟଙ୍କା ଜବତ ହେବା ଘଟଣା । ଝାଡ଼ଖଣ୍ଡ ସମେତ ପଶ୍ଚିମବଙ୍ଗ ଓ ଓଡ଼ିଶାରେ ତାଙ୍କର ସମ୍ପର୍କୀୟଙ୍କ ନାମରେ ଥିବା କେତେକ ଅନୁଷ୍ଠାନରେ ମଧ୍ୟ ଆୟକର ବିଭାଗ ମିଳିତ ଚଢ଼ଉ ଏବେ ମଧ୍ୟ ଜାରି ରଖିଛି । ଏ ପର୍ଯ୍ୟନ୍ତ ଓଡ଼ିଶାରେ ଥିବା ତାଙ୍କର ବିଭିନ୍ନ ସଂସ୍ଥା ଓ ସମ୍ପର୍କୀୟଙ୍କଠାରୁ ୩୦୫ କୋଟି ଟଙ୍କା ଜବତ ହୋଇଥିବା ବେଳେ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ଜବତ ଟଙ୍କା ପରିମାଣ ଯେ ଆହୁରି କେତେ ବିଶାଳ ହେବ ତାହା ଅନୁମେୟ । ଦୁର୍ନୀତିଖୋର ରାଜନେତା, ବ୍ୟବସାୟୀ ଓ ସରକାରୀ ଅଧିକାରୀଙ୍କ ଉପରେ ଆୟକର ବିଭାଗ ଚଢ଼ଉ ଓ ଟଙ୍କା ଜବତ ହେବା ଘଟଣା ଦେଶରେ ନୂଆ ନୁହେଁ । ତଥାପି ଧୀରଜ ସାହୁଙ୍କ ମାମଲାରେ ଯେଭଳି ଆଖି ଖୋସି ହେବା ଭଳି ଟଙ୍କା ଜବତ ହେଉଛି ଓ ଗଣା ଚାଲିଛି ତାହା ଅଭୂତପୂର୍ବ । ଟଙ୍କା ଗଣିବା ପାଇଁ ଆୟକର ବିଭାଗର କର୍ମଚାରୀମାନେ ଅସମର୍ଥ ହେବା ପରେ ବ୍ୟାଙ୍କର ଟଙ୍କା ଗଣା ମେସିନ୍ ମଧ୍ୟ ଅଚଳ ହୋଇଯାଉଛି । ଟ୍ରକ୍‌ରେ ଜବତ ଟଙ୍କା ବୁହା ଚାଲିଛି ।

ସଦ୍ୟ ସମାପ୍ତ ପାଞ୍ଚଟି ରାଜ୍ୟ ନିର୍ବାଚନରେ ବିଜେପିଠାରୁ ଶୋଚନୀୟ ପରାଜୟ ବରଣ କରିଥିବା କଂଗ୍ରେସର ଜଣେ ସାଂସଦଙ୍କ ନିକଟରୁ ଟଙ୍କା ଜବତ ହେବା ପରେ ବିଜେପିକୁ ସମାଲୋଚନା କରିବାକୁ ଅନେକ ଅସ୍ତ୍ର ମିଳିଯାଇଛି । କଂଗ୍ରେସକୁ ଦୁର୍ନୀତିଖୋର ଦଳ ଭାବେ ଜନତାଙ୍କ ଆଗରେ ନିନ୍ଦିତ କରିବା ପାଇଁ ବିଜେପି ପକ୍ଷରୁ କୌଣସି ସୁଯୋଗ ହାତଛଡ଼ା କରାଯାଉନାହିଁ । କଂଗ୍ରେସ ଇଂରାଜୀ ଅକ୍ଷର 'ସି'ର ସମାହାର, ଯଥା ସି-କଂଗ୍ରେସ, ସି-କରପ୍‌ସନ୍(ଦୁର୍ନୀତି), ସି-କ୍ୟାସ(ନଗଦ) ବୋଲି ବିଜେପି ନେତାମାନେ କହିଛନ୍ତି । ଏପରିକି ପ୍ରଧାନମନ୍ତ୍ରୀ ମଧ୍ୟ ଏହି ଘଟଣାରେ କଂଗ୍ରେସକୁ ତାଚ୍ଛଲ୍ୟ ଓ କଟାକ୍ଷ କରିଛନ୍ତି । ଅପରପକ୍ଷରେ କଂଗ୍ରେସ ପକ୍ଷରୁ ପାଲଟା ଜବାବରେ କୁହାଯାଇଛି ଯେ ଜଣେ ବ୍ୟବସାୟୀଙ୍କ ନିକଟରେ ଟଙ୍କା ରହିବା ବଡ଼ କଥା ନୁହେଁ । ଯେକୌଣସି ଶିଳ୍ପପତି କିମ୍ବା ବ୍ୟବସାୟୀଙ୍କ ନିକଟରେ ସବୁବେଳେ ଟଙ୍କା ରହିଥାଏ । କିନ୍ତୁ ନିର୍ଦ୍ଦିଷ୍ଟ ଭାବେ ତାହା ଆୟ ବହିର୍ଭୂତ କି ନୁହେଁ ପ୍ରମାଣିତ ହେବା ଦରକାର । ଏ ପର୍ଯ୍ୟନ୍ତ ଆୟକର ଅଧିକାରୀମାନେ ଏ ସମ୍ପର୍କରେ ମୁହଁ ଖୋଲୁ ନଥିବା ବେଳେ ବିଜେପି ପକ୍ଷରୁ ମଧ୍ୟ ଏହାର କେବଳ ରାଜନୀତିକରଣ କରାଯାଉଛି ବୋଲି କଂଗ୍ରେସ କହୁଛି । ଦୁର୍ଭାଗ୍ୟର କଥା ଯେ ଧୀରଜ ସାହୁ ଓ ତାଙ୍କର ଯେଉଁ କେତେଜଣ ସମ୍ପର୍କୀୟଙ୍କ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଆୟକର ବିଭାଗ ଚଢ଼ଉ କରୁଛି ସଂଯୋଗବଶତଃ ସେମାନଙ୍କ କାରବାର ଓଡ଼ିଶାରେ ମଧ୍ୟ ରହିଛି । କିନ୍ତୁ ଓଡ଼ିଶାର ଏହି ଅବାଞ୍ଛିତ ସଂଯୋଗକୁ କାକତାଳୀୟ ଭାବେ ନ ଦେଖି ବିଜେପିର ଓଡ଼ିଶା ଶାଖାର ନେତାମାନେ ରାଜ୍ୟ ଶାସନ ଉପରେ ଦୋଷାରୋପ କରିଚାଲିଛନ୍ତି । ଓଡ଼ିଶାର ଶାସକ ଦଳ ବିଜେଡି ପକ୍ଷରୁ ଏହାର ଯଥାଯଥ ଜବାବ ମଧ୍ୟ ଦିଆଯାଉଛି ।

ଏହି ସମଗ୍ର ଘଟଣାରେ ଯେଉଁ କେତୋଟି ପ୍ରଶ୍ନ ଜନସାଧାରଣଙ୍କ ମନକୁ ଆନ୍ଦୋଳିତ କରୁଛି ତାହା ହେଲା ଧୀରଜ ସାହୁଙ୍କ ବ୍ୟବସାୟ ଆଜି କିମ୍ବା କାଲିର ନୁହେଁ । ଆଉ କିଛି ମାସ ପରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନ ପୂର୍ବରୁ ବିରୋଧୀ ଦଳକୁ ନିନ୍ଦିତ କରିବା ପାଇଁ ବିଜୟ ଉଲ୍ଲସିତ ବିଜେପିର ଏହା ରାଜନୈତିକ ଅଭିସନ୍ଧି ନୁହେଁ ତ? କାରଣ ସିବିଆଇ, ଆୟକର ବିଭାଗ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଭଳି କେନ୍ଦ୍ରୀୟ ସଂସ୍ଥାମାନଙ୍କୁ ଉପଯୋଗ କରି କେନ୍ଦ୍ରରେ କ୍ଷମତାସୀନ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ବିରୋଧୀ ପକ୍ଷର ଟାଣୁଆ ନେତାମାନଙ୍କୁ ହଇରାଣରେ ପକାଇ ଦୁର୍ବଳ କରିବାର ପ୍ରୟାସ ବେଶ୍ କିଛିବର୍ଷ ହେଲା କରି ଆସୁଛି ବୋଲି ବିରୋଧୀ ଦଳ ଅଭିଯୋଗ କରୁଛନ୍ତି । ଧୀରଜ ସାହୁ ଘଟଣା ହୁଏତ ଏହି ଷଡ଼ଯନ୍ତ୍ରର ଆଉ ଏକ ସଂସ୍କରଣ ହୋଇପାରେ । ଦ୍ୱିତୀୟରେ ଅଧୁନା ଇଣ୍ଟରନେଟ୍ ଯୁଗରେ ଟିପରେ ଅର୍ଥ କାରବାର ହୋଇପାରୁଥିବା ବେଳେ ଏତେ ପରିମାଣର ନଗଦ ରଖିବାର ଅର୍ଥ ନିଶ୍ଚିତ ଭାବେ କଳାଧନ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ଆଉ ଏକ କୌତୁହଳ ପ୍ରସଙ୍ଗ ହେଲା ଆୟ ବହିର୍ଭୂତ ସମ୍ପତ୍ତିକୁ ବଡ଼ ନୋଟ୍, ବଣ୍ଡ, ସେୟାର କିମ୍ବା ସୁନା ଗହଣା ଆଦି ଆକାରରେ ରଖିବା ଦେଖାଯାଉଥିବା ଦେଲେ ଧୀରଜ ସାହୁ ଓ ତାଙ୍କ ସମ୍ପର୍କୀୟଙ୍କ ଘର ଓ ପ୍ରତିଷ୍ଠାନରୁ ବିପୁଳ ପରିମାଣର ଶହେ ଟଙ୍କିଆ ନୋଟ୍ ଜବତ ହେବା ଘଟଣା ଅସ୍ୱାଭାବିକ ଲାଗୁଛି । ତେଣୁ ଭୋଟ ପାଇଁ ନୋଟ ଯେ ଗଚ୍ଛିତ କରାଯାଇଥିଲା - ଏହି ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦେଇ ହେଉ ନାହିଁ ।

ଯେକୌଣସି ଦେଶରେ ଦୁର୍ନୀତି ନିର୍ମୂଳ କରିବାକୁ ହେଲେ ଶୀର୍ଷ ରାଜନୈତିକ ନେତୃବର୍ଗ ପ୍ରଥମେ ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ଶାସନ କଳର ଉଦାହରଣ ଦେବା ଅତ୍ୟନ୍ତ ଆବଶ୍ୟକ । ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କର ପ୍ରଥମ ଲାଲକିଲ୍ଲା ଅଭିଭାଷଣରେ ନିଜକୁ ଦେଶର ପ୍ରଥମ ସେବକ ଓ ଜାଗ୍ରତ ଚୌକିଦାର ବୋଲି ଘୋଷଣା କରିଥିଲେ । ସେ କହିଥିଲେ 'ନା ମୋଁ ଖାଉଗାଁ, ନା ମୋଁ ଖାନେ ଦୁଗାଁ' । ଗତ ପ୍ରାୟ ୧୦ ବର୍ଷ ଧରି କେନ୍ଦ୍ରରେ ଏନ୍‌ଡିଏ ଶାସନ ଏହି ନୀତିଗତ ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିଥିବା ଆମେ ସମସ୍ତେ ଜାଣୁ । ବିରୋଧୀ ଦଳ ଓ ବିଶେଷକରି କଂଗ୍ରେସ ରାଫେଲ୍ ଯୁଦ୍ଧ ବିମାନ କିଣାରେ ଯେଭଳି ବିଶାଳ ଦୁର୍ନୀତିର ଅପପ୍ରଚାର କରିଥିଲା ତାହା ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇ ଭୁଲ୍ ପ୍ରମାଣିତ ହେଲା । ଏ ପର୍ଯ୍ୟନ୍ତ ଯାହା ଆମେ ଦେଖୁଛେ ଜାତୀୟ ସ୍ତରରେ ବିଜେପିର ନେତୃମଣ୍ଡଳୀଙ୍କର ନିର୍ମଳ ଭାବମୂର୍ତ୍ତି ବଜାୟ ରହିଛି । ଅନ୍ୟ ଯେକୌଣସି ବିରୋଧୀ ଦଳଙ୍କ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ଆସିଲେ ତାକୁ ଅଣଦେଖା କରିବା ମଧ୍ୟ ନୈତିକତା ଓ ଆଇନ ବିରୁଦ୍ଧରେ କାର୍ଯ୍ୟ ହେବ । 'ଆପ୍' ଦଳର ଅବକାରୀ ନୀତି ଦୁର୍ନୀତି ଏହିଭଳି ଆଉ ଗୋଟିଏ ବଡ଼ ଘଟଣା । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତଥା ସିବିଆଇ ଆଦି କେନ୍ଦ୍ରୀୟ ସଂସ୍ଥା ଯଦି ଆଇନର ସୀମା ଭିତରେ ରହି ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କଲେ ଏହାକୁ କ'ଣ ରାଜନୀତିକରଣ କୁହାଯିବ? ସେହିଭଳି ଝାଡ଼ଖଣ୍ଡ ସାଂସଦଙ୍କର ଘରୁ ଓ ଅନ୍ୟାନ୍ୟ ସମ୍ପୃକ୍ତ ଅନୁଷ୍ଠାନ କିମ୍ବା ସହଯୋଗୀଙ୍କଠାରୁ ବିପୁଳ ମାତ୍ରାରେ ଟଙ୍କା ସୁନା ଜବତ ହେବା ଏକ ଆପରାଧିକ ମାମଲା । କେବଳ ରାଜନୀତିକରଣର ଦ୍ୱାହି ଦେଇ କଣ ଅପରାଧକୁ ଆଖି ବୁଜିଦେଇ ହେବ? ଇଡି ଓ ସିବିଆଇ ଉଭୟଙ୍କର କାର୍ଯ୍ୟକଳାପ ନିମ୍ନସ୍ତରର କର୍ମଚାରୀଙ୍କଠାରୁ ଆରମ୍ଭ କରି ଶିଖର ସ୍ତରରେ ଥିବା ନେତା, ପ୍ରଶାସକ ଓ ବ୍ୟବସାୟୀ ସମସ୍ତେ ଦୁର୍ନୀତି ଅପରାଧ କଲେ ମାମଲାରେ ପଡ଼ନ୍ତି । ଏଭଳି ମାମଲାରେ ବିଚାରାଳୟର ଦଣ୍ଡବିଧାନରେ ବିଳମ୍ବ ହେବା ବା ଖୁବ୍ କମ୍ ସଂଖ୍ୟାରେ ଦଣ୍ଡିତ ହେବା ମଧ୍ୟ ଆଇନ ପରିସରଭୁକ୍ତ କାର୍ଯ୍ୟାନୁଷ୍ଠାନ । ପୂର୍ବରୁ ଦୁର୍ନୀତି ଅଭିଯୁକ୍ତମାନେ ବିଚାରାଳୟରେ ଖଲାସ ହୋଇଯାଉଛନ୍ତି ବୋଲି ବର୍ତ୍ତମାନ ସାମ୍ନାକୁ ଆସୁଥିବା ଅପରାଧର ତଦନ୍ତ ନ ହେବା ମଧ୍ୟ କେବଳ ଆଇନ ବିରୋଧୀ ନୁହେଁ ଦେଶ ବିରୋଧୀ କାର୍ଯ୍ୟ ଏବଂ ଏଭଳି ଅପରାଧୀମାନଙ୍କୁ ଦଣ୍ଡ ଦେବା ସପକ୍ଷରେ ବହୁଳ ଜନମତ ରହିଛି ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଭାରତୀୟ ସଙ୍ଗୀତର ସାଂସ୍କୃତିକ ମୂଲ୍ୟବୋଧ

ପଦ୍ମଶ୍ରୀ ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର
ଢେଙ୍କାନାଳ, ମୋ: ୮୮୯୫୨୩୦୭୨୨

ବୈଦିକ ଯୁଗରୁ ଭାରତୀୟ ସଙ୍ଗୀତ ସଂସ୍କୃତିର ଦ୍ୟୋତକ ଭାବେ ପ୍ରତିଭାତ ହୋଇଥିଲା । ସାମବେଦ ହେଉଛି ଭାରତୀୟ ସଙ୍ଗୀତର ମୂଳଉତ୍ସ । ପ୍ରସିଦ୍ଧ ଆର୍ଷବଚନ ଅଛି, 'ସାମବେଦାଦିଦଂ ଗୀତଂ ସଞ୍ଜଗ୍ରାହ ପିତାମହଃ' । ଅର୍ଥାତ୍ ପିତାମହ ବ୍ରହ୍ମା ସାମବେଦରେ ସକଳ ସଙ୍ଗୀତ ଶାସ୍ତ୍ରର ସଂଗ୍ରହ କରିଯାଇଛନ୍ତି । ସାମବେଦଠାରୁ ଭାରତୀୟ ସଙ୍ଗୀତର ଧାରା ଉତ୍ପନ୍ନ ହୋଇ ଭାରତୀୟ ଜନଜୀବନକୁ ସରସ, ସୁନ୍ଦର ଓ ସୌରଭମୟ କରିବା ସହିତ ଆଧ୍ୟାତ୍ମିକ ବିଭାବିମଣ୍ଡିତ ସାଂସ୍କୃତିକ ଧାରାରେ ପ୍ରବାହିତ ହୋଇଥିଲା । ପ୍ରାଚୀନ ଯୁଗରେ ଭାରତୀୟ ସଙ୍ଗୀତ ମହାଭାରତୀୟ ସଂସ୍କୃତିର ଦୁର୍ଲଭ ବିଭବ ସ୍ୱରୂପରେ ବିଶ୍ୱ ଦରବାରରେ ପ୍ରସିଦ୍ଧି ଲାଭ କରିଥିଲା । ଏହି ଯୁଗର ଉତ୍ତରାର୍ଦ୍ଧରେ ଭାରତୀୟ ସଂସ୍କୃତି ସାଙ୍ଗୀତିକ ସୌନ୍ଦର୍ଯ୍ୟବୋଧରେ ନୂତନ ରୂପ ଓ ରଙ୍ଗରେ ଆତ୍ମପ୍ରକାଶ କରିଥିଲା । ମଧ୍ୟଯୁଗରେ ଭାରତୀୟ ସଙ୍ଗୀତ ଆରବୀୟ ସଙ୍ଗୀତର ସମ୍ମିଶ୍ରଣରେ ସଂସ୍କୃତିର ବୈପ୍ଳବିକ ପରିବର୍ତ୍ତନ ସମ୍ଭବ ହୋଇଥିଲା । ଆଧୁନିକ ଭାରତରେ ପ୍ରାଚୀନ ସଙ୍ଗୀତ ପାରମ୍ପରିକ ପରିଧିରେ ଆତ୍ମିକ ସନନ୍ଦ ଭାବରେ ନବୀନ ଧାରାରେ ପ୍ରବାହିତ ତଥା ସଂସ୍କୃତିର ବୈଚିତ୍ର୍ୟ ସ୍ୱରୂପରେ ପ୍ରତିଭାତ । ସଂକ୍ଷେପରେ ଉଲ୍ଲେଖ କଲେ ଭାରତୀୟ ସଙ୍ଗୀତ ମାଧ୍ୟମରେ ଯୁଗେ ଯୁଗେ ଭାରତୀୟ ସଂସ୍କୃତି ଆତ୍ମପ୍ରତିଷ୍ଠା ଲାଭ କରିଛି ।

ସାମବେଦର ଉଦ୍‌ଗାତାବୃନ୍ଦ ସପ୍ତସ୍ୱରୀ ଭାରତୀୟ ସଙ୍ଗୀତର ପ୍ରବର୍ତ୍ତକ ଥିଲେ । ସାମବେଦର ମନ୍ତ୍ର ସମୂହ ମଧ୍ୟମ, ଗାନ୍ଧାର, ଋଷଭ, ଷଡ଼ଜ, ନିଷାଦ, ଧୈବତ ଓ ପଞ୍ଚମ ସ୍ୱରରେ ଗାନ ହୋଇ ଜନଜୀବନରେ ବିଶେଷ ପ୍ରଭାବ ବିସ୍ତାର କରିଥିଲା । ବୈଦିକ ଯୁଗରେ ସଙ୍ଗୀତର ପ୍ରସାର ମାଧ୍ୟମରେ ସଂସ୍କୃତିର ବିକାଶ ଲକ୍ଷ୍ୟରେ ସଙ୍ଗୀତ ପ୍ରଚାର ନିମିତ୍ତ ଗନ୍ଧର୍ବ, କିନ୍ନର, ବିଦ୍ୟାଧର ପ୍ରଭୃତି କେତେକ ସ୍ୱତନ୍ତ୍ର ଗୋଷ୍ଠୀ ସୃଷ୍ଟି ହୋଇଥିଲେ । ତତ୍କାଳୀନ ସାହିତ୍ୟରୁ ଉପଲବ୍ଧ ହୁଏ ଗନ୍ଧର୍ବଗଣ ଗାୟନ ବିଶାରଦ, କିନ୍ନରକୁଳ ବାଦନ ବିଶାରଦ ଓ ବିଦ୍ୟାଧର ଗଣ ନୃତ୍ୟ ବିଶାରଦ ଥିଲେ । ବୈଦିକ ଋଷିଗଣ ସଙ୍ଗୀତ ଶିକ୍ଷକ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ଏଥିରୁ ପ୍ରମାଣିତ ହୁଏ, ବୈଦିକ ଯୁଗରେ ସଙ୍ଗୀତକୁ ଆଧାର କରି ଭାରତୀୟ ସଂସ୍କୃତିର ଭୂୟୋବିକାଶ ଘଟିଥିଲା । ପୁରାଣ ଯୁଗରେ ଭାରତୀୟ ସଙ୍ଗୀତର ବିଭିନ୍ନ ବିଭାଗ ସୃଷ୍ଟି ହୋଇ ପ୍ରତ୍ୟେକ ବିଭାଗର ଶାସ୍ତ୍ରୀୟତା, ଆଧ୍ୟାତ୍ମିକତା, କଳାତ୍ମକ ଉତ୍କର୍ଷ ଓ ଶବ୍ଦବ୍ରହ୍ମର ବିବେଚନାରେ ଭାରତୀୟ ସଂସ୍କୃତିର ସାଂସ୍କୃତିକ ମୂଲ୍ୟବୋଧର ମହତ୍ତ୍ୱ ପ୍ରତିପାଦିତ ହୋଇଥିଲା । ପୁରାଣ ବର୍ଣ୍ଣିତ ଗାୟନ ପଦ୍ଧତି, ବାଦ୍ୟବିଚିତ୍ରା ଓ ସାଙ୍ଗୀତିକ ପରମ୍ପରାଠାରୁ ହୃଦବୋଧ ହୁଏ ଭାରତୀୟ ସଂସ୍କୃତିର ନିତ୍ୟନୂତନ ବିଶ୍ୱାସ ଓ ପ୍ରତିଷ୍ଠା ସଙ୍ଗୀତ ମାଧ୍ୟମରେ ସୁରକ୍ଷିତ ଥିଲା । ଅଧିକନ୍ତୁ, ଏହି ଯୁଗରେ ସ୍ତବ, ସ୍ତୁତି, ରୂପକ, ଚୂର୍ଣ୍ଣକ, ବର୍ଣ୍ଣନ, କୁନ୍ତଳ ପ୍ରଭୃତି ରୂପରେ ଭକ୍ତି ସଙ୍ଗୀତ ସୃଷ୍ଟି ହୋଇ ସଂସ୍କୃତିରେ ଭାକ୍ତିକ ଭାବଧାରାର ପ୍ରାଧାନ୍ୟ ଅନୁଭୂତ ହୋଇଥିଲା । ଏହି ପର୍ଯ୍ୟାୟରେ ଭାରତୀୟ ସଙ୍ଗୀତ ଶାସ୍ତ୍ରରେ ମୌଳିକ ସପ୍ତସ୍ୱରର ମଧ୍ୟ ସଂରଚନା ହୋଇଥିଲା ପ୍ରକୃତିର ବିଭିନ୍ନ ମଙ୍ଗଳ ଧ୍ୱନିର ଭିତ୍ତିଭୂମିରେ ।

ପୌରାଣିକ ମାନ୍ୟତାରେ ଭକ୍ତିଶାସ୍ତ୍ରାଚାର୍ଯ୍ୟ ଦେବର୍ଷି ନାରଦ ଅଖିଳ ବିଶ୍ୱକୁ ଭକ୍ତିରେ ପ୍ଳାବନ କରିବା ନିମିତ୍ତ ସଙ୍ଗୀତକୁ ସ୍ୱର୍ଗରୁ ମର୍ତ୍ତ୍ୟକୁ ଆଣିଲେ ବୋଲି କୁହାଗଲା । ପୌରାଣିକ ଆଖ୍ୟାୟିକା ଅନୁଯାୟୀ "ହା ହା" ଓ "ହୂ ହୂ" ନାମଧାରୀ ଗନ୍ଧର୍ବ, ବାଦ୍ୟଯନ୍ତ୍ର ରୂପେ ସଙ୍ଗୀତ ପରିବେଷଣ କରିଥିଲେ । ଅନ୍ୟମତରେ ଏମାନେ ତାଳ ଓ ମୃଦଙ୍ଗ ରୂପରେ ଆବିର୍ଭାବ ହୋଇ କୀର୍ତ୍ତନର ସ୍ଫୁରଣ ଘଟାଇଥିଲେ । ପୁରାଣ ଯୁଗରେ ହିଁ ଭାରତୀୟ ସଙ୍ଗୀତ ମନୋରଞ୍ଜନର ମାଧ୍ୟମ ହେବା ସହିତ ଆଧ୍ୟାତ୍ମିକ ମହିମାମଣ୍ଡିତ ତଥା ସାଂସ୍କୃତିକ ମୂଲ୍ୟବୋଧରେ ଉତ୍‌ଫୁଲ୍ଲିତ ହୋଇଥିଲା । ସେହି ସମୟଠାରୁ ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟରେ ସଙ୍ଗୀତଗାନର ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଥିଲା । ମହନୀୟତା ହେଉଛି ପୁରାଣ ଯୁଗରେ ସଙ୍ଗୀତର ବିଭିନ୍ନ ରାଗାରାଗିଣୀ, ତାଳ, ସ୍ୱର ଓ ଧ୍ୱନିରେ ବିଶଦ ବିବେଚନା କରାଯାଇ ପ୍ରତ୍ୟେକଟିକୁ ଦୁର୍ଲଭ ସାଂସ୍କୃତିକ ବିଭବର ମାନ୍ୟତା ପ୍ରଦାନ କରାଗଲା । ଏଠାରେ ଉଲ୍ଲେଖନୀୟ ଯେ, ମହର୍ଷି ବାଲ୍ମିକୀଙ୍କ ରଚିତ ମହାକାବ୍ୟ ରାମାୟଣ, ଯମଜ ଭ୍ରାତା ଲବ ଓ କୁଶଙ୍କ ଦ୍ୱାରା ବାଲ୍ମୀକିଙ୍କ ଉପସ୍ଥିତିରେ ଶ୍ରୀରାମଙ୍କ ରାଜ ଦରବାରରେ ସୁଲଳିତ ଗାୟନ ଭାରତୀୟ ସଙ୍ଗୀତ ପରମ୍ପରାର ଏକ ମହାନ ଉତ୍କର୍ଷର ପ୍ରମାଣ!

ଖ୍ରୀଷ୍ଟପୂର୍ବ କାଳରେ ବିଜ୍ଞ, ପ୍ରାଜ୍ଞ, ପ୍ରଚେତା ଓ ବିଶାରଦବୃନ୍ଦ ଭାରତୀୟ ସଙ୍ଗୀତ ସମ୍ପର୍କୀୟ ଦୁର୍ଲଭ ଶାସ୍ତ୍ର ରଚନା କରି ଏହାକୁ ମହାଭାରତୀୟ ସଂସ୍କୃତିର ଶ୍ରେଷ୍ଠ ବିଭବ ରୂପେ ପ୍ରତିପାଦନ କରିଥିଲେ । ଏହି ସମୟରେ ଭରତମୁନି, ଶୈଳାନ୍ଦିନୀ, କୃଷ୍ଣାସ୍ୱିନୀ ପ୍ରଭୃତି ବିଦ୍ୱାନ ଓ ବିଦୁଷୀଗଣ ସଙ୍ଗୀତର ଭିନ୍ନ ଭିନ୍ନ ସୂତ୍ର ପ୍ରଣୟନପୂର୍ବକ ଏହାକୁ ସଂସ୍କୃତିର ଧାରକ ରୂପେ ମର୍ଯ୍ୟାଦାବନ୍ତ କରିଥିଲେ । ପରିଣାମରେ ଭାରତୀୟ ସଂସ୍କୃତି ସାଙ୍ଗୀତିକ ସୌନ୍ଦର୍ଯ୍ୟବୋଧରେ ନୂତନ ରୂପ ଓ ରଙ୍ଗରେ ଆତ୍ମପ୍ରକାଶ କରିଥିଲା । ସଂସ୍କୃତିର ଉତ୍ତରଣ ଅଭିପ୍ରାୟରେ ସଙ୍ଗୀତକୁ ଗନ୍ଧର୍ବବିଦ୍ୟାର ମାନ୍ୟତା ପ୍ରଦାନ କରାଯାଇ ପାରମ୍ପରିକ ଶିକ୍ଷା ବ୍ୟବସ୍ଥା ମଧ୍ୟ ପ୍ରବର୍ତ୍ତନ କରାଯାଇଥିଲା । ଫଳତଃ ଭାରତରେ ଅନେକ ପ୍ରଥିତଯଶା ସଙ୍ଗୀତଜ୍ଞଙ୍କର ଆବିର୍ଭାବ ଘଟିଲା । ସେମାନଙ୍କ ମଧ୍ୟରୁ ଯୋଗଜନ୍ମା ମହାକବି ଜୟଦେବ, ବିଶ୍ୱପ୍ରସିଦ୍ଧ ସଙ୍ଗୀତଜ୍ଞ ଶାର୍ଙ୍ଗଦେବ ଓ ସଙ୍ଗୀତ ବିଶାରଦ ପୁରନ୍ଦର ପ୍ରଭୃତି ଅନେକ ସଙ୍ଗୀତ ସାଧକ ଭାରତୀୟ ସଙ୍ଗୀତକୁ ଆଧୁନିକ ରୂପ ପ୍ରଦାନ କରି ସାଂସ୍କୃତିକ ପରିବର୍ତ୍ତନର ସୂତ୍ରପାତ ଘଟାଇଥିଲେ । ସୂଚନାଯୋଗ୍ୟ ଯେ ସେମାନେ ଆପଣାର କୃତି ସମୂହକୁ ସଙ୍ଗୀତ ଶାସ୍ତ୍ରର ମାନ୍ୟତା ନ ଦେଇ ପ୍ରବନ୍ଧ ନାମରେ ଅଭିହିତ ପୂର୍ବକ ସଂସ୍କୃତିର ଉତ୍ତରୋତ୍ତର ଅଭିବୃଦ୍ଧି କାମନା କରିଥିଲେ । ମଧ୍ୟଯୁଗୀୟ ରାଜା, ମହାରାଜା, ଜମିଦାର ଓ ସାମନ୍ତଗଣ ସଂସ୍କୃତିର ବିକାଶ ନିମିତ୍ତ ସଙ୍ଗୀତର ପୃଷ୍ଠପୋଷକତା କରିଥିଲେ ।

ମଧ୍ୟଯୁଗରେ ଭାରତୀୟ ସଙ୍ଗୀତ ସହିତ ଆରବୀୟ ସଙ୍ଗୀତର ମିଳନ ଘଟି ସଂସ୍କୃତିର ବୈପ୍ଳବିକ ପରିବର୍ତ୍ତନ ସମ୍ଭବ ହୋଇଥିଲା । ମୋଗଲ ରାଜତ୍ୱରେ ଭାରତୀୟ ସଙ୍ଗୀତ ଶୈଳୀ ସହିତ ପାରସ୍ୟ ସଙ୍ଗୀତ ଶୈଳୀର ମିଶ୍ରଣରେ ଭାରତୀୟ ସଙ୍ଗୀତର ବୈଚିତ୍ର୍ୟରେ ସଂସ୍କୃତିର ନବଦିଗନ୍ତ ଉନ୍ମୋଚନ ହୋଇଥିଲା । ଏହି ସମୟରେ ଉତ୍ତର ଭାରତ ଓ ଦକ୍ଷିଣ ଭାରତର ସଙ୍ଗୀତରେ ଭିନ୍ନତା ପରିଲକ୍ଷିତ ହୋଇ ଆର୍ଯ୍ୟ ସଂସ୍କୃତି ଓ ଦ୍ରାବିଡ଼ ସଂସ୍କୃତିର ତାରତମ୍ୟ ଉପଲବ୍ଧି ହୋଇଥିଲା । ଉତ୍ତର ଭାରତର ସଙ୍ଗୀତକୁ ହିନ୍ଦୁସ୍ତାନୀ ଓ ଦକ୍ଷିଣ ଭାରତର ସଙ୍ଗୀତକୁ କର୍ଣ୍ଣାଟକୀ କୁହାଯାଇଥିଲେ ହେଁ ଓଡ଼ିଶୀ ସଙ୍ଗୀତ ମୌଳିକତା ବଜାୟ ରଖି ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ପରମ୍ପରାରେ ସ୍ୱତନ୍ତ୍ର ଭାବେ ପ୍ରତିଭାତ ହୋଇଥିଲା । ସୂଚନାଯୋଗ୍ୟଯେ ଏହି ତିନିଗୋଟି ଧାରା ଥିଲା ଭାରତୀୟ ସଂସ୍କୃତିର ଅମୂଲ୍ୟ ବିଭବ । ଗୌରବର କଥା ବିଦ୍ୟାପତି, ଚଣ୍ଡି ଦାସ, ଲୋଚନ ଦେବୀ ଓ ନାମଦେବ ପ୍ରଭୃତି ବିଜ୍ଞ

■ ୨୨ରେ ମୁଖ୍ୟମନ୍ତ୍ରୀଙ୍କ ଯୋରନ୍ଦା ମହିମା ଗାଦି ଗସ୍ତ

ବିଜେଡି ସାଂଗଠନିକ ସମ୍ପାଦକଙ୍କ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା

ଢେଙ୍କାନାଳ, ୧୦।୧୨(ସମିସ): ଆସନ୍ତା ୨୨ ତାରିଖ ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋରନ୍ଦା ମହିମା ଗାଦି ଗସ୍ତ କାର୍ଯ୍ୟକ୍ରମ ଆପାତତଃ ଚୂଡ଼ାନ୍ତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଜିଲ୍ଲା ପ୍ରଶାସନ ଚଳଚଞ୍ଚଳ ହୋଇଉଠିଛି। ରବିବାର ଦିନ ବିଜୁ ଜନତା ଦଳର ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରିବା ସହ ଯୋରନ୍ଦା ମହିମା ଗାଦିର ସାଧୁସନ୍ଥଙ୍କ ସହ ଆଲୋଚନା କରିଛନ୍ତି। ଏହି ଗସ୍ତ ସମୟରେ ବିଧାୟକ ସୁଧୀର କୁମାର ସାମଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ବିଡିଓ ପବିତ୍ର ବେହେରା, ବିଜୁ ମହିଳା ଜନତା ଦଳର ଜିଲ୍ଲା କାର୍ଯ୍ୟକାରୀ ସଭାପତି ରୁବି ବିଶ୍ୱାଳଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଏମ୍‌ସିଏଲ୍, ନାଲ୍‌କୋରେ ୧୮ ହଜାର ବିସ୍ଥାପିତ

ତାଳଚେର,୧୦।୧୨(ସମିସ): ରାଷ୍ଟ୍ରାୟାତ୍ତ ଉଦ୍ୟୋଗ ମହାନଦୀ କୋଲ୍ ଫିଲ୍ଡସ୍ ଲିମିଟେଡ୍ (ଏମସିଏଲ୍) ଏବଂ ଜାତୀୟ ଆଲୁମିନିୟମ୍ କମ୍ପାନୀ (ନାଲ୍‌କୋ) ଦ୍ୱାରା ଅଞ୍ଚଳରେ ୧୭, ୮୯୮ ଜଣ ବିସ୍ଥାପିତ ହୋଇଛନ୍ତି। ଲୋକସଭାରେ ବିଜେପି ସାଂସଦ କୁଏଲ ଓରାମଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର କୋଇଲା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏହି ସୂଚନା ପ୍ରଦାନ କରିଛନ୍ତି।

ମନ୍ତ୍ରୀ ଦର୍ଶାଇଛନ୍ତି ଯେ, ଏମ୍‌ସିଏଲ୍‌ରେ ବର୍ତ୍ତମାନ ସୁଦ୍ଧା ୧୭, ୨୬୨ ପରିବାରକୁ ପ୍ରକଳ୍ପ ବିସ୍ଥାପିତ ପରିବାର (ପିଡିଏଫ୍) ଭାବେ ଚିହ୍ନଟ କରାଯାଇଛି।୧୨, ୭୮୯ ପରିବାରଙ୍କୁ ଥଇଥାନ ସୁବିଧା ପ୍ରଦାନ କରାଯାଇଛି। ବିସ୍ଥାପିତ ବ୍ୟକ୍ତିଙ୍କ ଥଇଥାନ ଓ ପୁର୍ନବାସ (ଆରଆଣ୍ଡଆର୍) ପ୍ରସଙ୍ଗକୁ ଥଇଥାନ ଓ ଆଞ୍ଚଳିକ ବିକାଶ ପରାମର୍ଶଦାତା କମିଟି (ଆପିଆରଡିଏସି) ତଦାରଖ ଓ ସମୀକ୍ଷା କରିବା ସହ ବିସ୍ଥାପିତଙ୍କ ଅଭିଯୋଗର ସମାଧାନ କରାଯାଇଥାଏ। ସମ୍ପୃକ୍ତ ଜିଲ୍ଲାର ସ୍ଥାନୀୟ ସାଂସଦ, ବିଧାୟକ, ଜିଲ୍ଲାପାଳ ଓ ଏସ୍‌ପି, ଏମସିଏଲର ନିର୍ଦ୍ଦେଶକ (କାର୍ମିକ) ଏବଂ ଏମସିଏଲର ସିଜିଏମ/ଜିଏମଙ୍କୁ ନେଇ ବ୍ୟକ୍ତିଗତ ମାମଲାର ସମାଧାନ ପାଇଁ ଆରପିଡିଏସିମାନେ ସବ୍ କମିଟି ଗଠନ କରିଛନ୍ତି। ଏହାସହ ଏମସିଏଲ୍ ଏବେ ବ୍ୟକ୍ତିଗତ ଅଭିଯୋଗର ସମାଧାନ ପାଇଁ ନିୟମିତ ଅଭିଯୋଗ ସମାଧାନ ବୈଠକ ଆୟୋଜନ କରୁଛି। ଓଡ଼ିଶା ସରକାରଙ୍କ ଥଇଥାନ ଓ ପୁର୍ନବାସ ନୀତି ଅଧୀନରେ ଥିବା ସମସ୍ତ ପିଡିଏଫ୍‌ଙ୍କୁ ଏହି ସୁବିଧା ପ୍ରଦାନ କରୁଛି।

ସେହିପରି ନାଲ୍‌କୋରେ ପ୍ରକଳ୍ପ କାର୍ଯ୍ୟ ଯୋଗୁଁ ମୋଟ ୬୩୬ ଜଣ ବିସ୍ଥାପିତ ହୋଇଛନ୍ତି। ସେଥିମଧ୍ୟରୁ କୋରାପୁଟ ଜିଲ୍ଲାର ଦାମନଯୋଡ଼ିରେ ୬୦୧ ଜଣ ଓ ଅନୁଗୋଳ ଜିଲ୍ଲାରେ ୩୫ ଜଣ ବିସ୍ଥାପିତ ହୋଇଛନ୍ତି। ଦାମନଯୋଡିର ୬୦୧ ଜଣ ଜମି ବିସ୍ଥାପିତ (ଏଲଡିପି)ଙ୍କ ମଧ୍ୟରୁ ୫୯୯ ଜଣ ଏଲଡିପି ସେମାନଙ୍କ ମନୋନୀତ ବ୍ୟକ୍ତି ନାଲକୋରେ ନିୟୋଜିତ ଥିଲେ। ଅବଶିଷ୍ଟ ଦୁଇଟି ମାମଲା ସମ୍ପର୍କରେ ନିକଟରେ ଚିହ୍ନଟ ହୋଇଥିବା ଗୋଟିଏ ମାମଲା ପାଇଁ ନାମାଙ୍କନ ଜିଲ୍ଲା ପ୍ରଶାସନ ଅନୁମୋଦନ କରିବ। ବାକି ଗୋଟିଏ ମାମଲା ପାଇଁ ପାରିବାରିକ ବିବାଦ କାରଣରୁ ମନୋନୀତଙ୍କ ଚୂଡ଼ାନ୍ତ ନ ହେବା କାରଣରୁ ଜିଲ୍ଲା କର୍ତ୍ତୃପକ୍ଷଙ୍କଠାରୁ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି ବୋଲି ଶ୍ରୀ ଯୋଶୀ କହିଛନ୍ତି।

ଅନୁଗୋଳର ୩୫ ଜଣ ଏଲଡିପିଙ୍କ ମଧ୍ୟରୁ ୩୪ ଜଣ ଏଲ୍ ଡିପିସେମାନଙ୍କ ମନୋନୀତ ବ୍ୟକ୍ତି ନିଯୁକ୍ତି ପାଇଥିବା ବେଳେ ଜଣେ ଏଲଡିପି ଚାକିରି ବଦଳରେ ଏକକାଳୀନ ନଗଦ ନେବାକୁ ପସନ୍ଦ କରିଛନ୍ତି। ବିସ୍ଥାପିତଙ୍କ ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କୋଇଲା ମନ୍ତ୍ରୀ କହିଛନ୍ତି ଯେ ଖଣି ପ୍ରକଳ୍ପରେ ବିସ୍ଥାପିତ ଲୋକଙ୍କ ଥଇଥାନ ଓ ପୁର୍ନବାସ (ଆର୍‌ଆଣ୍ଡଆର୍) ବିଷୟବସ୍ତୁ ରାଜ୍ୟ ସରକାରଙ୍କ ଅଧୀନରେ ରହିଛି। ନାଲ୍‌କୋ ଓ ଏମ୍‌ସିଏଲ୍‌ର ସୂଚନା ଅନୁଯାୟୀ, ନାଲ୍‌କୋର ପ୍ରକଳ୍ପ ଯୋଗୁଁ ବିସ୍ଥାପିତ ହୋଇଥିବା ଓଡ଼ଶାବାସୀଙ୍କ ସମସ୍ୟାକୁ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଥଇଥାନ ଓ ସ୍ଥାନୀୟ ବିକାଶ ପରାମର୍ଶଦାତା କମିଟି (ଆରପିଡିଏସି) ପକ୍ଷରୁ ସମୟକ୍ରମେ ସମୀକ୍ଷା କରାଯାଉଛି। ଏମସିଏଲରେ ଜମି ଅଧିଗ୍ରହଣ, ଥଇଥାନ ଓ ପୁର୍ନବାସ ଆଇନ, ୨୦୧୩ (ଆର୍‌ଏଫଡିଟିଏଲଆର ଆଇନ, ୨୦୧୩) ଅନୁଯାୟୀ ଜମି, ଗଛ/ ଫସଲ ଏବଂ ଢାଞ୍ଚା ଅଧିଗ୍ରହଣ ବିରୋଧରେ କ୍ଷତିପୂରଣ ଆକଳନ କରାଯାଏ। କୋଇଲା ଖଣି ଅଞ୍ଚଳ (ଅଧିଗ୍ରହଣ ଓ ବିକାଶ) ଆଇନ ୧୯୫୭ (ସିବିଏ (ଏଆଣ୍ଡଡି) ଅଧିନିୟମ ଅନୁଯାୟୀ ଏମସିଏଲରେ ଜମି ହସ୍ତାନ୍ତର ପରେ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଏ ବୋଲି ଶ୍ରୀ ଯୋଶୀ କହିଛନ୍ତି।

ସିଲାବସ୍ ବାହାରୁ ନମୁନା ପ୍ରଶ୍ନପତ୍ର; ଚିନ୍ତାରେ ଦଶମ ପରୀକ୍ଷାର୍ଥୀ

ଭୁବନେଶ୍ୱର, ୧୦।୧୨(ସମିସ): ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଆଉ ପ୍ରାୟ ଦୁଇମାସ ପରେ ଅର୍ଥାତ ଫେବ୍ରୁଆରୀ ୨୦ ତାରିଖରେ ଅନୁଷ୍ଠିତ ହେବ। ପରୀକ୍ଷା ପ୍ରସ୍ତୁତି ବୋର୍ଡ ପକ୍ଷରୁ ଆରମ୍ଭ ହୋଇସାରିଛି। ଗତ ୫ ତାରିଖରୁ ମାଧ୍ୟମିକ ଶିକ୍ଷା ପରିଷଦ ଛାତ୍ରଛାତ୍ରୀଙ୍କ ସୁବିଧା ପାଇଁ ନମୁନା ପ୍ରଶ୍ନପତ୍ର ବିଦ୍ୟାଳୟଗୁଡ଼ିକୁ ଯୋଗାଇଛି। ହେଲେ ଏଥିରେ ସିଲାବସ୍ ବାହାରୁ ବହୁ ପ୍ରଶ୍ନଥିବା ଅଭିଯୋଗ ହୋଇଛି। ଇଂରାଜୀ ବିଷୟର ପୂର୍ବରୁ ପ୍ରଚଳିତ ଥିବା ସିଲାବସ୍ ଯାହା ଏବେ ପାଠ୍ୟକ୍ରମରେ ନାହିଁ, ସେଠାରୁ ବହୁ ପ୍ରଶ୍ନ ଏଥିରେ ରହିଛି। ତେଣୁ ଛାତ୍ରଛାତ୍ରୀ କେଉଁ ସିଲାବସ୍ ଅନୁଯାୟୀ ପରୀକ୍ଷା ପ୍ରସ୍ତୁତି କରିବେ, ସେନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଇଂରାଜୀ ବିଭାଗର ୫୦ଟି ପ୍ରଶ୍ନ ମଧ୍ୟରୁ ପ୍ରାୟ ୮ଟି ପ୍ରଶ୍ନ ସିଲାବସ୍ ବାହାରୁ ଆସିଛି। ତେଣୁ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀ ଚିନ୍ତାରେ ପଡ଼ିଛନ୍ତି। ତୁରନ୍ତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ କିମ୍ବା ବୋର୍ଡ ତରଫରୁ ଏନେଇ ସ୍ପଷ୍ଟୀକରଣ ଦେବାକୁ ମାଧ୍ୟମିକ ଶିକ୍ଷକ ସଙ୍ଘର ପ୍ରଦୀପ୍ତ କୁମାର ପ୍ରଧାନ, ଅମରେନ୍ଦ୍ର ସ୍ୱାଇଁ, ବିଶ୍ୱଜିତ୍ ବିଶ୍ୱାଳ, ଚନ୍ଦ୍ରକାନ୍ତ ପଣ୍ଡା, ନିରୋଦ ରଥ, ପଞ୍ଚାନନ ଜେନା, ସନ୍ତୋଷ ସାହୁ, ଗିରିଜା ଶଙ୍କର କୁଣ୍ଡ, ସତ୍ୟନାରାୟଣ ଆଚାର୍ଯ୍ୟ ପ୍ରମୁଖ ଦାବି କରିଛନ୍ତି।

ଏମ୍‌ବିଏ ଓ ଏମ୍‌ସିଏ ପାଇଁ ଏଆଇସିଟିଇ ନାହିଁ ଅନୁମୋଦନ

ଭୁବନେଶ୍ୱର,୧୦।୧୨(ସମିସ): ରାଜ୍ୟର ବହୁ ଉଚ୍ଚଶିକ୍ଷାନୁଷ୍ଠାନରେ ପଢ଼ାଯାଉଥିବା ଦୁଇ ବର୍ଷିୟା ଏମ୍‌ବିଏ ଓ ଏମ୍‌ସିଏ ପଠ୍ୟକ୍ରମ ପାଇଁ ସର୍ବଭାରତୀୟ ବୈଷୟିକ ଶିକ୍ଷା ପରିଷଦ (ଏଆଇସିଟିଇ)ର ଅନୁମୋଦନ ନାହିଁ। ଦୀର୍ଘଦିନରୁ ସେଲଫ୍ ଫାଇନାନସିଂ ମୋଡ୍‌ରେ କଲେଜଗୁଡ଼ିକରେ ପାଠପଢ଼ା ହେଉଛି। ଅନୁଗୋଳ ମହାବିଦ୍ୟାଳୟ, ବାଲେଶ୍ୱରର ଫକୀର ମୋହନ ମହାବିଦ୍ୟାଳୟ, ଭଦ୍ରକ ମହାବିଦ୍ୟାଳୟ, କଟକ ଶୈଳବାଳା ମହାବିଦ୍ୟାଳୟ, ଢେଙ୍କାନାଳ ମହାବିଦ୍ୟାଳୟ, ଭୁବନେଶ୍ୱର ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ମହାବିଦ୍ୟାଳୟ, ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜ ଓ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଏହି ପାଠ୍ୟକ୍ରମ ପଢ଼ା ହେଉଛି। ଏହି ସମସ୍ତ ୮ଟି ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିନା ଏଆଇସିଟିଇ ଅନୁମୋଦନରେ ପାଠପଢ଼ାକୁ ନେଇ ନେଇ ଉଚ୍ଚଶିକ୍ଷା ବିଭାଗ ଉଦବେଗ ପ୍ରକାଶ କରିଛି। ଏହି ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଏଆଇସିଟିଇ ଅନୁମୋଦନ ପାଇଁ ପଦକ୍ଷେପ ନେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

- ଉଚ୍ଚଶିକ୍ଷା ବିଭାଗର ଉଦ୍‌ବେଗ, ୮ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଚିଠି
- ଆରମ୍ଭରେ ବାଧ୍ୟତାମୂଳକ ନ ଥିଲା ଏଆଇସିଟିଇ ଅନୁମୋଦନ

ଦୁଇ ବର୍ଷିୟା ଏମ୍‌ବିଏ ଓ ଏମ୍‌ସିଏ ପାଠ୍ୟକ୍ରମପାଇଁଏଆଇସିଟିଇଅନୁମୋଦନ ବାଧ୍ୟତାମୂଳକ ହୋଇଥାଏ। ଏହାଦ୍ୱାରା ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ବୈଷୟିକ ଶିକ୍ଷାର ମାନ ଓ ଗୁଣବତ୍ତା ସମ୍ପର୍କରେ ସୁନିଶ୍ଚିତ କରାଯାଇଥାଏ। ବିନା ଅନୁମୋଦନରେ ପାଠ୍ୟକ୍ରମ ଚାଲିଥିବାରୁ ଏହା ଏଆଇସିଟିଇ ନିୟମର ଉଲଂଘନ ବୋଲି ଉଚ୍ଚଶିକ୍ଷା ବିଭାଗ ଦର୍ଶାଇଛି। ବହୁ କଲେଜ ଅଧ୍ୟକ୍ଷଙ୍କ କହିବା ଅନୁଯାୟୀ ଏମ୍‌ବିଏ ଓ ଏମ୍‌ସିଏ ପାଠ୍ୟକ୍ରମ ଖୋଲିବା ସମୟରେ ଏଆଇସିଟିଇ ଅନୁମୋଦନ ବାଧ୍ୟତାମୂଳକ ନ ଥିଲା। ଏହାସହ ବିଭିନ୍ନ ବିଷୟରେ ସେମାନେ ବିଭାଗ ଠାରୁ ଅଧିକ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ଏହାପରେ ସେମାନେ ଏଆଇସିଟିଇ ଅନୁମୋଦନ ପାଇଁ ଆବେଦନ କରିବେ ବୋଲି କହିଛନ୍ତି। କିଛିଦିନ ପୂର୍ବରୁ ବହୁ କଲେଜର ସ୍ୱୟଂଶାସିତ ମାନ୍ୟତା ସରିଯାଇଥିଲେ ମଧ୍ୟ ନବୀକରଣ କରାଯାଇନଥିବାରୁ ବିଭାଗ ଉଦ୍‌ବେଗ ପ୍ରକାଶ କରିଥିଲା। ଶିକ୍ଷାର ସାମଗ୍ରିକ ବିକାଶ ପାଇଁ ସମସ୍ତ ସ୍ତରକୁ ଯାଞ୍ଚକରି ଶିକ୍ଷା ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି।

ପରିବାର ଆଖି ଆଗରେ ଭାସିଗଲା ନାବାଳକ

ପୁରୀ,୧୦।୧୨(ସମିସ): ପୁରୀ ସମୁଦ୍ରରେ ଘଟିଛି ଅଘଟଣ। ସ୍ନାନ କରୁଥିବାବେଳେ ପରିବାର ସଦସ୍ୟଙ୍କ ଆଖି ଆଗରେ ଭାସିଯାଇଛି ଜଣେ ନାବାଳକ। ଉଦ୍ଧାର ପାଇଁ ଲାଇଫ୍‌ଗାର୍ଡ ଚେଷ୍ଟା କରିଥିଲେ ହେଁ ସଫଳ ହୋଇପାରି ନାହାନ୍ତି। ସବୁଠୁ ଦୁଃଖଦ ଘଟଣା ହେଉଛି ସମ୍ପୃକ୍ତ ନାବାଳକ ଥରେ ସମୁଦ୍ରରେ ବୁଡ଼ିଯାଉଥିବା ବେଳେ ଲାଇଫ୍‌ଗାର୍ଡ ଉଦ୍ଧାର କରି ପରିବାର ସଦସ୍ୟଙ୍କ ଜିମା ଦେଇଥିଲେ। ହେଲେ ଦ୍ୱିତୀୟଥର ଏମିତି ଅଘଟଣ ଘଟିଯାଇଛି। ରବିବାର ସନ୍ଧ୍ୟା ହୋଇଯାଇଥିବାରୁ ସର୍ଚ୍ଚ ଅପରେସନ ବନ୍ଦ ହୋଇଛି।

ଥରେ ଉଦ୍ଧାର କରିଥିଲେ ଲାଇଫ୍‌ଗାର୍ଡ

ସୂଚନା ଅନୁଯାୟୀ, ବିହାର ବକ୍ସର ଜିଲ୍ଲା ଅମିରପୁରର ଏକ ପରିବାର ପୁରୀ ବୁଲିବାକୁ ଆସିଥିଲେ। ସେମାନେ ରବିବାର ଅପରାହ୍ନ ପ୍ରାୟ ୨ଟାରେ ଚକ୍ରତୀର୍ଥ ରୋଡ୍‌ସ୍ଥିତ ଗାନ୍ଧାର ହୋଟେଲ ପଛପାର୍ଶ୍ୱ ସମୁଦ୍ରରେ ସ୍ନାନ କରୁଥିଲେ। ମାତ୍ର ୧୩ ବର୍ଷୀୟ ଆର୍ଯ୍ୟନ ରାଜ୍ ପାଣିରେ ବୁଡ଼ିଯାଇଥିଲେ। ଏହାଦେଖି ସେଠାରେ ଉପସ୍ଥିତ ଥିବା ଲାଇଫ୍‌ଗାର୍ଡମାନେ ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ଜିମା ଦେଇଥିଲେ। ଏହାପରେ ପରିବାର ସଦସ୍ୟ ସେହି ବେଳାଭୂମିରେ ବସି ଖାଇଥିଲେ। ସମସ୍ତେ ଖାଇବାରେ ବ୍ୟସ୍ତ ଥିବାବେଳେ ଆର୍ଯ୍ୟନ ପୁନର୍ବାର ସମୁଦ୍ର ଭିତରକୁ ପଶିଥିଲେ। ଧୀରେ ଧୀରେ ସେ ଭିତରକୁ ଟାଣି ହୋଇଯାଇଥିଲେ। ପରିବାର ସଦସ୍ୟଙ୍କ ନଜର ତା' ଉପରେ ପଡ଼ିବା ବେଳକୁ ସେ ବୁଡ଼ି ଯାଇଥିଲେ। ସଙ୍ଗେ ସଙ୍ଗେ ୬/୭ ଜଣ ଲାଇଫ୍‌ଗାର୍ଡ ଉଦ୍ଧାର ପାଇଁ ଭିତରକୁ ପଶିଥିଲେ। ହେଲେ ସେ କରେଣ୍ଟରେ ପଡ଼ି ତଳେ ତଳେ କେଉଁ ଆଡ଼େ ଭାସିଯାଇଥିଲେ। ଲାଇଫ୍‌ଗାର୍ଡମାନେ ଯେତେ ଚେଷ୍ଟା କଲେ ବି ତାଙ୍କର ସନ୍ଧାନ ପାଇ ନ ଥିଲେ। ଏହାପରେ ଜେଟ୍‌ସ୍କି ସାହାଯ୍ୟରେ ଅଗ୍ନିଶମ କର୍ମଚାରୀ ଏବଂ ଲାଇଫ୍‌ଗାର୍ଡମାନେ ଖୋଜାଖୋଜି କରିଥିଲେ। ହେଲେ ସନ୍ଧ୍ୟା ହୋଇଗଲା ସିନା କିନ୍ତୁ ଆର୍ଯ୍ୟନଙ୍କ ସନ୍ଧାନ ମିଳି ନ ଥିଲା।

୪ ଜେଲ୍‌ରେ ନିଯୁକ୍ତି ହେବେ ମେଡିକାଲ୍ ଅଫିସର୍

ଭୁବନେଶ୍ୱର, ୧୦।୧୨(ସମିସ): ସ୍ୱାସ୍ଥ୍ୟ ସୁବିଧା ପାଇବେ ଜେଲ୍‌ରେ ରହୁଥିବା କଏଦୀ। ଖୁବ୍‌ଶୀଘ୍ର ରାଜ୍ୟରେ ଥିବା ୪ଟି ସବ୍‌ଜେଲ୍‌ରେ ନିଯୁକ୍ତି ହେବେ ମେଡିକାଲ୍ ଅଫିସର। ଏନେଇ ସ୍ୱାସ୍ଥ୍ୟ ବିଭାଗ ଗଜପତି, ନବରଙ୍ଗପୁର, ନୂଆପଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଗତ ନଭେମ୍ବର ୩୦ ତାରିଖରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଓଏମ୍‌ଏଚ୍‌ଏସ୍ କ୍ୟାଡର୍ ନିୟମିତ ପଦବୀ ପୂରଣ ପାଇଁ ବଣାଇଗଡ଼, ପାରଳାଖେମୁଣ୍ଡି, ନୂଆପଡ଼ା ଏବଂ ନବରଙ୍ଗପୁର ସବ୍-ଜେଲ୍‌ରେ ମେଡିକାଲ ଅଫିସର୍ ପଦବୀ ପୂରଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଡେପୁଟେସନ୍ ଆଧାରରେ ଏହି ଜିଲ୍ଲାର ସମ୍ପୃକ୍ତ ଜେଲ୍‌ଗୁଡ଼ିକରେ ଥିବା ହସ୍ପିଟାଲରେ ପଦବୀ ପ୍ରସ୍ତୁତ କରିବାକୁ କୁହାଯାଇଛି।

ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବିଭାଗର ନିର୍ଦ୍ଦେଶ

ଏନ୍‌ସିଆର୍‌ବି ରିପୋର୍ଟ ଅନୁଯାୟୀ ରୋଗରେ ପଡ଼ି ଗତ ୩ବର୍ଷରେ ୧୬୩ ଜଣ କଏଦୀଙ୍କର ମୃତ୍ୟୁ ଘଟିଲାଣି। ୨୦୨୨ରେ ୪୪ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୦୨୧ରେ ୫୨ ଏବଂ ୨୦୨୦ରେ ୬୭ଜଣଙ୍କର ମୃତ୍ୟୁ ଘଟିଥିଲା। ବିଶେଷକରି ହୃଦ୍‌ଘାତଜନିତ କାରଣରୁ ସେମାନଙ୍କର ମୃତ୍ୟୁ ଘଟୁଥିବା ଜଣାପଡ଼ିଛି। ସେହିପରି ୨୦୨୦ରେ ବାର୍ଦ୍ଧକ୍ୟ କାରଣରୁ ଜେଲ୍‌ରେ କେହି ମରି ନ ଥିବା ବେଳେ ରୋଗରେ ପଡ଼ି ୬୭ଜଣ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଥିଲା। ୨୦୨୨ରେ ହୃଦଘାତରେ ୧୬ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଫୁସ୍‌ଫୁସ୍ ରୋଗ ପାଇଁ୨ଜଣ ଏବଂ ଯକୃତ ରୋଗରେ ପଡ଼ି ୨ଜଣଙ୍କର ମୃତ୍ୟୁ ଘଟିଥିଲା।

ଧନୁଯାତ୍ରାରୁ କଂସଙ୍କ ହାତୀ ଫେରାର୍

ସୋନପୁର,୧୦।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଧନୁଯାତ୍ରାରେ କଂସଙ୍କ ହାତୀ ଫେରାର। ଧନୁଯାତ୍ରା ପାଇଁ ଭଡାରେ ଆସିଥିବା ହାତୀ ମାହୁନ୍ତକୁ କଚାଡି ସ୍ଥାନ ଛାଡ଼ି ପଳାଇ ଥିବା ସୂଚନା ମିଳିଛି। ତେବେ ମାହୁନ୍ତ ଜଣକ ସୁରକ୍ଷିତ ଥିବା ଜଣାପଡ଼ିଛି। ହାତୀଟି ନିକଟସ୍ଥ ଜଙ୍ଗଲକୁ ପଳାଇଥିବା ସନ୍ଦେହ କରାଯାଉଛି। ସୂଚନା ଅନୁସାରେ, ରବିବାର ଧନୁଯାତ୍ରାର ଚତୁର୍ଥ ରଜନୀରେ କଂସ ମହାରାଜଙ୍କୁ ହାତୀ ନେବା ପାଇଁ ଯାଇଥିବା ବେଳେ ହଠାତ ଅସ୍ୱାଭାବିକ ବ୍ୟବହାର ଦେଖାଇ ଥିଲା। ମାହୁନ୍ତ ଜଣକ ହାତୀକୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା କରିଥିଲେ ହେଁ ହାତୀଟି ନିୟନ୍ତ୍ରଣ ହରାଇ ମାହୁନ୍ତକୁ କଚାଡି ଦୌଡ଼ି ପଳାଇ ଥିଲା। ତେବେ ଅନ୍ଧାର ହୋଇଥିବାରୁ ହାତୀକୁ ଖୋଜିବାରେ ବାଧା ସୃଷ୍ଟି ହୋଇଛି। ସମସ୍ତେ ହାତୀଟିକୁ ଖୋଜିବାରେ ଲାଗିଥିବା ବେଳେ ଯାତ୍ରା ମଧ୍ୟ ବାଧାପ୍ରାପ୍ତ ରହିଛି।

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

୩୦୫ କୋଟି...

ଭାଟିରେ ଆୟକର ବିଭାଗ ପକ୍ଷରୁ ପୁଣି ରେଡ୍ କରାଯାଇଛି। ଚଢ଼ଉ ବେଳେ କିଛି ଟଙ୍କା ସହ କେତେକ କାଗଜପତ୍ର ଆୟକର ଅଧିକାରୀଙ୍କ ହାତରେ ଲାଗିଛି। ଭାଟି ଭିତରେ ମ୍ୟାନେଜର ରାଜେଶ ସାହୁ ଓ ବଣ୍ଟି ସାହୁଙ୍କୁ ଆଇଟି ଏବଂ ଅବକାରୀ ଅଧିକାରୀଙ୍କ ଉପସ୍ଥିତିରେ ଜେରା କରାଯାଇଛି। ଏହି ଟଙ୍କାର ଉତ୍ସ ସମ୍ପର୍କରେ ଆୟକର ବିଭାଗ ମୁହାଁମୁହିଁ ପଚରାଉଚରା କରୁଛି। ଏହି ସବୁ ଟଙ୍କାର ଟ୍ୟାକ୍ସ ଦିଆଯାଇଛି କି ନାହିଁ ତାହାକୁ ନେଇ ମଧ୍ୟ ଖୋଳତାଡ଼ କରାଯାଉଛି।

ସୁଦପଡ଼ା ଦେଶୀ ମଦଭାଟିରୁ ମିଳିଥିବା ନାଲି ଡାଏରୀକୁ ନେଇ ରହସ୍ୟ ବଢୁଥିବା ବେଳେ ମିଳିଛି ଆଉ ଏକ ଟିପା ଖାତା। ଏହି ଖାତାରେ ରହିଛି ମଦ ଭାଟିରୁ ଚାନ୍ଦା ନେଉଥିବା ଏକାଧିକ ଲୋକଙ୍କ ନାଁ। ଦୀର୍ଘ ବର୍ଷ ଧରି ଏହି ଫାଇଲ ପରିଚାଳନା କରୁଥିଲେ ମୁଖ୍ୟ ମ୍ୟାନେଜର ରାଜେଶ ସାହୁ ଓ ଫାଇନାନସିଆଲ ମ୍ୟାନେଜର ବଣ୍ଟି ସାହୁ। ଅନେକ ବଡ଼ବଡ଼ିଆଙ୍କ ସମେତ ଗୁଣ୍ଡା ଶ୍ରେଣୀର ଲୋକ, ବିଭିନ୍ନ ପୂଜା ମଣ୍ଡପ, ମିଡିଲ ମ୍ୟାନ ଓ ଅନେକ ବ୍ୟକ୍ତିଙ୍କ ନାଁ ଏହି ଟିପା ଖାତାରେ ରହିଛି। ଏହି ଟିପା ଖାତାକୁ ଜବତ କରି ତଦନ୍ତ ଆରମ୍ଭ କରିଛି ଆୟକର ବିଭାଗ। ଖାତାରେ ବିଭିନ୍ନ ବ୍ୟକ୍ତିଙ୍କୁ ସର୍ବନିମ୍ନ ହଜାରେ ଟଙ୍କାରୁ ଆରମ୍ଭ କରି ଲକ୍ଷାଧିକ ଟଙ୍କା ପର୍ଯ୍ୟନ୍ତ ଚାନ୍ଦା ଦିଆଯାଇଥିବା ଲେଖା ଯାଇଛି। ଖାତାରେ ଥିବା ଲୋକଙ୍କୁ ଆୟକର

ମୁଦ୍ରା ବିନିମୟ ମୂଲ୍ୟ

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୯୫
- ପାଉଣ୍ଡ ୧୦୫.୧୪
- ୟୁରୋ ୮୯.୪୬
- ୟେନ୍ ୦.୫୮

ସୁନାରୁପା ଦର

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୦୫୦ (ଭୁବନେଶ୍ୱର)
- ରୁପା : ୭୮,୦୦୦ (କେଜି)

ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୬୯,୮୨୫.୦୦
- ନିଫ୍ଟି ୨୦,୯୬୯.୦୦

ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

● ପେମେଣ୍ଟ ନିୟମରେ ପରିବର୍ତ୍ତନ ଆଣିଲା ଆର୍‌ବିଆଇ

ବିନା ଓଟିପିରେ ୧ ଲକ୍ଷ ଯାଏ ୟୁପିଆଇ ପେମେଣ୍ଟ

ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି):

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ପେମେଣ୍ଟ ନିୟମରେ ପରିବର୍ତ୍ତନ ଆଣିଛି ଭାରତୀୟ ରିଜର୍ଭ ବ୍ୟାଙ୍କ ଆର୍‌ବିଆଇ। ଏହି ଅନୁଯାୟୀ କେତେକ ନିର୍ଦ୍ଦିଷ୍ଟ କାରବାର କ୍ଷେତ୍ରରେ ୟୁପିଆଇ ଆଟୋ ପେମେଣ୍ଟ ସୀମା ବଢ଼ିବ। ଯେଉଁଥିରେ ଓଟିପି (ୱାନ୍-ଟାଇମ୍ ପାସ୍‌ୱାର୍ଡ) ଭଳି ଅତିରିକ୍ତ ଯାଞ୍ଚ ପ୍ରକ୍ରିୟା ବା ଭେରିଫିକେସନ୍‌ର ଆବଶ୍ୟକତା ପଡିବନାହିଁ। ଏହାର ଅର୍ଥ ହେଉଛି ୧ ଲକ୍ଷ ଟଙ୍କା ଯାଏ ଅଟୋ ପେମେଣ୍ଟ ପାଇଁ ୟୁଜରଙ୍କୁ ଓଟିପି ଦେବାକୁ ପଡିବନାହିଁ। ଏହି ନୂତନ ସୀମା କେବଳ ମ୍ୟୁଚୁଆଲ୍ ଫଣ୍ଡ ସବସ୍କ୍ରିପସନ୍, ବୀମା ପ୍ରିମିୟମ୍ ସବସ୍କ୍ରିପସନ୍ ଏବଂ କ୍ରେଡିଟ୍ କାର୍ଡ ପରିଶୋଧ କ୍ଷେତ୍ରରେ କାର୍ଯ୍ୟକାରୀ କରାଯାଇଛି। ଏହି ପଦକ୍ଷେପ ଗହଣ କରି ୟୁପିଆଇ ଅଟୋ ଡେବିଟ୍ କାରବାର ନେଇ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଗ୍ରାହକଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛି। ରିଜର୍ଭ ବ୍ୟାଙ୍କ ବର୍ତ୍ତମାନ ଏହି ସୀମାକୁ ୧୫ ହଜାରରୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଏହାର ଅର୍ଥ ହେଉଛି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପେମଣ୍ଟ ଉପରେ ଓଟିପି ଆବଶ୍ୟକ ହେବ ନାହିଁ। ଏହି ନୂଆ ନିୟମ ସମସ୍ତ ପ୍ରକାର ପେମେଣ୍ଟ ପାଇଁ ପ୍ରଯୁଜ୍ୟ ହେବ ନାହିଁ। ଏହାପୂର୍ବରୁ ୨୦୨୨ ଜୁନ୍‌ରେ ଏହି ପେମେଣ୍ଟ ସୀମା ୫ରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିଲା।

ପ୍ରଚଳିତ ବ୍ୟବସ୍ଥାରେ ଅଟୋ ପେମେଣ୍ଟ ୧୫,୦୦୦ ଟଙ୍କାରୁ ଅଧିକ ହେଲେ ଓଟିପି ଆଧାରିତ ଏଏଫ୍‌ଏ ପ୍ରଯୁଜ୍ୟ ହେବ। ଡିଜିଟାଲ୍ କାରବାରର ନିରାପତ୍ତା ଏବଂ ଗ୍ରାହକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରିକରିଂ କାରବାର ପାଇଁ ଇ-ମାଣ୍ଡେଟ୍ ପ୍ରୋସେସିଂର ରୂପରେଖା ଅଗଷ୍ଟ ୨୦୧୯ରେ କରାଯାଇଥିଲା। ବର୍ତ୍ତମାନ ପଞ୍ଜୀକୃତ ଇ-ମାଣ୍ଡେଟ୍ ସଂଖ୍ୟା ୮.୫ କୋଟି, ଯାହା ମାସକୁ ପ୍ରାୟ ୨୮୦୦ କୋଟି ଟଙ୍କା ମୂଲ୍ୟର କାରବାର ପ୍ରୋସେସିଂ କରିଥାଏ। କିନ୍ତୁ ମ୍ୟୁଚୁଆଲ୍ ଫଣ୍ଡ ସବ୍‌ସ୍କ୍ରିପସନ୍, ଇନସ୍ୟୁରାନ୍ସ ପ୍ରିମିୟମ ପେମେଣ୍ଟ ଏବଂ କ୍ରେଡିଟ କାର୍ଡ ବିଲ୍ ପେମେଣ୍ଟ ପରି ବର୍ଗରେ, ଯେଉଁଠାରେ କାରବାର ଆକାର ୧୫ ହଜାର ଟଙ୍କାରୁ ଅଧିକ ସେସବୁ କ୍ଷେତ୍ରରେ ପେମେଣ୍ଟ ସୀମା ବୃଦ୍ଧି କରିବାର ଆବଶ୍ୟକତା ଅନୁଭବ କରାଯାଇଛି। ଏହା ଉପରେ ଖୁବ ଶୀଘ୍ର ଏକ ସର୍କୁଲାର ଜାରି କରାଯିବ ବୋଲି ଜଣାପଡିଛି।

ଦ୍ୱି-ମାସିକ ମୁଦ୍ରାନୀତି ସମୀକ୍ଷା ଉପସ୍ଥାପନ କରି କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଛନ୍ତି ଯେ ମ୍ୟୁଚୁଆଲ ଫଣ୍ଡ, ବୀମା ପ୍ରିମିୟମ ଏବଂ କ୍ରେଡିଟ କାର୍ଡ ବିଲ୍ ପେମେଣ୍ଟ ପାଇଁ । ଲକ୍ଷ ଟଙ୍କା ପର୍ଯ୍ୟନ୍ତ କାରବାର ପାଇଁ ଏଏଫ୍‌ଏ ଆବଶ୍ୟକତାକୁ ଛାଡ କରିବାକୁ ପ୍ରସ୍ତାବ ଦିଆଯାଇଛି। ସେ କହିଛନ୍ତି ଯେ ଅନ୍ୟାନ୍ୟ ବିଦ୍ୟମାନ ଆବଶ୍ୟକତା ଯେପରିକି ପୂର୍ବ ଏବଂ ପରବର୍ତ୍ତୀ କାରବାର ସୂଚନା, ଉପଭୋକ୍ତାମାନଙ୍କ ପାଇଁ ବିକଳ୍ପ ଇତ୍ୟାଦି ଏହି କାରବାର ପାଇଁ ପ୍ରଯୁଜ୍ୟ ହେବ। ଏହି ପରିପ୍ରେକ୍ଷୀରେ ଏକ ସଂଶୋଧିତ ସର୍କୁଲାର ଖୁବ୍ ଶୀଘ୍ର ଜାରି କରାଯିବ।

୨୦୨୩ରେ ଛାଇଗଲା ସୁନାର ଚମକ

ନୂଆଦିଲ୍ଲୀ,୧୦।୧୨(ସମିସ): ଚଳିତବର୍ଷ ନିବେଶକମାନଙ୍କ ପାଇଁ ବିପୁଳ ରୋଜଗାର କରିବାରେ ଷ୍ଟକ୍ ମାର୍କେଟ୍ ଯେପରି କୌଣସି ଅବସର ଛାଡିନାହିଁ ସେହିଭଳି ସୁନା ଓ ରୂପା ମଧ୍ୟ ନିବେଶକମାନଙ୍କ ପାଇଁ ବିପୁଳ ଲାଭ ଅର୍ଜନ କରିଛି। ୨୦୨୩ରେ ସୁନା ନିବେଶକଙ୍କୁ ପ୍ରାୟ ୧୪ ପ୍ରତିଶତ ରିଟର୍ଣ୍ଣ ଦେଇଛି। ଅନ୍ୟପକ୍ଷରେ ରୂପାରୁ ମଧ୍ୟ ନିବେଶକ ପ୍ରାୟ ୧୨ ପ୍ରତିଶତ ଆୟ କରିଛନ୍ତି। ଗତ ଏକ ସପ୍ତାହ ଧରି ସୁନା ନିବେଶକମାନଙ୍କ ପାଇଁ ଆନନ୍ଦ ଏବଂ ଉତ୍ସାହରେ ପରିପୂର୍ଣ୍ଣ ଥିଲା। ସୋମବାର ଅର୍ଥାତ୍ ୪ଡିସେମ୍ବରରେ ସୁନା ମୂଲ୍ୟ ପ୍ରଥମ ଥର ପାଇଁ ୬୪ ହଜାର ଟଙ୍କାର ରେକର୍ଡ ସ୍ତର ଅତିକ୍ରମ କରିଥିଲା। ଏହାପରେ, ଯେତେବେଳେ ଶୁକ୍ରବାର ଦିନ ବଜାର କାରବାର ବନ୍ଦ ହେଲା ସେତେବେଳେ ଏହି ଧାତୁର ମୂଲ୍ୟ ୬୨ ହଜାର ଟଙ୍କାରୁ ତଳକୁ ଖସିଗଲା। ଏହାର ଅର୍ଥ ହେଉଛି ବର୍ତ୍ତମାନ ୧୦ ଗ୍ରାମ ପିଛା ସୁନା ମୂଲ୍ୟ ରେକର୍ଡ ସ୍ତରଠାରୁ ୨୩୪୪ ଟଙ୍କା ହ୍ରାସ ପାଇଛି। ଏହି ସମୟ ମଧ୍ୟରେ ରୂପା ମୂଲ୍ୟରେ ୬ ହଜାର ଟଙ୍କାରୁ ଅଧିକ ହ୍ରାସ ଘଟିଛି।

ଅପରପକ୍ଷେ କ୍ରମାଗତ ଭାବେ ଦ୍ୱିତୀୟ ବର୍ଷ ପାଇଁ ସୁନା ଏବଂ ରୂପା ଦୁଇ ଅଙ୍କ କିମ୍ବା ଅନ୍ୟ ଅର୍ଥରେ, କୋଭିଡ୍ ଅବଧି ଶେଷ ହେବା ପରେ ଏହା ହେଉଛି ଦ୍ୱିତୀୟ ବର୍ଷ ଯେତେବେଳେ ଉଭୟ ଧାତୁ ନିବଶେକଙ୍କୁ ୧୦ ପ୍ରତିଶତରୁ ଅଧିକ ରିଟର୍ଣ୍ଣ ଦେଇଛି। ତେବେ ସୁନା ଦର ବୃଦ୍ଧି ପାଇଁ ଅନେକ କାରକ ଦାୟୀ। ଏହାର ଯେଉଁଥିରେ ପ୍ରଥମ କାରଣ ହେଉଛି ବ୍ୟାଙ୍କଗୁଡ଼ିକ ଦ୍ୱାରା କ୍ରମାଗତ କ୍ରୟ। ଦ୍ୱିତୀୟଟି ହେଉଛି ଭୂ-ରାଜନୈତିକ ତିକ୍ତତା। ତୃତୀୟ ଟି ଡଲାର ସୂଚକାଙ୍କରେ ହ୍ରାସ। ଏହାଛଡା ଚତୁର୍ଥ କାରଣ ହେଉଛି ଇକ୍ୱିଟି ବଜାରର ମୂଲ୍ୟ ଅଧିକ ଏବଂ ୫ମ କାରଣ ନିବେଶକଙ୍କ ମଧ୍ୟରେ ଏହି ଧାତୁର କ୍ରମାଗତ ଚାହିଦା ବଢ଼ିବା। ଏହିସବୁ କାରଣରୁ ସୁନା ଦର ବୃଦ୍ଧି ପାଉଛି। ବିଶେଷ କଥା ହେଉଛି ସୁନା ଏବଂ ରୂପା ଉପରେ ରିଟର୍ନ ସେନ୍‌ସେକ୍ସ ଏବଂ ନିଫ୍ଟିର ରିଟର୍ଣ୍ଣଠାରୁ କିଛି କମ୍ ନାହିଁ। ଯଦି ପୁରା ବର୍ଷକୁ ବିଶ୍ଳେଷଣ କରିବା ତେବେ ଜଣାପଡିବ ଯେ, ୨୦୨୩ର ୧୧ ମାସ ମଧ୍ୟରୁ ୪ମାସ ଏମିତି ଅଛି ଯେଉଁଥିରେ ସୁନା ମୂଲ୍ୟ ହ୍ରାସ ପାଇଛି। ଫେବୃଆରୀ ମାସରେ ସୁନା ଦର ୨.୪୪ ପ୍ରତିଶତ ହ୍ରାସ ପାଇଛି। ଜୁନ୍ ମାସ ପରେ ଅଗଷ୍ଟ ଏବଂ ସେପ୍ଟେମ୍ବର ମାସରେ ସୁନା ମୂଲ୍ୟ କ୍ରମାଗତ ଭାବେ ଯଥାକ୍ରମେ ୧.୧୮ ପ୍ରତିଶତ ଏବଂ ୨.୯୯ ପ୍ରତିଶତ ହ୍ରାସ ହୋଇଛି। ଅବଶିଷ୍ଟ ୭ମାସରେ ସୁନା ମୂଲ୍ୟରେ ବୃଦ୍ଧି ଘଟିଛି। ଜାନୁଆରୀ ମାସରେ ପ୍ରାୟ ୪ ପ୍ରତିଶତ, ମାର୍ଚ୍ଚରେ ପ୍ରାୟ ୭ ପ୍ରତିଶତ ଏବଂ ଅକ୍ଟୋବର ମାସରେ ପ୍ରାୟ ୬ପ୍ରତିଶତ ବୃଦ୍ଧି ଘଟିଛି। ଏହିପରି, ଜାନୁଆରୀରୁ ନଭେମ୍ବର ମଧ୍ୟରେ ସୁନା ମୂଲ୍ୟରେ ୧୦ ଗ୍ରାମ ପିଛା ୧୩.୮୬ ପ୍ରତିଶତ ବୃଦ୍ଧି ଘଟିଛି। ଅନ୍ୟପକ୍ଷରେ, ରୂପା ମୂଲ୍ୟରେ ମଧ୍ୟ ବର୍ଷର ୧୧ ମାସରେ ୧୧.୬୭ ପ୍ରତିଶତ ବୃଦ୍ଧି ହୋଇଛି।

୧୦ ଗ୍ରାମ ପିଛା ୬୨,୩୫୦ ଟଙ୍କା।

ବର୍ଷକରେ ୧୪ ପ୍ରତିଶତ ରିଟର୍ଣ୍ଣ ଦେଇଛି

ରୁପାରୁ ୧୨ ପ୍ରତିଶତ ଆୟ ହୋଇଛି

ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିବା ପରେ ବି ଚାହିଦା କମୁନି

ମାଲାବାର ପକ୍ଷରୁ 'ମାଇନ୍ ଡାଏମଣ୍ଡ ଫେଷ୍ଟିଭାଲ'

ଭୁବନେଶ୍ୱର,୧୦।୧୨(ଏଜେନ୍ସି): ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ପକ୍ଷରୁ 'ମାଇନ୍ ଡାଏମଣ୍ଡ ଫେଷ୍ଟିଭାଲ'ର ଉନ୍ମୋଚନ କରାଯାଇଛି। ଏହି ଫେଷ୍ଟିଭାଲ ଚଳିତମାସ ୮ରୁ ଜାନୁଆରୀ ୧୪ ଯାଏ ଓଡ଼ିଶାରେ ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସର ଷ୍ଟୋରଗୁଡିକରେ ଚାଲିବ। ଏହି ଫେଷ୍ଟିଭାଲ'ର ଅଂଶସ୍ୱରୂପ ଗ୍ରାହକମାନେ ହୀରା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିଆତି ଏବଂ ପୁରୁଣା ମାଇନ୍ ଡାଏମଣ୍ଡ ଜୁଏଲେରୀର ଏକ୍ସଚେଞ୍ଜ ଉପରେ ମୂଲ୍ୟର ଶତ ପ୍ରତିଶତ ପାଇପାରିବେ। ଏହି ଫେଷ୍ଟିଭାଲରେ ଗ୍ରାହକ ବିଭିନ୍ନ ରେଞ୍ଜର ହୀରା ଅଳଙ୍କାର,ସଲିଟେୟାର ,ପାର୍ଟିଓୟାର, କାଜୁଆଲ ପିକ୍ସ ଏବଂ ବ୍ରାଇଡାଲ ଚଏସ୍ ପାଇପାରିବେ। ଏ ସମ୍ପର୍କରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଛନ୍ତି ଯେ, ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସରେ ରହିଥିବା ଏକ୍ସକ୍ଲୁସିଭ୍ ଅଳଙ୍କାର ସାମଗ୍ରୀକୁ ବାଛି କିଣିବାକୁ ଆମେ ଆମର ପୃଷ୍ଠପୋଷକମାନଙ୍କୁ ଆହ୍ୱାନ କରୁଛୁ। 'ମାଇନ୍ ଡାଏମଣ୍ଡ ଫେଷ୍ଟିଭାଲ'ରେ ଅଣାଯାଇଥିବା କଲେକ୍‌ସନ୍‌ଗୁଡିକ ଆମର ଶୁଦ୍ଧତା ଏବଂ ଗ୍ରାହକଙ୍କ ପ୍ରତି ରହିଥିବା ଭଲ ପାଇବାକୁ ପ୍ରତିପାଦିତ କରୁଛି। ହୀରା ଅଳଙ୍କାର କ୍ଷେତ୍ରରେ ପ୍ରମାଣୀକୃତ ସୂତ୍ରରୁ ବ୍ୟବହାର ପୂର୍ବକ ମାଲାବାର ଗ୍ରାହକଙ୍କୁ ବିଶ୍ୱାସଜନକ, ସ୍ୱଚ୍ଛ ଏବଂ ଉନ୍ନତ ମାନର ଉତ୍ପାଦମାନ ଯୋଗାଇ ଦେଇଥାଏ।

ନୂଆବର୍ଷରୁ ମହଙ୍ଗା ହେବ ଟାଟା ଗାଡ଼ି

ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି): ନୂଆବର୍ଷଠାରୁ ମହଙ୍ଗା ହେବ ଟାଟା କମ୍ପାନୀର ଗାଡ଼ି। ୨୦୨୪ ଜାନୁଆରୀ ପହିଲାଠାରୁ ଟାଟା ମୋଟର୍ସ ଏହାର ସମସ୍ତ ବାଣିଜ୍ୟିକ ଗାଡ଼ିଗୁଡ଼ିକର ମୂଲ୍ୟ ବଢ଼ାଇବ ବୋଲି ଘୋଷଣା କରିଛି। ଉତ୍ପାଦନ ଖର୍ଚ୍ଚର ଭରଣା କରିବା ପାଇଁ କମ୍ପାନୀ ୩ ପ୍ରତିଶତ ଗାଡ଼ି ମୂଲ୍ୟ ବଢ଼ାଇବ ବୋଲି ଘୋଷଣା କରିଛି। ତେବେ କେବଳ ଟାଟା ନୁହେଁ, ଯାତ୍ରାବାହୀ ଯାନ ନିର୍ମାଣ କରୁଥିବା ଅଧିକାଂଶ କମ୍ପାନୀ ଯଥା- ମାରୁତି ସୁଜୁକି, ହ୍ୟୁଣ୍ଡାଇ ମୋଟର୍ସ ଇଣ୍ଡିଆ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ହୋଣ୍ଡା ଏବଂ ଅଡି ଭଳି କମ୍ପାନୀ ଆସନ୍ତା ଜାନୁଆରୀ ମାସରୁ ସେମାନଙ୍କର ଗାଡ଼ିଗୁଡ଼ିକର ମୂଲ୍ୟ ବଢ଼ାଇବା ନେଇ ଘୋଷଣା କରିଛନ୍ତି। ସାମଗ୍ରୀ ମୂଲ୍ୟ ବୃଦ୍ଧି ହେତୁ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏସ୍‌ୟୁଭି ଓ ଅନ୍ୟ ବାଣିଜ୍ୟିକ ଯାନର ମୂଲ୍ୟ ବଢ଼ାଇବ ବୋଲି ଘୋଷଣା କରିଥିବା ବେଳେ ସୁଜୁକି କହିଛି ଖର୍ଚ୍ଚ ବଢ଼ି ଥିବାରୁ ମୂଲ୍ୟ ବଢ଼ାଇବ। ବିଳାସମୟ କାର ନିର୍ମାଣକାରୀ ଅଡି ମଧ୍ୟ ଉତ୍ପାଦନ ଖର୍ଚ୍ଚ ଅଧିକ ହେଉଥିବାରୁ କାର୍ ମୂଲ୍ୟ ବଢ଼ାଇବ ବୋଲି ଘୋଷଣା କରିଛି। ଜାନୁଆରୀ ୧ ତାରିଖ ଠାରୁ ସମସ୍ତ କମ୍ପାନୀ ବର୍ଦ୍ଧିତ ଦର ଲାଗୁ କରିବେ ବୋଲି ଜଣାପଡିଛି।

ବକେୟା ଡିଏ ଦେବାକୁ କେନ୍ଦ୍ର ପାଖରେ ଅର୍ଥ ନାହିଁ

ରେକର୍ଡ ଜିଏସ୍‌ଟି ସଂଗ୍ରହ
- ୧୮ ମାସ ହେବ ବକେୟା ପଡିରହିଛି
- କର୍ମଚାରୀ-ପେନ୍‌ସନ୍‌ଭୋଗୀ ହତାଶ
- ଆନ୍ଦୋଳନ ପାଇଁ ସଜବାଜ

ନୂଆଦିଲ୍ଲୀ,୧୦।୧୨(ଏଜେନ୍ସି): ଦେଶରେଦ୍ରବ୍ୟ ଏବଂ ସେବା ଟିକସ(ଜିଏସ୍‌ଟି) ରେକର୍ଡ ସଂଗ୍ରହ ବଢ଼ିଚାଲିଛି, କିନ୍ତୁ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡିକ ନିକଟରେ କର୍ମଚାରୀଙ୍କୁ ବକେୟା ମହଙ୍ଗା ଭତ୍ତା(ଡିଏ) ଦେବା ନିମନ୍ତେ ଡିଏ ଦେବାକୁ ଅର୍ଥ ନାହିଁ। ତେଣୁ ଦୀର୍ଘ ୧୮ ମାସ ହେବ ଡିଏ ବଂ ଡିଆର୍(ମହଙ୍ଗା ଆଶ୍ୱସ୍ତି) ବାବଦ ଅର୍ଥ ନ ପାଇଁ କୋଟି କୋଟି ସଂଖ୍ୟାରେ କର୍ମଚାରୀ-ପେନସନଭୋଗୀ ହତାଶ। ତେଣୁ ସେମାନେ ଏବେ ଶେଷ ପଦକ୍ଷେପ ସ୍ୱରୂପ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଛି।

ଏଠାରେ ସୂଚନାଯୋଗ୍ୟ ଯେ, କୋଭିଡ ସମୟରେ କେନ୍ଦ୍ର ସରକାର କର୍ମଚାରୀମାନଙ୍କୁ ପ୍ରାୟ ୩୫ ହଜାର କୋଟି ଟଙ୍କାର ଡିଏ/ ଡିଆର୍ ପ୍ରଦାନ କରି ନ ଥିଲେ। ଯଦି ରାଜ୍ୟ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କୁ ଏଥିରେ ଯୋଗ କରାଯାଏ ତେବେ ଏହି ଅର୍ଥ ରାଶି ୧ ଲକ୍ଷ କୋଟି ଟଙ୍କା ହେବ | ଏହାପରେ ଅନେକ ଥର କର୍ମଚାରୀ ସଂଗଠନଗୁଡିକ ଉକ୍ତ ଅର୍ଥ ରାଶି ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ ସୁଦ୍ଧା ସମ୍ପ୍ରତି ଅର୍ଥନୈତିକ ଅବସ୍ଥା ଭଲ ନ ଥିବା ଦର୍ଶାଇ କେନ୍ଦ୍ର ସରକାର ଡିଏ/ଡିଆର ଦେୟ ଦେବାକୁ ମନା କରିଦେଇଥିଲେ। ଏ ବାବଦରେ ସଂସଦରେ ମଧ୍ୟ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି, କିନ୍ତୁ ସରକାରଙ୍କ ଉତ୍ତର ଏ ନେଇ ନକାରାତ୍ମକ ରହିଛି। ଅଲ ଇଣ୍ଡିଆ ରାଜ୍ୟ ସରକାରୀ କର୍ମଚାରୀ ଫେଡେରେଶନର ସଭାପତି ସୁଭାଷ ଲାମ୍ବା କହିଛନ୍ତି ଯେ ଯଦି ବକେୟା ହୋଇଥିବା ଡିଏ /ଡିଆର ପ୍ରଦାନ କରା ନ ଯାଏ ତେବେ ଦେଶବ୍ୟାପୀ ଏହାକୁ ବିରୋଧ କରାଯିବ। ସାରା ଦେଶରେ କୋଟି କୋଟି କର୍ମଚାରୀ ଏବଂ ପେନସନଭୋଗୀଙ୍କ ମଧ୍ୟରେ କେନ୍ଦ୍ର ସରକାରଙ୍କ ବିରୋଧରେ ଏହାକୁ ପ୍ରବଳ ଅସନ୍ତୋଷ ରହିଛି। ଶ୍ରୀ ଲାମ୍ବାଙ୍କ କହିବାନୁଯାୟୀ, କରୋନା ଅବଧିରେ ଜିଏସ୍‌ଟି ସଂଗ୍ରହ ନ କରିବା ନାମରେ ସରକାର ଜାନୁୟାରୀ ୨୦୨୦ରୁ ଜୁନ୍ ୨୦୨୧ ମଧ୍ୟରେ ୧୮ ମାସ ପର୍ଯ୍ୟନ୍ତ ସାରା ଦେଶରେ କୋଟି କୋଟି କର୍ମଚାରୀ ଏବଂ ପେନସନଭୋଗୀଙ୍କ ୧୧ ପ୍ରତିଶତ ଡିଏ/ଡିଆରକୁ ବନ୍ଦ କରିଦେଇଥିଲେ। କେନ୍ଦ୍ରର ରାସ୍ତାରେ ଯାଏ ରାଜ୍ୟ ସରକାରମାନେ ମଧ୍ୟ ସେମାନଙ୍କ କର୍ମଚାରୀ ଏବଂ ପେନସନଭୋଗୀଙ୍କ ୧୮ ମାସର ଡିଏ /ଡିଆର ପ୍ରଦାନ ରୋକିଦେଇଥିଲେ। ତେବେ ଜିଏସ୍‌ଟି ସଂଗ୍ରହ ଏବଂ ଅର୍ଥନୀତି ସ୍ୱାଭାବିକ ହେବା ପରେ କର୍ମଚାରୀ ଏବଂ ପେନସନଭୋଗୀଙ୍କ ବନ୍ଦ ହୋଇଥିବା ଡିଏ /ଡିଆର ପ୍ରଦାନ କରିବାକୁ ନେଇ କେନ୍ଦ୍ର ସରକାର ନିଶ୍ଚିତ କରିଥିଲେ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଅନୁଯାୟୀ, ଅକ୍ଟୋବର ମାସରେ ୧.୭୨ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ କରାଯାଇଛି। ଅକ୍ଟୋବର ମାରେ ଜିଏସ୍‌ଟି ସଂଗ୍ରହ ବାର୍ଷିକ ୧୩ ପ୍ରତିଶତ ବୃଦ୍ଧି ପାଇଛି।

ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାରକୁ ସିଏସ୍‌ଆର ଏକ୍ସଲେନ୍ସ ପୁରସ୍କାର

ନୂଆଦିଲ୍ଲୀ, ୧୦।୧୨(ସମିସ):ଦେଶର ଗ୍ରାମାଞ୍ଚଳ ତଥା ଆଦିବାସୀ ଅଞ୍ଚଳରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବିଶ୍ୱର ଅନ୍ୟତମ ଅଗ୍ରଣୀ ଇସ୍ପାତ ନିର୍ମାତା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)କୁ ସିଏସ୍‌ଆର ଜର୍ଣ୍ଣାଲ ଦ୍ୱାରା ସିଏସଆର ଏକ୍ସଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି। ମୁମ୍ବାଇର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ଡିସେମ୍ବର ୯ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଜେଏସପିର ସଭାପତି ତଥା ଗ୍ରୁପ ମୁଖ୍ୟ (ସିଏସଆର) ପ୍ରଶାନ୍ତ କୁମାର ହୋତାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଏହି ଅବସରରେ ଅଭିନେତା ଅମୀର ଖାନ, ବିଶିଷ୍ଟ କବି ଡ. କୁମାର ବିଶ୍ୱାସ ଏବଂ ବିଭିନ୍ନ ବରିଷ୍ଠ କର୍ପୋରେଟର କାର୍ଯ୍ୟନିର୍ବାହୀମାନେ ଉପସ୍ଥିତ ଥିଲେ। ଜେଏସପି ଫାଉଣ୍ଡେସନ ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଛନ୍ତି ଯେ ଦେଶ ପାଇଁ ଗୌରବ ଆଣିବା ପାଇଁ ୨୫୦୦୦ କ୍ରୀଡା ପ୍ରତିଭାକୁ ପ୍ରୋତ୍ସାହିତ କରି ଆମେ ଏକ ଅନ୍ତର୍ଭୁକ୍ତ କ୍ରୀଡା ଇକୋ ସିଷ୍ଟମ ଗଠନ କରୁଛୁ। ଆମର କ୍ରୀଡା ପ୍ରତିଭା ବର୍ତ୍ତମାନ ଜାତୀୟ ତଥା ଆନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଚାମ୍ପିଅନ୍ ହୋଇଥିବାରୁ ଏହା ଆମ ପାଇଁ ସନ୍ତୋଷଜନକ। ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି), ଏହାର ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ନେତୃତ୍ୱରେ, ଭାରତର ଗ୍ରାମାଞ୍ଚଳ ତଥା ଆଦିବାସୀ ଅଞ୍ଚଳରେ କ୍ରୀଡାର ଉତ୍ତାନ କ୍ଷେତ୍ରରେ ଉଲ୍ଲେଖନୀୟଯୋଗଦାନ କରୁଛି। ଏହାର ସାମାଜିକ ସଂସ୍ଥା, ଜେଏସପି ଫାଉଣ୍ଡେସନ ମାଧ୍ୟମରେ ଜେଏସପି ୨୫୦୦୦ ରୁ ଅଧିକ କ୍ରୀଡା ପ୍ରତିଭାଙ୍କ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏହାମଧ୍ୟରେ ଓଡ଼ିଶାର ସୁନ୍ଦରଗଡ ଜିଲ୍ଲାରେ ପ୍ରାୟ ୫୦୦୦ ଯୁବ ହକି ପ୍ରତିଭାଙ୍କ ପ୍ରୋତ୍ସାହନ ଅନ୍ତର୍

ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜନ୍ମୋତ୍ସବ

'ସମାଜରେ ଭଲ ମଣିଷର ଆବଶ୍ୟକତା ରହିଛି'

ଜଗତସିଂହପୁର, ୧୦।୧୨(ସମିସ)

ଜଗତସିଂହପୁର ସତସଙ୍ଗ ବିହାର ପକ୍ଷରୁ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଶୁଭ ୧୩୬ତମ ଜନ୍ମୋତ୍ସବ ଓ ଶ୍ରୀ ବଡଦାଙ୍କ ଜଗତସିଂହପୁର ଶୁଭ ଆଗମନର ୫୦ ବର୍ଷ ପୂର୍ତ୍ତି ସ୍ମରଣ ଉତ୍ସବ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ଶ୍ରଦ୍ଧାଳୁ ଓ ଅନୁଗାମୀଙ୍କ ସମାଗମ ହୋଇଥିଲା । ଏହି ଏକ ଦିବସ ବ୍ୟାପି କାର୍ଯ୍ୟକ୍ରମରେ ବ୍ରାହ୍ମ ମୂହୁର୍ତ୍ତରେ ବେଦମାଙ୍ଗଳିକ, ପ୍ରତ୍ୟୁଷରେ ନହବତ୍ ଓ ସକାଳେ ଉଷାବିନତି ଇତ୍ୟାଦି ଅନୁଷ୍ଠିତ ହେବା ପରେ ଶ୍ରୀ ଶ୍ରୀ ଠାକୁରଙ୍କ ବିଗ୍ରହ ସହ ଏକ ଶୋଭାଯାତ୍ରା ସତସଙ୍ଗ ବିହାର ପରିସରରୁ ବାହାରି ନଗର ପରିକ୍ରମା କରି ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମଠାରେ ପହଞ୍ଚିଥିଲା । ପରେ ଷ୍ଟାଡିୟମ ପରିସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଉତ୍ସବ କମିଟିର ସଭାପତି ଅଭୟ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି ଯୋଗ ଦେଇ କହିଥିଲେ ଯେ ଅବକ୍ଷୟମୁଖୀ ସମାଜରେ ଭଲ ମଣିଷର ଆବଶ୍ୟକତା ରହିଛି । ଯିଏ ଯେ କୌଣସି କାର୍ଯ୍ୟଧାରାରେ ଥାଆନ୍ତୁନା କାହିଁକି ସମସ୍ତଙ୍କ ଗୋଟିଏ ଲକ୍ଷ୍ୟ ରହିବା ଦରକାର ଯେ ଭଲ ମଣିଷ ହେବା ଓ ଭଲ ମଣିଷ ତିଆରି କରିବା । ଭଲ ମଣିଷ ସୃଷ୍ଟି ହେଲେ ସମାଜର ଉନ୍ନତି ହେବା ସଙ୍ଗେ ସଙ୍ଗେ ଜିଲ୍ଲା, ରାଜ୍ୟ ତଥା ଦେଶର ବିକାଶ ଧାରା ଆଗକୁ ଯାଇ ପାରିବ; ଫଳରେ ଠାକୁରଙ୍କ ଯେଉଁ ଭାବଧାରା ଓ ବାଣୀ ରହିଥିଲା ଯେ ସମାଜରେ ଶାନ୍ତି, ମୈତ୍ରୀ ଓ ଭ୍ରାତୃଭାବର ପ୍ରତିଷ୍ଠା ହେଉ ତାହା ଚରିତାର୍ଥ ହୋଇପାରିବ ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବାଲେଶ୍ୱରରୁ ଆସିଥିବା ପ୍ରଫେସର କେଦାରନାଥ ମହାନ୍ତି, ପୂର୍ବତନ ବିଧାୟକ ଜ୍ୟୋତିଷ ଦାସ, ଦୀକ୍ଷାପତ୍ର କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ କଳିଙ୍ଗ କେଶରୀ ରଥ, ସତସଙ୍ଗ ବିହାର ଜଗତସିଂହପୁରର ସଭାପତି ବଂଶୀଧର ସ୍ୱାଇଁ, ସମ୍ପାଦକ ଡାକ୍ତର ଶରତଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଠାକୁରଙ୍କର ଦିବ୍ୟ ବାଣୀ ଉପରେ ବକ୍ତବ୍ୟ ରଖିଥିଲେ । ହୃଷିକେଶ ଆଚାର୍ଯ୍ୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅପରାହ୍ନରେ ମାତୃ ସମ୍ମିଳନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂଧ୍ୟାରେ ସନ୍ଧ୍ୟା ବିନତି, ସଦଗ୍ରନ୍ଥ ପାଠ ଓ ଭଜନ ଅନୁଷ୍ଠିତ ହୋଇଥିଲା । ଗୋପାଳ ଚରଣ ଦାସ, ଇଂ ବିଜୟ ମାଦଳି, ନିର୍ମଳ ଜେନା, ଚନ୍ଦନ ସାହୁ, ବିଭୂତି ଭୂଷଣ ରାଉତ, ଭ୍ରମରବର ମୁଦୁଲି ଓ ଆଶିଷ ମାଣିଆ, ବିଜୟ ସ୍ୱାଇଁ, ଅଜୟ କାଠୁଆ ପ୍ରମୁଖ ଯୋଗ ଦେଇ ସହଯୋଗ କରିଥିଲେ ।

ଶ୍ରୀ ବଡ଼ଦାଙ୍କ ଜଗତସିଂହପୁର ଆଗମନର ୫୦ ବର୍ଷ ପୂର୍ତ୍ତି ସ୍ମରଣ ଉତ୍ସବ

ଆଞ୍ଚଳିକ ମହିଳା ସମ୍ମିଳନୀ

ଜଗତସିଂହପୁର/ବିରିଡି, ୧୦।୧୨(ସମିସ): ବିରିଡି ବ୍ଲକ ଅଲାଣ୍ଡୋରେ ଏଆଇଏମଏସଏସ ଉଦ୍ୟମରେ ଆଞ୍ଚଳିକ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ରଶ୍ମିପ୍ରଭା ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ସମ୍ମିଳନୀରେ ନାରୀ ନିର୍ଯାତନା ବନ୍ଦ, ପ୍ରତି ଜିଲ୍ଲାରେ ମଦ ଡିପୋ ଖୋଲିବା ନିଷ୍ପତ୍ତି ପ୍ରତ୍ୟାହାର, ଅଶ୍ଳୀଳତା, ନଗ୍ନତା ଓ ଅପସଂସ୍କୃତିର ପ୍ରଚାର ପ୍ରସାର ବନ୍ଦ, ସମାନ କାମକୁ ସମାନ ମଜୁରୀ ପ୍ରଦାନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍ ସେବାର ଘରୋଇକରଣ ବନ୍ଦ, ପ୍ରିପେଡ ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ, ଜାତି ଜାତି ଓ ଧର୍ମ ଧର୍ମ ମଧ୍ୟରେ ବିଭେଦ ସୃଷ୍ଟି ତଥା ସଂଘର୍ଷ ବନ୍ଦ, ନୀତି ନୈତିକତା ଓ ମୂଲ୍ୟବୋଧ ଭିତ୍ତିକ ସମାଜ ପ୍ରତିଷ୍ଠା ପାଇଁ ଶହିଦମାନଙ୍କ ଜୀବନ ସଂଗ୍ରାମକୁ ପାଠ୍ୟ ପୁସ୍ତକରେ ସ୍ଥାନ ଦେବା ଆଦି ସମ୍ପର୍କରେ ଦାବି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ଜିଲ୍ଲା ସମ୍ପାଦକ କମ୍ରେଡ ପ୍ରମୋଦିନୀ ମିଶ୍ର ମୁଖ୍ୟବକ୍ତା ଓ ଏସୟୁସିଆଇ କମ୍ୟୁନିଷ୍ଟ ବିରିଡ଼ି ଆଞ୍ଚଳିକ କମିଟି ସମ୍ପାଦକ କମ୍ରେଡ ମଙ୍ଗୁଳି ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଆନ୍ଦୋଳନ ତୀବ୍ର କରିବା ପାଇଁ ରଶ୍ମିପ୍ରଭା ଭୋଇ, ଲକ୍ଷ୍ମୀପ୍ରିୟା ଭୋଇ ଓ ପ୍ରଭାତୀ ଭୋଇଙ୍କୁ ନେଇ ୨୫ ଜଣିଆ ଆଞ୍ଚଳିକ କମିଟି ଗଠନ କରାଯାଇଥିଲା ।

ମହୁଚାଷୀ ସମ୍ମାନିତ

ଜଗତସିଂହପୁର, ୧୦।୧୨(ସମିସ): ଏରସମା ବ୍ଲକର ପଏଦା ପଞ୍ଚାୟତ ବଳିଆକଣୀ ଗ୍ରାମର ମହୁ ଚାଷୀ ଅଶୋକ ଷଡଙ୍ଗୀ ସମ୍ମାନିତ ହୋଇଛନ୍ତି । ଭୁବନେଶ୍ୱରସ୍ଥିତ ଓୟୁଏଟି ପରିସରରେ ଥିବା ବିଜୁ ପଟ୍ଟନାୟକ କନଫରେନ୍ସ ହଲରେ ଅୟୋଜିତ ଫେଣାମହୁ ଉତ୍ପାଦନ ଉତ୍ସବରେ ଅଶୋକଙ୍କ ସମେତ ରାଜ୍ୟର ସମୁଦାୟ ୧୬ ଜଣ ମହୁଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ ରାଉଳ, ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ, ପ୍ରଫେସର ପ୍ରସନ୍ନଜିତ୍ ମିଶ୍ର, ପ୍ରଫେସର ହୃଷୀକେଶ ପାତ୍ର, ପ୍ରଫେସର ଚିତ୍ତରଞ୍ଜନ ଶତପଥୀ ଓ ଡକ୍ଟର ପ୍ରଭାସିନୀ ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମହୁଚାଷୀଙ୍କୁ ସମ୍ମାନିତ କରିଥିଲେ । ଏହି ଅବସର ରେ ବି -ଟ୍ରଷ୍ଟ ଅଫ୍ ଓଡ଼ିଶା ପକ୍ଷରୁ ଟ୍ରଷ୍ଟରେ ସଦସ୍ୟ ଥିବା ସମସ୍ତ ମହୁଚାଷୀଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ମହୁଚାଷର ନୂଆ କୌଶଳ, ରକ୍ଷଣାବେକ୍ଷଣ ଓ ଅଧିକ ମହୁ ଅମଳ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ଭାରତ ସଙ୍କଳ୍ପ ଯାତ୍ରାକୁ ସ୍ୱାଗତ

କୁଜଙ୍ଗ, ୧୦।୧୨(ସମିସ): କୁଜଙ୍ଗ ବ୍ଲକ ପାଟପୁର ପଞ୍ଚାୟତରେ ଭାରତ ସରକାରଙ୍କ ବିକଶିତ ଭାରତ ସଙ୍କଳ୍ପ ଯାତ୍ରା ଅନୁଷ୍ଠିତ ହୋଇଛି । ବିଜୁ ପଟ୍ଟନାୟକ ସ୍ୱାଧୀନତା ସଂଗ୍ରାମୀ ପାଇକ ଆଖଡା ସଭାପତି ଅଜେୟ ପ୍ରଧାନ, ସମ୍ପାଦକ ସୁନାକର ବିଶ୍ୱାଳଙ୍କ ସମେତ ପାଇକମାନେ କଳା ପ୍ରଦର୍ଶନ କରି ସ୍ୱାଗତ କରିଥିଲେ । ପାଟପୁର ବଜାର ପରିକ୍ରମା କରିବା ପରେ ପାଟପୁର ପଞ୍ଚାୟତ ଅଫିସ୍ ପ୍ରାଙ୍ଗଣରେ ବିକଶିତ ଭାରତ ରଥକୁ ସ୍ୱାଗତ କରାଯାଇଥିଲା । ପାଟପୁର ପଞ୍ଚାୟତ ସମିତି ସଭ୍ୟ ଜ୍ୟୋତି ପ୍ରକାଶ ପାଣିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ଅତିରିକ୍ତ ବିଡିଓ ପ୍ରଶାନ୍ତ ଜେନା, ବ୍ଲକ ଅଧକ୍ଷା ନୀନାରାଣୀ ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ସ୍ୱାଇଁ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଘୁନାଥ ଚଙ୍ଗିଆ, ଜିଆରଏସ୍ ପ୍ରକାଶ ବେହେରା, ପଞ୍ଚାୟତ ନାଏବ ସରପଞ୍ଚ ସୁରେନ୍ଦ୍ର ପୁହାଣ, ମେଡିକାଲ ଷ୍ଟାଫ ସୟଦ ଅମିନୁଲ୍ ଇସଲାମ, ସୁଷଶମା ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏମ୍‌ବିକେ, ଅଙ୍ଗନବାଡି କର୍ମୀ, ଆଶା, ସିଆରପି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ସମେତ ଶତାଧିକ ଜନସାଧାରଣ ସଙ୍କଳ୍ପ ଯାତ୍ରାରେ ସାମିଲ ହୋଇଥିଲେ । ଭରତଚନ୍ଦ୍ର ପ୍ରଧାନ ଉତ୍ସବ ପରିଚାଳନା କରିଥିଲେ ।

ଅଳିଆ ଗଦାରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର

ଜଗତସିଂହପୁର, ୧୦।୧୨(ସମିସ): ଜଗତସିଂହପୁର ସହରର ବଙ୍ଗଳା ଛକ ନିକଟରେ ଥିବା ଡ୍ରେନର ଅଳିଆ ଗଦାରୁ ଏକ ନବଜାତକ ଶିଶୁ ପୁତ୍ରର ମୃତ ଦେହ ଉଦ୍ଧାର କରାଯାଇଛି । ଶିଶୁ ପୁତ୍ରଟି ଏକ ଗାମୁଛା ସହିତ ଜରିରେ ଘୋଡେଇ ହୋଇ ପଡ଼ିଥିବା ଦେଖିବା ପରେ ନିକଟରେ ବ୍ୟବସାୟ କରୁଥିବା ବ୍ୟବସାୟୀ ଜଗତସିଂହପୁର ଥାନାକୁ ଖବର ଦେଇଥିଲେ । ଜଗତସିଂହପୁର ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ ପହଞ୍ଚି ମୃତ ଶିଶୁଟିକୁ ଉଦ୍ଧାର କରି ମେଡିକାଲକୁ ନେଇଥିଲେ ।

ଏସ୍‌ବିଆଇ ଏଟିଏମ୍ କାଟି ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ତାଳଚେର, ୧୦।୧୨(ସମିସ): ତାଳଚେର ବଲହର ଛକସ୍ଥିତ ଏସ୍‌ବିଆଇ ଏଟିଏମ୍‌କୁ ଗ୍ୟାସ୍‌ରେ କାଟି ଦୁର୍ବୃତ୍ତ ଟଙ୍କା ଲୁଟି ନେଇଛନ୍ତି । ବିଳମ୍ବିତ ରାତିରେ ଦୁର୍ବୃତ୍ତ ଗ୍ୟାସ କଟର ମାଧ୍ୟମରେ ଏଟିଏମକୁ କାଟି ଟଙ୍କା ଲୁଟି ନେଇଥିବା ସିସିଟିଭି ଫୁଟେଜରୁ ଜଣା ପଡ଼ିଛି । ସ୍ଥାନୀୟ ପୁଲିସ ତଦନ୍ତ ଆରମ୍ଭ କରିଛି ।

ମା' ଶାରଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଟ୍ରଫି ଉନ୍ମୋଚିତ

ତିର୍ତ୍ତୋଲ, ୧୦।୧୨(ସମିସ): ତିର୍ତ୍ତୋଲସ୍ଥିତ ମହାନଦୀ ପାଳନ୍ଦାରେ ଡିସେମ୍ବର ୧୫ ତାରିଖରୁ ଆରମ୍ଭ ହେବାକୁ ଥିବା ମା' ଶାରଳା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଟ୍ରଫି ତିର୍ତ୍ତୋଲ ମଣିଚରଣ ଶାରଳା ଏକାଡେମୀରେ ଉନ୍ମୋଚିତ ହୋଇଛି । ଏହି ଉପଲକ୍ଷେ ଏକ ଶୋଭାଯାତ୍ରା କଟକ-ପାରାଦ୍ୱୀପ ରାସ୍ତାର ବାଲିପାଟଣା ଛକରୁ ବାହାରି ଏକାଡେମୀରେ ସମାପ୍ତ ହୋଇଥିଲା । ଆୟୋଜକ ତିର୍ତ୍ତୋଲ ମା ଶାରଳା କ୍ରିକେଟ ଆସୋଏସିଏସନର ସଭାପତି ବିମଳ ମହାପାତ୍ର ଏହି ଟ୍ରଫିକୁ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟାପକ ନରେଶ ମହାପାତ୍ର, ମନୋରଞ୍ଜନ ସେଠୀ, ସଚ୍ଚିଦାନନ୍ଦ ନାଥ, ଯୁବ ସଙ୍ଗଠକ ଦେବୀପ୍ରସାଦ ମହାପାତ୍ର ଓ ବିକ୍ରମ ରାୟ, ରୋହିତ ପାତ୍ର, ଜୀବନ ଜ୍ୟୋତି ବେହେରା, କୁମାର ମହାପାତ୍ର, ମୋହନ ଦାସ, ଆଶିଷ ମହାନ୍ତି, ପ୍ରକାଶ ଢାଲି, ଶ୍ରୀକାନ୍ତ ସ୍ୱାଇଁ, ଅରବିନ୍ଦ ସେଠୀ, ଅଭିଜିତ ମହାନ୍ତି, ସୁଜିତ ମହାପାତ୍ର, ଅଜୟ ରାଉତ, ମିହିର ରଞ୍ଜନ ସେଠୀ, ଅନିଲ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ ।

ବନ୍ଦର କ୍ୱାର୍ଟରରୁ କବାଟ, ଝରକା ତାଡ଼ି ନେଉଛନ୍ତି

ପାରାଦୀପ, ୧୦।୧୨(ସମିସ): ନୂଆବଜାର ଅଞ୍ଚଳରେ ବନ୍ଦରର ଖାଲି କ୍ୱାର୍ଟରଗୁଡିକରୁ ସ୍ଥାନୀୟ ଅଞ୍ଚଳର କିଛି ଅସାମାଜିକ ଯୁବକ ରାତିରେ କବାଟ, ଝରକା ଓ ବହୁ ସାମଗ୍ରୀ ତାଡି ନେଇଯାଉଛନ୍ତି । ବନ୍ଦରର ନୂଆବଜାର ଅଞ୍ଚଳରେ ରହିଥିବା କିଛି ବି-ଟାଇପ କ୍ୱାର୍ଟରକୁ ଅସୁରକ୍ଷିତ ବା ବାସ ଅନୁପଯୋଗୀ ଭାବେ ବନ୍ଦର ଇଷ୍ଟେଟ ବିଭାଗ ଘୋଷଣା କରିଛି । ସେହି କ୍ୱାର୍ଟରରେ ଆଉ କେହି ନ ରହିବା ପାଇଁ ଇଷ୍ଟେଟ ବିଭାଗ ନିଷ୍ପତ୍ତି ନେବାରୁ ତାହା ବହୁ ଦିନ ଧରି ପଡ଼ିରହିଛି । ଏହାର ଫାଇଦା ନେଉଛନ୍ତି ବସ୍ତି ଅଞ୍ଚଳର ଅସମାଜିକ ଯୁବକ । ନିଶା ଖାଇବା ପାଇଁ ରାତି ସାରା ସହର ଭିତରେ ଥିବା ଖାଲି କ୍ୱାର୍ଟରରେ ପଶି ଘରଗୁଡିକରୁ କବାଟ ଝରକା ସହ ପାଇପ ଲାଇନ, ଇଲେକ୍ଟ୍ରିକ ଲାଇନ, ତମ୍ବାର ବହୁ ସାମଗ୍ରୀ ତାଡି ନେଇ ପଳାଉଛନ୍ତି । ଏହି ଲୁଟ୍‌ରେ ନୂଆ ବଜରରେ ଥିବା କିଛି ବସ୍ତିର ଯୁବକ ଓ ମହିଳା ସାମିଲ ରହୁଛନ୍ତି । ଏ ସବୁ ସାମଗ୍ରୀଗୁଡିକୁ ଟ୍ରଲିରେ ଉଠାଇ ନେଉଛନ୍ତି । ଏହା ବ୍ୟତୀତ ଲୋକମାନେ ରହୁଥିବା କ୍ୱାର୍ଟରରୁ ମଧ୍ୟ ସେମାନେ ଚୋରି କରିବାକୁ ପଛାଉ ନାହାନ୍ତି । ଦିନରେ ଜାଗା ଓ ପଡ଼ିରହିଥିବା ସାମଗ୍ରୀ ଠଉରେଇ ରାତିରେ ଚୋରି କରୁଛନ୍ତି । ଏଭଳି ପରିସ୍ଥିତିରେ ବସବାସ କରୁଥିବା ଲୋକେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ କ୍ୱାର୍ଟର ଛାଡି ଯିବାକୁ ଉଚିତ ମଣୁ ନାହାନ୍ତି ।

ଅଗ୍ନିବିପନ୍ନ ପରିବାରକୁ ସହଯୋଗ

ବାଲିକୁଦା, ୧୦।୧୨(ସମିସ): ବୋରିକିନା ପଞ୍ଚାୟତର ଖଣ୍ଡପସା ଗ୍ରାମର ନୃସିଂହ ବିଶ୍ୱାଳଙ୍କ ୪ବଖରା ଘର ଜଳି ଯାଇଛି । ଘରେ ଥିବା ସମସ୍ତ ଆସବାବପତ୍ର, ଧାନ, ଚାଉଳ, ଟଙ୍କା, କାଗଜପତ୍ର ପୋଡ଼ି ଯାଇଛି । ନୃସିଂହଙ୍କ ପରିବାର ବାସହରା ହୋଇପଡ଼ିଛନ୍ତି । ଏହି ଖବର ପାଇବା ପରେ ବାଲିକୁଦା-ଏରସମା ନିର୍ବାଚନ ମଣ୍ଡଳୀ ଯୁବ ନେତା ସଞ୍ଜୀବ ଏସ୍ ବିଶ୍ୱାଳ ଖଣ୍ଡପସାସ୍ଥିତ ନୃସିଂହଙ୍କ ପାଖରେ ପହଞ୍ଚିଛନ୍ତି । ତାଙ୍କ ପରିବାରକୁ କିପରି ସରକାରୀ ସାହାଯ୍ୟ ଓ ସହାୟତା ଯୋଗାଇ ଦିଆଯିବ ବାଲିକୁଦା ତହସିଲଦାର ଓ ବାଲିକୁଦା ବ୍ଲକ ଉନ୍ନୟନ ଅଧିକାରୀଙ୍କ ସହ କଥା ହୋଇ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଏହାସହ ୫ହଜାର ଟଙ୍କା ସହ ଏକ ମାସର ରାସନ ସାମଗ୍ରୀ ପ୍ରଦାନ କରିଥିଲେ ।

କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

କଣିହାଁ, ୧୦।୧୨(ସମିସ): ଡେରଙ୍ଗ ତ୍ରିରଙ୍ଗା କ୍ରିକେଟ କ୍ଲବ୍ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ଲବର ପରିଚାଳକ ଅନିଲ ସାହୁଙ୍କ ଆହ୍ୱାନରେ ପ୍ରସ୍ତୁତି ବୈଠକରେ ଗ୍ରାମ ସଭାପତି ଦିଲ୍ଲୀପ ବେହେରା ସଭାପତିତ୍ୱ କରିଥିଲେ । କ୍ଲବ୍‌ର ୨୬ତମ ବାର୍ଷିକ କ୍ରୀଡା ଉପଲକ୍ଷେ ଆସନ୍ତା ୧୩ ତାରିଖରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋବ । ଡିସେମ୍ବର ୨୦ତାରିଖରେ ଏହା ଶେଷ ହେବ ବୋଲି ନିଷ୍ପତ୍ତି ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ପଞ୍ଚାୟତରୁ ୮ଟି ଦଳ ଭାଗ ନେବେ । ବୈଠକରେ ବିଛନ୍ଦ ସାହୁ, ବରିଷ୍ଠ ସାମ୍ବାଦିକ ଟୁନା ସାହୁ ସୁନୀଲ ସାହୁ, ପବିତ୍ର ମୋହନ ସାହୁ, ସୁଶୀଲ ସାହୁ, ମନଜିତୀ ସାହୁ, ଅକ୍ଷୟ ନାଏକ, ଅକ୍ଷୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ଅସାମାଜିକଙ୍କ କବ୍‌ଜାରେ ଶ୍ରମିକ ଭବନ ଛକରୁ ସବ୍‌ଷ୍ଟେସନ ନୂଆ ରାସ୍ତା

ପାରାଦୀପ, ୧୦।୧୨ (ସମିସ): ପାରାଦୀପ ସହର ନିକଟ ଶ୍ରମିକ ଭବନ ଛକ (କ୍ୟାବିନ ମାର୍କେଟ ଛକ)ରୁ ବେଲ୍ଟ ଲାଇନ ଦେଇ ସବଷ୍ଟେସନ ଛକ ପର୍ଯ୍ୟନ୍ତ ବନ୍ଦର ପକ୍ଷରୁ ନୂଆ କରି ନିର୍ମିତ ହୋଇଥିବା ରାସ୍ତା ଏବେ ଅସୁରକ୍ଷିତ । ପାଖାପାଖି ୧ କିଲୋମିଟର ଲମ୍ବା ଏହି ରାସ୍ତାରେ ଏବେ ଅସାମାଜିକ ଯୁବକମାନେ ଆଡ୍ଡା ଜମାଉଛନ୍ତି । ସାନ୍ଧ୍ୟ ହେଲେ ଯାତାୟାତ କରିବା ସାଧାରଣ ଲୋକେ ଉଚିତ ମନେ କରୁନାହାନ୍ତି । ବନ୍ଦରର ବହୁ କର୍ମଚାରୀ ଉକ୍ତ ଅଞ୍ଚଳରେ ପରିବାର ସହ ରହୁଛନ୍ତି । ପୂର୍ବରୁ ଏହି ରାସ୍ତାରୁ ପାରାଦୀପ ପୁଲିସ ନିଶାସକ୍ତଙ୍କ ସହ ନିଶା ଦ୍ରବ୍ୟ ମଧ୍ୟ ଜବତ କରିଛି । ସନ୍ଧ୍ୟ ପରେ ମହିଳାଙ୍କୁ ନେଇ ସେହି ରାସ୍ତା ଦେଇଯିବା ସମ୍ଭବ ନୁହେଁ ବୋଲି ଆମ ପାରାଦୀପ ଆମ ପ୍ରଗତିର ସଭାପତି ତଥା ବରିଷ୍ଠ ଆଇନଜୀବୀ କୈଳାଶ ଚନ୍ଦ୍ର ସାହୁ କହିଛନ୍ତି । ଏହି ରାସ୍ତାକୁ ବନ୍ଦର କର୍ତ୍ତୃପକ୍ଷ କାହିଁକି ଆଲୋକୀକରଣ କରୁନାହାନ୍ତି ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଦୀର୍ଘ ଦିନ ହେବ କେବଳ ଖୁଣ୍ଟ ପଡ଼ିରହିଛି । ଏବେ କିଛି ଟ୍ରକ୍ ଡ୍ରାଇଭର ସେଠାରେ ଟ୍ରକ୍ ରଖି ବାରୁ ଲୋକଙ୍କର ଆହୁରି ଭୟ ସୃଷ୍ଟି ହୋଇଛି । ପାରାଦୀପ ପୁଲିସ ପକ୍ଷରୁ ପ୍ରତ୍ୟକ ଦିନ ରାତି ପାଟ୍ରୋଲିଂକୁ କଡା କଡ଼ି କରାଯିବା ନିହାତି ଆବଶ୍ୟକ ହୋଇ ପଡ଼ିଛି । ଏହା ମଧ୍ୟ ପାରାଦୀପ ପୌରପରିଷଦର ଏକ ୱାର୍ଡ ଅଧୀନରେ ଯାଉଛି । ସାଧାରଣ ଲୋକଙ୍କ ଏହି ସମସ୍ୟା ସମ୍ପର୍କରେ ବନ୍ଦର ପ୍ରଶାସନ କିମ୍ବା ପୌର ପରିଷଦ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

ଡ୍ରେନ୍ ଉପରେ ସ୍ଲାବ୍ ପକାଇବା ବନ୍ଦ କଲା ପୂର୍ତ୍ତ ବିଭାଗ

ରଘୁନାଥପୁର, ୧୦।୧୨(ସମିସ): କଟକ-ପାରାଦୀପ ରାସ୍ତାର ଜଇପୁର ଛକ ନିକଟରେ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିବା ଡ୍ରେନ୍ ଉପରେ ବେଆଇନ୍ ଭାବେ ସ୍ଲାବ୍ ପକା କାର୍ଯ୍ୟକୁ ବିଭାଗ ବନ୍ଦ କରିଛି । ଜଇପୁର ଛକରେ ଶିବପ୍ରସାଦ ସ୍ୱାଇଁ ନାମକ ବ୍ୟକ୍ତି ନିଜ ପ୍ଲଟ୍‌କୁ ରାସ୍ତା ନିର୍ମାଣ ପାଇଁ ଡ୍ରେନ୍ ଉପରେ ବିଭାଗର ବିନା ଅନୁମତିରେ ସ୍ଲାବ୍ ପକାଇ ଦୁଇ ପାଖରେ ଇଟା କାନ୍ଥ ନିର୍ମାଣ କରୁଥିଲେ । ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ଅଭିଯୋଗ ପାଇ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ବିନୟ ସାହୁ ଘଟଣା ସ୍ଥଳକୁ କର୍ମଚାରୀଙ୍କୁ ପଠାଇ କାର୍ଯ୍ୟ ବନ୍ଦ କରାଇଛନ୍ତି । ଯନ୍ତ୍ରୀ ସାହୁ ଏ ନେଇ କହିଛନ୍ତି ଯେ, ଡ୍ରେନ୍ ଉପରେ ଉପଯୁକ୍ତ ସ୍ଲାବ୍

● ଯାଞ୍ଚ ହେଉନି ଖାଦ୍ୟର ମାନ

ଭକ୍ତ, ପର୍ଯ୍ୟଟକ ଖାଉଛନ୍ତି ନିମ୍ନମାନର ଖାଦ୍ୟ

ପୁରୀ, ୧୦।୧୨(ସମିସ): ପୁରୀ ଭଳି ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ ସହରରେ ଖାଦ୍ୟର ମାନ ଯାଞ୍ଚ ହେଉନି। ଅସ୍ୱାସ୍ଥ୍ୟକର ପରିବେଶରେ ନିମ୍ନମାନର ଖାଦ୍ୟ ଖାଉଛନ୍ତି ଭକ୍ତ, ପର୍ଯ୍ୟଟକ ଏବଂ ସହରବାସୀ। ଏମିତି ସ୍ଥିତି ଏବେ ପୁରୀ ସହରରେ। କେବଳ ରଥଯାତ୍ରା ଆସିଲେ ଶୀତତାପ ନିୟନ୍ତ୍ରିତ କୋଠରୀ ମଧ୍ୟରେ ଖାଦ୍ୟର ମାନ ଯାଞ୍ଚକୁ ନେଇ ତୁମ୍ବିତୋଫାନ ସୃଷ୍ଟି ହୁଏ। ଖାଦ୍ୟର ମାନକୁ ନେଇ ଲମ୍ବା ଅଭିଯୋଗ ଶୁଣିବାକୁ ମିଳୁଥିବା ବେଳେ ଅଧିକାରୀ ସବୁ କରିଦେବେ ବୋଲି କହିଦେଲେ କଥା ସରିଗଲା। ପୁଣି ବର୍ଷ ଗୋଟାଏକୁ ଅପେକ୍ଷା। ମଝିରେ କାଁ ଭାଁ କେବେ କେମିତି ରାସ୍ତାପାର୍ଶ୍ୱ ଜଳଖିଆ ଦୋକନରେ ଚଢ଼ଉ କରି ଫଟୋ ଉଠାଇ ଦେଲେ କଥା ସରିଲା। ପୁରୀରେ ନିୟମିତ ଖାଦ୍ୟର ମାନ ଯାଞ୍ଚ କରାଯାଉ ନ ଥିବା ଅନେକ ସମୟରେ ସଚେତନ ନାଗରିକ କହୁଥିଲେ ହେଁ ଶୁଣୁଛି ବା କିଏ?

ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ ସହର। ଯେଉଁଥିପାଇଁ ପ୍ରତିଦିନ ଦେଶ ବିଦେଶରୁ ହଜାର ହଜାର ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏହାକୁ ନଜରରେ ରଖି ଏଠାରେ ହଜାର ହଜାର ସଂଖ୍ୟାରେ ହୋଟେଲ, ରେଷ୍ଟୁରାଣ୍ଟ, ହଲିଡେ ହୋମ୍ ସମେତ ରାସ୍ତାପାର୍ଶ୍ୱ ବହୁ ଛୋଟ ହୋଟେଲ ବି ଗଢ଼ିଉଠିଛି। ସେହିପରି ଜଳଖିଆ ଦୋକାନୀଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ। ଗରମ ଗରମ ଇଡଲି, ପୁରୀ, ଉପମା, ଚାଟ୍, ସିଙ୍ଗଡ଼ା, ବରା, ଆଳୁଚପ୍ ଏମିତି କେତେ କଣ? ପାଟିକୁ ସୁଆଦିଆ... ହେଲେ ଏଗୁଡ଼ିକୁ ଖାଇବା ପୂର୍ବରୁ କେବେ ଭାବିଛନ୍ତି ଏ ସବୁ କେତେ ସ୍ୱାସ୍ଥ୍ୟକର? ରାସ୍ତାକଡ଼, ଗଳି କନ୍ଦିରେ ଏଭଳି ଶହ ଶହ ଫାଷ୍ଟଫୁଡ୍ ପସରା ମେଲିଛି। ଖୋଲାରେ ବିକ୍ରି ହେଉଛି ଏହିସବୁ ଖାଦ୍ୟ। ବଡ଼ଦାଣ୍ଡ ହେଉ ଅବା ସମୁଦ୍ରକୂଳ ସବୁଠି ଅପମିଶ୍ରିତ ଖାଦ୍ୟ ଖାଉଛନ୍ତି ସହରବାସୀଙ୍କଠାରୁ ଆରମ୍ଭ କରି ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ। ସମୁଦ୍ରକୂଳରେ ରଙ୍ଗଦିଆ ଖାଦ୍ୟ ବିକ୍ରି କରାଯାଉଛି। ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ବାସୀ ଖାଦ୍ୟ ପରସା ଯାଉଛି।

କେବଳ ରଥଯାତ୍ରା ପୂର୍ବରୁ ଯାଞ୍ଚ ମନେପଡୁଛି

ବଳକା ଖାଦ୍ୟକୁ ଫ୍ରିଜ, ରେଫ୍ରିଜେରେଟରରେ ଦୀର୍ଘଦିନ ରଖି ପର୍ଯ୍ୟଟକଙ୍କୁ ଖାଇବାକୁ ଦେଉଥିବା ଅନେକ ସମୟରେ ନଜର ରହିଛି। ଏପରିକି ଏହି ଘଟଣାରେ ଜରିମାନା ବି ଆଦାୟ କରାଯାଇଛି।

ସେହିପରି ଭକ୍ତ, ପର୍ଯ୍ୟଟକଙ୍କ ଆଗମନ ବଢୁଥିବାରୁ ପୁରୀ ସହରରେ ବହୁ ସଂଖ୍ୟାରେ ଫାଷ୍ଟଫୁଡ୍ ଦୋକାନ ଖୋଲିଛି। ଅଧିକାଂଶ ଜାଗାରେ ନିମ୍ନମାନର ଖାଦ୍ୟ, ଭେଜାଲ ସାମଗ୍ରୀ, ଶସ୍ତା ରଙ୍ଗ, ତେଲ, ଟମାଟୋ ଓ ଚିଲି ସସ୍‌ର ବ୍ୟବହାର କରାଯାଉଛି। ଏହାଦ୍ୱାରା ନାନା ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗୁଛନ୍ତି ଗ୍ରାହକ। ପେଟ ରୋଗଠାରୁ ହୃଦ୍‌ରୋଗ ଏପରିକି କ୍ୟାନସର୍ ଭଳି ମାରାତ୍ମକ ରୋଗକୁ ଡାକି ଆଣୁଛି ଏସବୁ ଖାଦ୍ୟ। କିନ୍ତୁ ଏଥିପ୍ରତି ଅଧିକାରୀମାନେ ସଚେତନ ନ ଥିବାରୁ ଦେଖିବାକୁ ମିଳୁଛି। ଏହାର ଗୋଟିଏ ସମାଧାନ ହେଉଛି ନିୟମିତ ଚଢ଼ଉ ହେବା ଦରକାର। ଚଢ଼ଉ ହେଲେ ବ୍ୟବସାୟୀମାନେ ଅସ୍ୱାସ୍ଥ୍ୟକର ପରିବେଶରେ ଏବଂ ନିମ୍ନମାନର ଖାଦ୍ୟ ବିକ୍ରି କରିବାକୁ ଭୟ କରିବେ। କିନ୍ତୁ ପୁରୀରେ ସେଭଳି ଧରପଗଡ଼ ହେଉ ନାହିଁ। ଫଳରେ ଖାଦ୍ୟ ନାଁରେ ଲୋକଙ୍କୁ ଏକପ୍ରକାର ଜହର ପରସା ଯାଉଛି ବୋଲି କହିଛନ୍ତି, ବୁଦ୍ଧିଜୀବୀ ସନାତନ ବେହେରା। ତାଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ସପରିବାର ବେଳାଭୂମିକୁ ଯାଇଥିଲେ। ପିଲାମାନେ ଖାଇବାକୁ ଚାହିଁବାରୁ ନିକଟସ୍ଥ ଏକ ଫାଷ୍ଟଫୁଡ୍ ଦୋକାନକୁ ଯାଇଥିଲେ। ମାତ୍ର ସେଠାରେ ଯେଉଁଭଳି ଖାଦ୍ୟରେ ରଙ୍ଗ ମିଶାଯାଉଥିଲା ତାହାକୁ ଦେଖି ସେ ଫେରିଆସି ଥିଲେ ବୋଲି କହିଛନ୍ତି। ଏହା କେବଳ ସନାତନଙ୍କର ଅଭିଯୋଗ ନୁହେଁ, ପ୍ରତିଦିନ ଏମିତି ଶହ ଶହ ଭକ୍ତ, ପର୍ଯ୍ୟଟକ ଏପରି କି ସ୍ଥାନୀୟ ଲୋକେ ମଧ୍ୟ ଅନୁଭବ କରୁଛନ୍ତି। କିନ୍ତୁ ନିରୁପାୟ ବୋଲି ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ବେଦଶ୍ରୀ ସାହୁଙ୍କୁ ଯୋଗାଯୋଗ କରିଥିଲେ ହେଁ ତାଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

ସାନହୁଲା ହାଇସ୍କୁଲରେ ଶିଶୁମେଳା

କିଶୋରନଗର, ୧୦।୧୨(ସମିସ): ଆଠମଲ୍ଲିକ ଉପଖଣ୍ଡ ସାନହୁଲା ହାଇସ୍କୁଲ ପରିସରରେ ଓଷ୍ଟା ପକ୍ଷରୁ ଶିଶୁ ମେଳା ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ପ୍ରଧାନ ଶିକ୍ଷକ ବିଶ୍ୱନାଥ ପ୍ରଧାନ, ଓଷ୍ଟା ବ୍ଲକ ସଭାପତି ସୁଧାକର ସାହୁ, ସମ୍ପାଦକ ଚିଦାନନ୍ଦ ଦେହୁରୀ, ଅଜିତ ସାହୁ, ଶିକ୍ଷକ ମୋହନ ଚନ୍ଦ୍ର ଚରଣ ଦେହୁରୀଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏଥିରେ ୧୮ଟି ହାଇସ୍କୁଲର ୭୭ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୩୦ଜଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ଶିଶୁ ମେଳାକୁ ମନୋନୀତ କରାଯାଇଛି।

● ପ୍ରଶାସନର କାର୍ଯ୍ୟାନୁଷ୍ଠାନ ନାହିଁ

ବିବାହ ଶୋଭାଯାତ୍ରାରେ ଲଗାମହୀନ ଡିଜେ

ରାଜକନିକା, ୧୦।୧୨(ସମିସ): ରାଜକନିକା ଥାନା ଅଞ୍ଚଳ ଓ ଏପରିକି ଥାନା ସମ୍ମୁଖରେ ଉତ୍କଟ ଶବ୍ଦରେ ବିବାହ ଶୋଭାଯାତ୍ରା ପରିକ୍ରମା କରୁଥିବାବେଳେ ଛାତିଥରା ଡିଜେ ଶବ୍ଦ ସାରା ପରିବେଶକୁ ଥରାଇଦେଉଛି। ଆଇନକୁ ଡିଜେ ମାଲିକ ମାନୁ ନ ଥିବା ମାନପୁର ଗ୍ରାମର କୈଳାସ ମଲିକ ଅଭିଯୋଗ କରିଛନ୍ତି। ଅଧିକ ସାଉଣ୍ଡରେ ଡିଜେ ବଜାଇ ବର ଶୋଭାଯାତ୍ରା ଯାଉଥିବାବେଳେ ଜାଗୁକାଇପଡ଼ା ଗ୍ରାମର ଜଣେ ବୟସ୍କା ମହିଳାଙ୍କ ହୃଦ୍‌ଘାତରେ ପରଲୋକ ହୋଇଥିଲା। ତାଙ୍କ ପରିବାର ଆଇନର ଦ୍ୱାରସ୍ଥ ହେବାକୁ ଯାଉଥିବାବେଳେ ତାକୁ ରୋକାଯିବା ପରେ ଏବେ ମଧ୍ୟ ଜାଗୁଳାଇପଡ଼ା ଗାଁରେ ଡିଜେ ବଜାଇ ବର ବଜାଇବାର ନିର୍ଦ୍ଦିଷ୍ଟ ଡେସିବିଲର ସାଉଣ୍ଡକୁ ଅନୁମତି ଥିବାବେଳେ ଅଧ ରାତିରେ ଉତ୍କଟ ଶବ୍ଦରେ ଡିଜେ ବାଜୁଥିଲେ ହେଁ ପୁଲିସ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି। ତେବେ ପୁଲିସ ପ୍ରଶାସନ ଡିଜେ ସାଉଣ୍ଡ ଉପରେ ରୋକ୍ ଲଗାଇବାକୁ ସାଧାରଣରେ ଦାବି ହେଉଛି।

ବ୍ଲକ୍ କ୍ଷତ୍ରୀୟ ଖଣ୍ଡାୟତ ମହାସଂଘ ବୈଠକ

ମାର୍ଶାଘାଇ, ୧୦।୧୨(ସମିସ): ମାର୍ଶାଘାଇ ବ୍ଲକ କ୍ଷତ୍ରୀୟ ଖଣ୍ଡାୟତ ମହାସଂଘର ବୈଠକ ରବିବାର ମାର୍ଶାଘାଇ ଯଜ୍ଞ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ରଞ୍ଜନ କୁମାର ନାୟକ, ଧୁନ କିଶୋର ନାୟକ, ଗଙ୍ଗାଧର ପରିଡ଼ା, ପୂର୍ବତନ ସମିତିସଭ୍ୟ ଅଜୟ ରାଉତ, ନିବାସ ନାୟକ, ଦୁମୁକା ସମବାୟ ସମିତି ସଭାପତି ସତ୍ୟନାରାୟଣ ନାୟକ, କବିନ୍ଦ୍ର ମୋହନ ସାହୁ, ମନୋରଞ୍ଜନ ଜେନା, ସତ୍ୟ ପ୍ରକାଶ ଦାସ, ପ୍ରାଣକୃଷ୍ଣ ସେନାପତି, ପୂର୍ବତନ ସରପଞ୍ଚ ମନୋରଞ୍ଜନ ସାମଲ, ରଞ୍ଜିତ କୁମାର ପରିଡ଼ାଙ୍କ ସମେତ ମାର୍ଶାଘାଇ ବ୍ଲକର ୨୪ଟି

ସରପଞ୍ଚ ମନୋଜ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ନଳିନୀକାନ୍ତ ସେନାପତି, ସମର କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ପ୍ରଦୀପ ନାୟକ, ପୂର୍ବତନ ସମିତି ସଭ୍ୟ ବିଶ୍ୱଜିତ ଦାସ, ପ୍ରେମାନନ୍ଦ ସ୍ୱାଇଁ, ପଞ୍ଚାୟତର ଶତାଧିକ ପ୍ରତିନିଧି ଯୋଗ ଦେଇଥିଲେ। ମହାସଂଘର ଏକ ସମ୍ମିଳନୀ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଲିପୁନି ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

ଏନ୍‌ଟିପିସି ପକ୍ଷରୁ କର୍ମଶାଳା

ତାଳଚେର, ୧୦।୧୨(ସମିସ): କଣିହାଁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଏନ୍‌ଟିପିସି ପକ୍ଷରୁ ବାଳିକାମାନଙ୍କୁ ନେଇ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏଥିରେ କଣିହାଁ ନିକଟସ୍ଥ ବିଭିନ୍ନ ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ପ୍ରାୟ ୧୦୦ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ବ୍ୟକ୍ତିଗତ ସ୍ୱଚ୍ଛତା ବଜାୟ ରଖିବା ତଥା ମାସିକ ଋତୁସ୍ରାବ ଏବଂ ଏହାର ଜଟିଳତାକୁ ବୁଝିବା, ଏହି ସମୟରେ କ'ଣ କରିବା ଏବଂ କ'ଣ ଏଡାଇବା ଆବଶ୍ୟକ ତାହା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହାସହିତ, କର୍ମଶାଳାରେ ଉଭୟ ଶାରୀରିକ ଏବଂ ମାନସିକ ସ୍ତରରେ ବ୍ୟକ୍ତିତ୍ୱର ବିକାଶ ଏବଂ ସାମଗ୍ରିକ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ଏନଟିପିସି କଣିହାଁର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ନାସାକା ଶ୍ରୀନିବାସ ରାଓଳ, ଏନଏସ୍ ରାଓ, ଏଜିଏମ୍ (ଏଚ୍‌ଆର) ବିକେ ପାଣ୍ଡେଙ୍କ ସମେତ ତନଭି କନସଲଟାନ୍ସିର ମୁକ୍ତେଶ୍ୱର ପାତ୍ର ଏବଂ ଅରୁଣିମା ପାତ୍ର ଯୋଗ ଦେଇଥିଲେ।

ରୋସନୀ ଟ୍ରଷ୍ଟ ପକ୍ଷରୁ ମେଧା ବୃତ୍ତି ପ୍ରଦାନ

ରାଜକନିକା, ୧୦।୧୨(ସମିସ): ହାଟସାହି ଗ୍ରାମର ସମାଜସେବୀ ରୋହିତାଶ୍ୱ ବେଉରିଆଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ରାଜକନିକା ବ୍ଲକ ହାଟସାହି ନୋଡାଲ ହାଇସ୍କୁଲରେ ରୋସନୀ ଟ୍ରଷ୍ଟ ପକ୍ଷରୁ ଗରିବ ମେଧା ବୃତ୍ତି ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଆଳି ବିଧାୟକ ତଥା ରାଜ୍ୟ ଶକ୍ତି ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ତଥା ଟ୍ରଷ୍ଟର ସଭାପତି ନଛେନ୍ଦ୍ର ବଳଙ୍କ ସଭାପତିତ୍ୱରେ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଏବଂ ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ବୈଜ୍ଞାନିକ ପ୍ରଭାତ କିଶୋର ବେଉରିଆ ଯୋଗ ଦେଇଥିଲେ। କମିଟିର ସମ୍ପାଦକ ତଥା ହାଟସାହି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକ୍ରମ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ନିରଞ୍ଜନ ବେହେରା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ ୧୦ ଜଣ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ୧୦ହଜାର ଟଙ୍କାର ଅର୍ଥରାଶି ଓ ମାନପତ୍ର ମନ୍ତ୍ରୀ ଶ୍ରୀ ଦେବ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ ଓ ଅତିଥିମାନେ ଅଭିଭାଷଣ ରଖିବା ସହ ଏକାଗ୍ରତା ହିଁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ମୁଖ୍ୟସ୍ରୋତ ବୋଲି ମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଡ. ପ୍ରଫେସର ପ୍ରଶାନ୍ତ ବେଉରିଆ ଧନ୍ୟବାଦ ଅର୍ପଣ କରିଥିଲେ।

ସମଲ ବ୍ୟାରେଜ କଲୋନୀରୁ ମୃତଦେହ ଉଦ୍ଧାର

କଣିହାଁ, ୧୦।୧୨(ସମିସ): ସମଲ ଥାନା ପୁଲିସ ଏକ ଝୁଲନ୍ତା ମୃତଦେହଜବତ କରିଛି। ମୃତକ ହେଲେ ସମଲ ଥାନା ଅଞ୍ଚଳ ବ୍ୟାରେଜ କଲୋନୀର ସର୍ବେଶ୍ୱର ଦାସ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି। ତାଙ୍କ ଝିଅ ସୁପ୍ରିୟା ଦାସ(୨୮)ଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏ ନେଇ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ଦିଲ୍ଲୀପ ଲାକ୍ରା ପ୍ରକାଶ କରିଛନ୍ତି।

ମଦନପୁର କଲେଜରେ ଭୋଟର ସଚେତନତା

ପଟ୍ଟାମୁଣ୍ଡାଇ, ୧୦।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଦନପୁର ଯୁକେ ମହାବୀର କଲେଜ ପରିସରରେ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ନିୟମ ଅନୁସାରେ ରାଜ୍ୟ ସରକାରଙ୍କ ଉଦ୍ୟମରେ ଯୁବ ପିଢ଼ିମାନଙ୍କ ମଧ୍ୟରେ ନୂଆ ଭୋଟର ପଞ୍ଜୀକରଣ ଯୋଜନା ଅନ୍ତର୍ଗତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷ ସବ୍ୟସାଚୀ ତ୍ରିପାଠୀ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ମଧୁସ୍ମିତା ବରୁଆ ଏବଂ ଅଧ୍ୟାପକ ଦେବଦତ୍ତ ସିଂ ଛାତ୍ରଛାତ୍ରୀଙ୍କୁ ଭୋଟର ସଚେତନତା ବିଷୟରେ ପରାମର୍ଶ ଦେଇଥିଲେ। ଉକ୍ତ ସଭାରେ ସାମାଜିକ କର୍ମୀ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ମନୋଜ କୁମାର ମଲ୍ଲିକ, ଜୟରାମ ସ୍ୱାଇଁ ଓ ସର୍ବେଶ୍ୱର ବଳ ପ୍ରମୁଖ ଉପସ୍ଥିତ ଥିଲେ।

ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ

ରାଜକନିକା, ୧୦।୧୨(ସମିସ): ୧୯୭୩ରେ ରାଜଯୋଗିନୀ ଡକ୍ଟର ବ୍ରହ୍ମାକୁମାରୀ କମଲେଶ ଦିଦିଜୀ ଓଡ଼ିଶାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସ୍ଥାପନ କରିଥିଲେ। ଏହି ବିଶ୍ୱବିଦ୍ୟାଳୟ ୫୦ ବର୍ଷ ପୂର୍ତ୍ତି ଉତ୍ସବ ରାଜକନିକାରେ ପାଳନ କରାଯାଇଛି। ଆଜି ଚେରଣ୍ଡପଡ଼ାସ୍ଥ ସଦଭାବନା ସଦନରେ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ପ୍ରବକ୍ତା ଭାବେ କମଲେଶ ଦିଦିଜୀ ଯୋଗଦେଇ ଆଶୀର୍ବଚନ ପ୍ରଦାନ କରିଥିଲେ। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଦେବ, ସୁଲୋଚନା ଦିଦିଜୀ, ରାଜଯୋଗୀ ଡକ୍ଟର ନଥମଲ ଭାଇଜି, ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ମିନତୀ ରାଉତ ଯୋଗ ଦେଇ ସୁବର୍ଣ୍ଣ ଜୟନ୍ତୀର ଜୟଯାତ୍ରା ସାମାଜିକ ଜୀବନରେ ସଦଭାବନା ଆଣିଥିବ ପ୍ରକାଶ କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବହୁ ସଂଖ୍ୟକ ଭାଇଭଉଣୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଗ୍ରାମବାସୀଙ୍କ ସହ ବିଧାୟକଙ୍କ ଆଲୋଚନା

କଣିହାଁ, ୧୦।୧୨(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ପଞ୍ଚାୟତ ଟୋଲବେଡା ଗ୍ରାମବାସୀଙ୍କ ସହ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଆଲୋଚନା କରିଛନ୍ତି। ବିଧାୟକ ଏହି ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ପଚାରି ବୁଝିଥିଲେ। ଟୋଲକବେଡା ଗ୍ରାମରେ ନବନିର୍ମିତ ଚେମିଣିଘଟି ପାହାଡ ଗୁମ୍ଫାସ୍ଥିତ ବିଷ୍ଣୁ ମନ୍ଦିର ପ୍ରତିଷ୍ଠା ନେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଗ୍ରାମର ସଭାପତି ଦୁଃସାଶନ ସାହୁ, ଅନ୍ତର୍ଯ୍ୟାମୀ ସାହୁ, କାଳିଚରଣ ସାହୁ, ରାଜନ ସାହୁ, ସୁମନ ବେହେରା, ଲୁନା ସାହୁ, ଚନ୍ଦ୍ରମଣି ସାହୁ, ସତ୍ୟାନନ୍ଦ ଦେହୁରୀ, ପିଣ୍ଟୁ ସାହୁ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ସୁନୀଲ ପ୍ରଧାନ, ଈଶ୍ୱର ସାହୁ, ବିଶ୍ୱମ୍ଭର ସାହୁ, ସୁଧାକର ପ୍ରଧାନ, ଜିତେନ୍ଦ୍ରୀୟ ସାହୁ, ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ପୁରାତନ ଛାତ୍ରଙ୍କ ବୈଠକ

ମାର୍ଶାଘାଇ, ୧୦।୧୨(ସମିସ): ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୧ ବ୍ୟାଚ୍ ଛାତ୍ରଙ୍କ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ଗୋପାଳ ପରିଡ଼ା, ସରୋଜକାନ୍ତ ପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ କୁମାର ନାୟକ, ଦିଲ୍ଲୀପ କୁମାର ମହାନ୍ତି, ନିରଞ୍ଜନ ପଣ୍ଡା, ସମର କୁମାର ସ୍ୱାଇଁ, ଅଲେଖ ରାଉତ ପ୍ରମୁଖ ବକ୍ତବ୍ୟ ରଖି ଛାତ୍ର ଜୀବନର ସ୍ମୃତି ବଖାଣିଥିଲେ। କ୍ଷୀରୋଦ ରାଉତ, ରାମହରି ରଥ, କୈଳାସ ସାହୁ, ରମେଶ ମଲିକ, ସୁଧାକର ବେହେରା, ବ୍ରଜ ପ୍ରଧାନ, ଶିଶିର ରାଉତ, କେଶବ ପରିଡ଼ା, ଅଭୟ ସାହୁ, ଅର୍ଜୁନ ବିଶ୍ୱାଳ, ବିଜୟ ସାହୁ, ରବୀନ୍ଦ୍ର ଦାସ, ସଞ୍ଜୟ ପ୍ରଧାନ, ହେମନ୍ତ ବେହେରା, ଅଭୟ ଯେନା, ଚିତ୍ତରଞ୍ଜନ ରାଉତ, ମହେନ୍ଦ୍ର ନାଥ ପ୍ରଧାନ, ଅଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ରାଜ୍ୟପାଳଙ୍କ ଦ୍ୱାରା 'ରକ୍ତଦାତା' ଉନ୍ମୋଚିତ

ପୁରୀ, ୧୦।୧୨(ସମିସ): ରକ୍ତଦାନରେ ଶତକ କରିଥିବା ବଦ୍ରି ମିଶ୍ରଙ୍କ ରକ୍ତଦାନ ସମ୍ପର୍କିତ ପୁସ୍ତକ 'ରକ୍ତଦାତା' ରାଜଭବନ ସମ୍ମିଳନୀ କକ୍ଷରେ ରାଜ୍ୟପାଳ ରଘୁବର ଦାସଙ୍କ ଦ୍ୱାରା ରବିବାର ଉନ୍ମୋଚିତ ହୋଇଯାଇଛି। ଏହି ଉନ୍ମୋଚନ ଉତ୍ସବରେ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମହନ୍ତ ରାମକୃଷ୍ଣ ଦାସ, ପ୍ରଫେସର ହରେକୃଷ୍ଣ ଶତପଥୀ, ଶିକ୍ଷାବିତ୍ ବଦ୍ରିନାଥ ପଟ୍ଟନାୟକ, ଡାକ୍ତର ଅଶୋକ ମହାପାତ୍ର, ଗୀତିକାର ଶରତ ଦାଶ, କବି ରକ୍ଷକ ନାୟକ, ବିଶିଷ୍ଟ ସେବାୟତ ଜିତେନ୍ଦ୍ର ମହାପାତ୍ର, ପଣ୍ଡିତ ବୀରେ

ମାର୍ଗଶିରରେ ବୈକୁଣ୍ଠର ବରଦାନ

ପୁରାଣ ଅନୁସାରେ, ମାର୍ଗଶିର ମାସରେ ସତ୍ୟଯୁଗ ପ୍ରତିଷ୍ଠା ହୋଇଥିଲା । ମହର୍ଷି କଶ୍ୟପ ମଧ୍ୟ ଏହି ମାସରେ କାଶ୍ମୀର ରାଜ୍ୟ ସ୍ଥାପନା କରିଥିଲେ । ସେହିପରି ମାର୍ଗଶିର ମାସରେ ଭଗବାନ ଶ୍ରୀକୃଷ୍ଣ କୁରୁକ୍ଷେତ୍ରରେ ଅର୍ଜୁନଙ୍କୁ ଗୀତା ଜ୍ଞାନ ପ୍ରଦାନ କରିଥିଲେ । ସେଥିପାଇଁ ଏହି ମାସରେ ଗୀତା ଜୟନ୍ତୀ ମଧ୍ୟ ପାଳନ କରାଯାଏ । ତେବେ ଶ୍ରୀକୃଷ୍ଣ ଗୀତାରେ ସ୍ୱୟଂ କହିଛନ୍ତି, ମାସ ମଧ୍ୟରେ ମୁଁ ମାର୍ଗଶିର । ଏହି ମାସକୁ ଭଗବାନ ଶ୍ରୀକୃଷ୍ଣଙ୍କ ସ୍ୱରୂପ ବୋଲି ବିବେଚନା କରାଯାଏ । ତେଣୁ ଏହି ମାସରେ ଶ୍ରୀକୃଷ୍ଣଙ୍କ ଆରାଧନା କରିବା ଦ୍ୱାରା ବୈକୁଣ୍ଠ ପ୍ରାପ୍ତ ହୋଇଥାଏ ।

ଏହି ମାସରେ କୌଣସି ପବିତ୍ର ନଦୀରେ ସ୍ନାନ କରିବା ଦ୍ୱାରା ପୁଣ୍ୟଫଳ ପ୍ରାପ୍ତ ହୋଇଥାଏ । ସେହିପରି ମାର୍ଗଶିରରେ ତେଲ ଲଗାଇ ସ୍ନାନ କଲେ ଶରୀର ନୀରୋଗ ରହେ ।

ଯମୁନା ନଦୀରେ ସ୍ନାନ: ମାର୍ଗଶିର ମାସରେ ମାତା ପିତା, ଗୁରୁଙ୍କ ସେବା କରିବା ଦ୍ୱାରା ଭଗବାନ କୃଷ୍ଣଙ୍କ ସହ ରାଧାରାଣୀଙ୍କ କୃପା ବି ସହଜରେ ମିଳିଥାଏ । ଜୀବନରେ ଭଗବାନଙ୍କ ଆଶୀର୍ବାଦ ବଜାୟ ରଖିବାକୁ ଚାହୁଁଥିଲେ ଏବଂ ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଥିଲେ, ଏହି ମାସରେ ଯମୁନା ନଦୀରେ ସ୍ନାନ କରିବା ଦରକାର ।

ଶଙ୍ଖ ପୂଜାର ମହତ୍ତ୍ୱ: ମାର୍ଗଶିର ମାସରେ କୌଣସି ଶଙ୍ଖକୁ ଭଗବାନ ଶ୍ରୀକୃଷ୍ଣଙ୍କ ପଞ୍ଚଜନ୍ୟ ଶଙ୍ଖ ଭାବି ତା'ର ପୂଜାର୍ଚ୍ଚନା କରିବା ଦରକାର । ଏହା ଦ୍ୱାରା ସମସ୍ତ ମନୋବାଞ୍ଛା ପୂରଣ ହୁଏ । ପ୍ରତିଦିନ ଘରେ ଶଙ୍ଖ ପୂଜା କରିବା ଦ୍ୱାରା ଅର୍ଥ ସଙ୍କଟ ଦେଖା ଦିଏ ନାହିଁ । ତେଣୁ ଏହି ମାସରେ ସକାଳୁ ଶୀଘ୍ର ଉଠି ସ୍ନାନ କରି ଠାକୁରଙ୍କ ପୂଜାର୍ଚ୍ଚନା କରିବା ଉତ୍ତମ ।

ଦାନ କରିବା ଶୁଭ: ଏହି ମାସରେ ଦାନ କରିବାର ବିଶେଷ ଗୁରୁତ୍ୱ ଥିବା କୁହାଯାଏ । ତେଣୁ ବସ୍ତ୍ର, କମ୍ବଳ, ଅନ୍ନଦାନର ମଧ୍ୟ ଏହି ମାସରେ ବିଶେଷ ମହତ୍ତ୍ୱ ଅଛି । ପୂଜା ସମ୍ବନ୍ଧୀୟ ଆସନ, ତୁଳସୀ ମାଳା, ଚନ୍ଦନ, ମୟୂର ପୁଚ୍ଛ, କଳସ, ଆଚମନୀ, ପୀତାମ୍ବର ଓ ଦୀପ ଦାନକୁ ଖୁବ୍ ଶୁଭ ବୋଲି କୁହାଯାଇଛି ।

ମୃଗଶିରା ନକ୍ଷତ୍ରରୁ ମାର୍ଗଶିର: ଶାସ୍ତ୍ରରେ କୁହାଯାଇଛି, ଏହି ମାସର ସମ୍ବନ୍ଧ ମୃଗଶିରା ନକ୍ଷତ୍ର ସହ ରହିଛି । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ୨୭ଟି ନକ୍ଷତ୍ର ରହିଛି । ସେଥିରୁ ଅନ୍ୟତମ ମୃଗଶିରା ନକ୍ଷତ୍ର । ଏହି ମାସ ପୂର୍ଣ୍ଣିମା ମୃଗଶିରା ନକ୍ଷତ୍ର ସହ ସଂଯୁକ୍ତ ହୋଇଥାଏ । ଏହି କାରଣ ଯୋଗୁଁ ଏହି ମାସର ନାମକରଣ ମାର୍ଗଶିର ହୋଇଛି । ଏହା ବାଦ୍ ଏହାକୁ ମଗୁଶୁର ମାସ ବୋଲି ମଧ୍ୟ କୁହାଯାଏ ।

ଗୀତାବାଣୀ

ଯଦୃଚ୍ଛାଲାଭସନ୍ତୁଷ୍ଟୋ ଦ୍ୱନ୍ଦ୍ୱାତୀତୋ ବିମତ୍ସରଃ
ସମଃ ସିଦ୍ଧାବସିଦ୍ଧୌ ଚ କୃତ୍ୱାପି ନ ନିବଧ୍ୟତେ ॥୨୨॥

ଯେଉଁ କର୍ମଯୋଗୀ ଫଳେଚ୍ଛା ବିନା ଆପେ ଆପେ ଯାହା କିଛି ମିଳିଯାଏ ସେଥିରେ ସନ୍ତୁଷ୍ଟ ରହେ ଏବଂ ଯିଏ ଈର୍ଷ୍ୟାରହିତ, ଦ୍ୱନ୍ଦ୍ୱାତୀତ ତଥା ସିଦ୍ଧି- ଅସିଦ୍ଧିରେ ସମଭାବସମ୍ପନ୍ନ, ସେ କର୍ମ କରୁଥିଲେ ମଧ୍ୟ ତହିଁରେ ବାନ୍ଧି ହୁଏ ନାହିଁ ।

(ଚତୁର୍ଥୋଽଧ୍ୟାୟଃ – ଶ୍ଳୋକ - ୨୨)

ତୁଳସୀ ଦୂର କରେ ବାସ୍ତୁଦୋଷ

ହିନ୍ଦୁଧର୍ମରେ ତୁଳସୀ ଗଛର ଖୁବ୍ ମହତ୍ତ୍ୱ ରହିଛି । ସେଥିପାଇଁ ପ୍ରତି ଘରେ ତୁଳସୀ ଚଉଁରା ଥାଏ । ତେବେ ଏହା କେବଳ ଘରେ ସୁଖ, ସମୃଦ୍ଧି ଆଣି ନ ଥାଏ, ବରଂ ଶୁଭଫଳ ମଧ୍ୟ ପ୍ରଦାନ କରେ । ସେହିପରି ବାସ୍ତୁଶାସ୍ତ୍ରରେ ତୁଳସୀର ମଧ୍ୟ ଖୁବ୍ ଗୁରୁତ୍ୱ ରହିଛି । ତେବେ ତୁଳସୀ ଗଛକୁ ନେଇ ବାସ୍ତୁଶାସ୍ତ୍ରରେ କ'ଣ ସବୁ ନିୟମ ରହିଛି, ଜାଣିବା ସେ ସମ୍ପର୍କରେ ।

- ଘରେ ତୁଳସୀ ଗଛକୁ ଉତ୍ତର-ପୂର୍ବ କିମ୍ବା ପୂର୍ବ ଦିଗରେ ରଖିବା ଶୁଭଦାୟକ । ଘରର ବାସ୍ତୁଦୋଷ ଦୂର କରିବା ପାଇଁ ଏହାକୁ ଦକ୍ଷିଣ-ପୂର୍ବଠୁ ଆରମ୍ଭ କରି ଉତ୍ତର-ପଶ୍ଚିମ ପର୍ଯ୍ୟନ୍ତ ଯେକୌଣସି ଖାଲି ସ୍ଥାନରେ ଲଗାଇପାରିବେ ।
- ଝିଅ ବାହାଘର ହୋଇପାରୁ ନ ଥିଲେ ତୁଳସୀ ଗଛକୁ ଦକ୍ଷିଣ-ପୂର୍ବରେ ରଖନ୍ତୁ । ତା'ସହ ନିୟମିତ ଜଳ ଅର୍ପଣ କରନ୍ତୁ ।
- କୌଣସି ଶୁଭକାର୍ଯ୍ୟକୁ ଯିବା ପୂର୍ବରୁ ତୁଳସୀ ଖାଇ ଯିବା ଉତ୍ତମ ।
- ଘରେ ତୁଳସୀ ଗଛ ରଖିବା ଦ୍ୱାରା ନକାରାତ୍ମକ ଶକ୍ତି ଦୂରେଇ ଯାଏ ।
- ଏହାକୁ ଘରେ ରଖିବା ଦ୍ୱାରା ଘରର ବାତାବରଣ ପବିତ୍ର ହୋଇଥାଏ । ଏହାସହ ଦେବୀ ଦେବତାଙ୍କ ବିଶେଷ କୃପା ପ୍ରାପ୍ତ ହୁଏ ।
- ତୁଳସୀ ଗଛ ଶୁଖିଗଲେ ବା ନାରାୟଣ ପ୍ରାପ୍ତି ହେଲେ ଏହାକୁ ଘରେ ନ ରଖି ପବିତ୍ର ନଦୀରେ ଭସାଇ ଦେବା ଉଚିତ । ଏହାସହ ସେହି ସ୍ଥାନରେ ଅନ୍ୟ ଏକ ତୁଳସୀ ଗଛ ତୁରନ୍ତ ଲଗାଇବା ଦରକାର ।

କେଉଁ ଦିନରେ କ'ଣ କରଣୀୟ ଓ ଅକରଣୀୟ

ଜ୍ୟୋତିଷ ଶାସ୍ତ୍ରରେ ପ୍ରତ୍ୟେକ କାର୍ଯ୍ୟର ଦିନ ନିର୍ଦ୍ଧାରଣ କରାଯାଇଛି । ଧାର୍ମିକ ଗ୍ରନ୍ଥ ଏବଂ ଶାସ୍ତ୍ର ଅନୁସାରେ, ଯଦି ଦିନ ହିସାବରେ କୌଣସି ଶୁଭକାର୍ଯ୍ୟ କରାଯାଏ, ସେହି କାର୍ଯ୍ୟର ସଫଳ ହେବା ସମ୍ଭାବନା ଅଧିକ ଥାଏ ।

ସୋମବାର: ବିବାହ, ନାମକରଣ, ଗୃହ ନିର୍ମାଣ, ବିଦ୍ୟାଳୟକୁ ପ୍ରବେଶ କରିବା ପାଇଁ ଏହି ଦିନ ଶୁଭ । ଏହିଦିନରେ ଜନ୍ମହୋଇଥିବା ବ୍ୟକ୍ତି ସଜ୍ଜନ ହୋଇଥାନ୍ତି । ଏହିଦିନ ଦକ୍ଷିଣ ଦିଗରୁ ଯାତ୍ରା କଲେ ନିଶ୍ଚିତ ସଫଳତା ମିଳିଥାଏ ବୋଲି କୁହାଯାଏ ।

ମଙ୍ଗଳବାର: ଏହିଦିନ ଶୁଭ-ଅଶୁଭର ମିଶ୍ରିତ ଫଳ ପ୍ରଦାନ କରେ । ସେହିପରି ମଙ୍ଗଳବାର କିଛି କାର୍ଯ୍ୟ ପାଇଁ ଶୁଭ ହୋଇଥିବା ବେଳେ ଆଉ କିଛି କାର୍ଯ୍ୟ ପାଇଁ ଅଶୁଭ ହୋଇଥାଏ । ମଙ୍ଗଳବାରରେ ଘର କିଣିବା, ବସ୍ତ୍ର କିଣିବା ଅନୁଚିତ । ଏହିଦିନ ଜନ୍ମ ନେଇଥିବା ବ୍ୟକ୍ତି କ୍ରୋଧୀ ପ୍ରକୃତିର ହୋଇଥାନ୍ତି ।

ବୁଧବାର: ଏହା ଶୁଭ ବାର ଶ୍ରେଣୀରେ ଆସିଥାଏ । ଗୃହ ପ୍ରବେଶ, ଅଧ୍ୟୟନ ପ୍ରାରମ୍ଭ କରିବା ପାଇଁ ଏହା ହେଉଛି ଉତ୍ତମ ଦିନ । ଏହିଦିନ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଧାର୍ମିକ ପ୍ରବୃତ୍ତିର ହୋଇଥାନ୍ତି ।

ଗୁରୁବାର: ଏହିଦିନର ସ୍ୱାମୀ ଗ୍ରହ ହେଉଛନ୍ତି ବୃହସ୍ପତି । ଗୁରୁବାର ମଧ୍ୟ ସମସ୍ତ କାର୍ଯ୍ୟ ପାଇଁ ମଙ୍ଗଳଦାୟକ । ଏହିବାରରେ ଆରମ୍ଭ କରାଯାଉଥିବା ସମସ୍ତ କାର୍ଯ୍ୟ ସିଦ୍ଧ ହୋଇଥାଏ । ଏହିଦିନ ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ବିଶେଷ ସଦ୍‌ଗୁଣ, ଧାର୍ମିକ ଓ ତେଜସ୍ୱୀ ହୋଇଥାନ୍ତି ।

ଶୁକ୍ରବାର: ଏହିଦିନରେ ଜନ୍ମଗ୍ରହଣ କରିଥିବା ବ୍ୟକ୍ତି ରସିକ ସ୍ୱଭାବର ହୋଇଥାନ୍ତି । ତା'ସହ ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିବାରେ ରୁଚି ରଖନ୍ତି । ଶୁକ୍ରବାର ସନ୍ଧ୍ୟାରେ ଆରମ୍ଭ କରାଯାଉଥିବା ସମସ୍ତ କାର୍ଯ୍ୟ ଶୁଭ ହୋଇଥାଏ ।

ଶନିବାର: ସମସ୍ତ ବାର ମଧ୍ୟରେ ଶନିବାରକୁ ଅଶୁଭ ବୋଲି କୁହାଯାଏ । ଏହିଦିନ ଆରମ୍ଭ କରାଯାଉଥିବା କାର୍ଯ୍ୟ ପୂର୍ଣ୍ଣ ହୋଇପାରି ନ ଥାଏ । କୁହାଯାଏ, ଏହିବାରରେ ସଫଳତା ସମ୍ଭାବନା ଥାଏ ଖୁବ୍ କମ୍ । ଏହି ଦିନ ଜନ୍ମଗ୍ରହଣ କରିଥିବା ଲୋକଙ୍କଠାରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ ।

ରବିବାର: ସମସ୍ତ ପ୍ରକାର କାର୍ଯ୍ୟ ପାଇଁ ଏହି ବାର ଶୁଭ । ଏହିଦିନ ଜନ୍ମଗ୍ରହଣ କରିଥିବା ବ୍ୟକ୍ତିବିଶେଷ ଭାଗ୍ୟଶାଳୀ ହୋଇଥାନ୍ତି । ଏହିଦିନ ପୂର୍ବ ଦିଗରୁ ଯାତ୍ରା କଲେ ନିଶ୍ଚିତ ଭାବେ ସଫଳତା ମିଳିଥାଏ ।

ବୁଦ୍ଧିରେ ଗରିବ

ଗୌତମ ବୁଦ୍ଧଙ୍କ ମୂଲ୍ୟବାନ ବିଚାର, ଜ୍ଞାନ, ଉପଦେଶ ଓ ନୀତିବାଣୀ ଦ୍ୱାରା ଲୋକଙ୍କ ଜୀବନ ବଦଳିଯାଏ । ସେଥିପାଇଁ ଜ୍ଞାନାଲୋକକୁ ଅଧିକ ଉଦ୍‌ଭାସିତ କରିବା ପାଇଁ ବୁଦ୍ଧଙ୍କ ବିଚାରଧାରା ଅବଶ୍ୟ ଆପଣାଇବା ଉଚିତ । ଏହି ପରିପ୍ରେକ୍ଷୀରେ ଗରିବ ଚିନ୍ତାଧାରାକୁ ନେଇ ବୁଦ୍ଧଙ୍କର ଏକ ସୁନ୍ଦର ଓ ଶିକ୍ଷଣୀୟ କଥା ନିମ୍ନରେ ପ୍ରଦତ୍ତ କରାଗଲା ।

ବୁଦ୍ଧ କଥା

ଏକଦା ଜଣେ ଭିକାରି ନିଜ ଜୀବନକୁ ନେଇ ନିରାଶ ହୋଇପଡ଼ିଥିଲା । କାରଣ ଜୀବନଧାରଣ ପାଇଁ ତା'କୁ ପ୍ରତିଦିନ ଭିକ ମାଗିବାକୁ ପଡୁଥିଲା । ଏହି କଥାକୁ ନେଇ ଭିକାରି ଜଣକ ସବୁବେଳେ ଦୁଃଖରେ ରହୁଥିଲା । ଏହାସହ ସେ ଦିନ ତମାମ ଚିନ୍ତା କରୁଥିଲା ଯେ, ତା' ଜୀବନରେ କିଭଳି ପରିବର୍ତ୍ତନ ଆସିବ?

ସେହିପରି ପ୍ରତିଦିନ ସେ ଦେଖୁଥିଲା, ଅନେକ ଲୋକ ନିଜ ଦୁଃଖ, ଚିନ୍ତା, ଅସୁବିଧା ନେଇ ଗୌତମବୁଦ୍ଧଙ୍କ ପାଖକୁ ଯାଉଥିଲେ । ଅବଶ୍ୟ ସେଠାରୁ ଫେରିବା ପରେ ଲୋକେ ଖୁସିରେ ରହୁଥିଲେ । ତେବେ ସେ ଭିକାରି କିନ୍ତୁ ବୁଝିପାରୁ ନ ଥିଲା ବୁଦ୍ଧ ଏମିତି କ'ଣ କରୁଛନ୍ତି ଯେ, ସେମାନେ ଖୁସି ହେଉଥିଲେ । ସେହିପରି ଲୋକମାନେ ସେଠାରୁ ଫେରିବା ପରେ ସେମାନଙ୍କ ହାତରେ ନ ଥିଲା ଟଙ୍କା ନା ସୁନା, ରୁପା । ତଥାପି ବି ସେମାନେ ଖୁସି ରହୁଥିବା ଦେଖି ଦ୍ୱନ୍ଦ୍ୱରେ ରହୁଥିଲା । ସେଇଠୁ ସେ ନିଜ ଦୁଃଖ ନେଇ ବୁଦ୍ଧଙ୍କ ପାଖକୁ ଯିବା କଥା ଚିନ୍ତା କଲା ।

ଶେଷରେ ବୁଦ୍ଧଙ୍କୁ ଭେଟିବା ପାଇଁ ଭିକାରି ଜଣକ ବାହାରିଲା । ବୁଦ୍ଧ ଯେଉଁଠାରେ ଥିଲେ, ସେହି ସ୍ଥାନରେ ଲୋକଙ୍କ ଲମ୍ବା ଧାଡ଼ି ଲାଗିଥିଲା । ଭିକାରି ମଧ୍ୟ ସେହି ଧାଡ଼ିରେ ନିଜକୁ ସାମିଲ କଲା ଓ ନିଜ ପାଳି ପଡ଼ିବାକୁ ଅପେକ୍ଷା କଲା । ଭିକାରି ପାଳି ପଡ଼ିବାରୁ ବୁଦ୍ଧଙ୍କୁ କହିଲା, 'ମୁଁ ବହୁତ ଗରିବ । ମୋ ପାଖରେ କିଛି ବି ନାହିଁ । ଜୀବନ ନିର୍ବାହ କରିବା ପାଇଁ ସବୁବେଳେ ଭିକ ମାଗିବାକୁ ପଡୁଛି ।

ଏବେ ଆପଣ ହିଁ ମୋତେ କୁହନ୍ତି ମୁଁ କିଭଳି ଚଳିବି?'

ଏକଥା ଶୁଣି ବୁଦ୍ଧ କହିଲେ, 'ତୁମେ ଗରିବ ନୁହଁ । ତୁମକୁ ଏଭଳି ଲାଗିବାର କାରଣ ହେଉଛି, ଆଜି ପର୍ଯ୍ୟନ୍ତ ତୁମେ କାହା ପାଇଁ କିଛି ବି କରିନ । ନା ତମେ କେବେ କିଛି କାହାକୁ ଦାନ ଦେଇଛ ନା ଅନ୍ୟ ପାଇଁ କିଛି କରିଛ ।'

ଏହାଶୁଣି ଭିକାରି ପୁଣି ପ୍ରଶ୍ନ କଲା, 'ମୁଁ ତ ଭିକାରି । ଲୋକଙ୍କୁ କିଭଳି ଦାନ ଦେବି ଓ କାହାକୁ କ'ଣ ବା ସହାୟତା କରିପାରିବି । ମୋତେ ତ ନିଜକୁ ଚଳାଇବା ପାଇଁ ଅନ୍ୟଙ୍କୁ ହାତ ପତାଇବାକୁ ପଡୁଛି ।'

ଭିକାରିର ଏକଥା ଶୁଣି ବୁଦ୍ଧ କିଛି ସମୟ ନିରବ ରହି କହିଲେ, 'ତମ ପାଖରେ ହାତ ଅଛି, ଯାହାକୁ ତୁମେ ଲୋକଙ୍କ ସେବାରେ ନିୟୋଜିତ କରିପାରିବ । ଅନ୍ୟର ହିତ କରିପାରିବ । ଏହାବାଦ୍ ତୁମ ପାଟିରେ ବି ଭଲ ଭଲ କଥା କହି ଅନ୍ୟର ସାହସ ବଢ଼ାଇପାରିବ । ଏଭଳି କିଛି କରି ତୁମେ ଅନ୍ୟର ସହାୟତା କରିପାରିବ । ଜରୁରି ନୁହେଁ, ଦାନ କେବଳ ଟଙ୍କା ପଇସାରେ କରାଯିବ । ଚାହିଁଲେ ଆମେ ଶିକ୍ଷା ଦାନ, ଅନ୍ନ ଦାନ ମଧ୍ୟ କରିପାରିବା । ଭଗବାନ ଯଦି ପୂର୍ଣ୍ଣତଃ ଭଲ ଶରୀର ପ୍ରଦାନ କରିଛନ୍ତି, ସେ ଗରିବ ନୁହଁନ୍ତି । ସେ ତ କେବଳ ମାତ୍ର ବୁଦ୍ଧିରେ ଗରିବ । ଏହି ଚିନ୍ତାଧାରାକୁ ଦୂର କରି ଅନ୍ୟର ସେବାରେ ନିଜକୁ ନିୟୋଜିତ କରିବା ।'

ବୁଦ୍ଧଙ୍କ ଏହି ସବୁ କଥା ଶୁଣି ଭିକାରିଜଣକ ଅଧିକ ଖୁସି ହେବା ସହ ସନ୍ତୋଷ ମନରେ ଫେରିଲା ।

ରାବଣ ମନ୍ତ୍ର

ରାବଣକୁ ଭଗବାନ ଶିବଙ୍କ ସବୁଠୁ ବଡ଼ ଭକ୍ତ ବୋଲି କୁହାଯାଏ । ତେବେ ରାବଣ କେବଳ ରାକ୍ଷସ କୁଳର ସାହସୀ ଯୋଦ୍ଧା ନ ଥିଲା, ବରଂ ତା'ର ବେଦ, ପୁରାଣ, ଶାସ୍ତ୍ରରେ ମଧ୍ୟ ପ୍ରଚଣ୍ଡ ଜ୍ଞାନ ଥିଲା । ମାନ୍ୟତା ଅଛି, ରାବଣ ଭଳି ଶିବଭକ୍ତ କେହି ନାହାନ୍ତି । କାରଣ ରାବଣର ଶିବ ଭକ୍ତି ଥିଲା ସର୍ବୋଚ୍ଚରେ । ତା'ର ଏହି ଭକ୍ତି ଯୋଗୁଁ ସେ କେବଳ ଶିବ ସ୍ତୋତ୍ର ରଚନା କରି ନ ଥିଲା, ଅନେକ ମନ୍ତ୍ରର ମଧ୍ୟ ରଚୟିତା । ରାବଣ କିଛି ଏଭଳି ମନ୍ତ୍ର ରଚନା କରଥିଲା, ଯାହା ଥିଲା ଦିବ୍ୟ ଓ ଚମତ୍କାରୀ । ରାବଣ ସଂହିତାରେ ଲେଖାଯାଇଛି, ଏହିସବୁ ମନ୍ତ୍ର ଜପ ଦ୍ୱାରା ଜୀବନରେ ସବୁ କିଛି ମିଳିବା ସମ୍ଭବ । କାରଣ ଏହା ହେଉଛି ସିଦ୍ଧ ମନ୍ତ୍ର । ତେବେ ରାବଣର ବିଭିନ୍ନ ମନ୍ତ୍ର ଜପ ଦ୍ୱାରା କ'ଣ ଲାଭ ମିଳିଥାଏ, ସେ ସମ୍ପର୍କରେ ଜାଣନ୍ତୁ ।

- ନିତିଦିନ ରାବଣ ମନ୍ତ୍ର ଜପ ଦ୍ୱାରା ମନସ୍କାମନା ପୂରଣ ହୁଏ ।
- ଏହାସହ ଆର୍ଥିକ ସମସ୍ୟା ମଧ୍ୟ ଦୂର ହୁଏ ।
- ରାବଣ ମନ୍ତ୍ର ଜପ ଦ୍ୱାରା ଜୀବନରେ ସଫଳତା ମିଳିଥାଏ ।
- ଧନ ପ୍ରାପ୍ତି ହେବା ସହ ଧନ ବୃଦ୍ଧି ହୋଇଥାଏ ।

ପ୍ରଶ୍ନୋତ୍ତର

୧. କେଉଁ ନେତ୍ରହୀନ କବି ଶ୍ରୀକୃଷ୍ଣଙ୍କ ଭକ୍ତ ଥିଲେ?
୨. ବାମନ ଅବତାରରେ କିଏ ଜନ୍ମ ନେଇ ଥିଲେ ।
୩. ହିନ୍ଦୁ ମାନ୍ୟତାନୁସାରେ ସୃଷ୍ଟିର ବିନାଶକ କିଏ?
୪. କାହାର ପୂରା ନାଁ ଅମରାବଳି?
୫. ସମୁଦ୍ରମନ୍ଥନରୁ କେଉଁ ମଣି ଉତ୍ପନ୍ନ ହୋଇଥିଲା?

ଉତ୍ତର
(୧)ସୁରଦାସ (୨) ବିଷ୍ଣୁ (୩) ଶିବ (୪) ଇନ୍ଦ୍ର (୫) କୌସ୍ତୁଭ

ଧନୁ ସଂକ୍ରାନ୍ତିର ମହତ୍ତ୍ୱ

ହିନ୍ଦୁ ଧର୍ମରେ ସଂକ୍ରାନ୍ତିର ବିଶେଷ ମହତ୍ତ୍ୱ ଅଛି । ପ୍ରତି ମାସରେ ସୂର୍ଯ୍ୟ ଯେଉଁ ରାଶିକୁ ଗୋଚର କରନ୍ତି, ସେହି ରାଶି ନାମରେ ସଂକ୍ରାନ୍ତି ପାଳନ କରାଯାଏ । ଏହିଦିନ ସୂର୍ଯ୍ୟ ଧନୁ ରାଶିରେ ପ୍ରବେଶ କରି ମାସେ ପର୍ଯ୍ୟନ୍ତ ରହନ୍ତି । ଫଳରେ ଏହି ମାସରୁ ମଳ ମାସ ଆରମ୍ଭ ହେବାରୁ କୌଣସି ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହୋଇ ନ ଥାଏ । ତେଣୁ ଏହିଦିନ ସ୍ନାନ, ଦାନ, ପୂଜା, ଜପ-ତପ ପାଇଁ ଉତ୍କୃଷ୍ଟ ସମୟ ବୋଲି କୁହାଯାଏ । ତେବେ ମକର ସଂକ୍ରାନ୍ତି ଭଳି ଧନୁ ସଂକ୍ରାନ୍ତିର ମଧ୍ୟ ବିଶେଷ ମହତ୍ତ୍ୱ ଅଛି । ଡିସେମ୍ବର ୧୬ରେ ଏଥର ଧନୁସଂକ୍ରାନ୍ତି ପଡୁଥିବା ବେଳେ ଏହାର ମହତ୍ତ୍ୱ କ'ଣ ରହିଛି, ସେ ସମ୍ପର୍କରେ ଜାଣିବା ।

ପୌଷ ମାସର ପ୍ରଥମ ଦିନକୁ ଧନୁ ସଂକ୍ରାନ୍ତି ଭାବେ ପାଳନ କରାଯାଏ । ଧନୁ ସଂକ୍ରାନ୍ତି ଅବସରରେ ଓଡ଼ିଆ ଘରେ ଧନୁ ମୁଆଁ ପୂଜା କରିବାର ପରମ୍ପରା ରହିଛି । ସେହିପରି ଏହିଦିନରୁ ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ଆରମ୍ଭ ହୋଇଥାଏ । ଯାହାକି ମକର ସଂକ୍ରାନ୍ତି ପର୍ଯ୍ୟନ୍ତ ଜାରି ରହିଥାଏ । ତେବେ ପହିଲି ଭୋଗ ହେଉଛି ମହାପ୍ରଭୁଙ୍କର ଆଦ୍ୟ ଭୋଗ । ଯାହାକୁ ମହାପ୍ରଭୁଙ୍କ ପାଖରେ ବଡ଼ି ଭୋର୍‌ରୁ ଲାଗି କରାଯାଏ । ପହିଲି ଭୋଗରେ ମୁଖ୍ୟତଃ ଗଇଣ୍ଡା, ମଣ୍ଡା, ଆରିସା, କାକରା ଆଦି ଅନ୍ୟାନ୍ୟ ୩୨ ପ୍ରକାର ଭୋଗ ଲାଗି ହୁଏ ।

ତେବେ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ସମସ୍ତ ଗ୍ରହଙ୍କ ରାଜା ହେଉଛନ୍ତି ସୂର୍ଯ୍ୟଦେବ । ସେଥିପାଇଁ ସୂର୍ଯ୍ୟଙ୍କ ରାଶି ପରିବର୍ତ୍ତନ ଯେତେବେଳେ ହୁଏ, ସେହିଦିନ ସୂର୍ଯ୍ୟ ପୂଜା କରିବା ଦ୍ୱାରା ମାନ-ସମ୍ମାନ, ବୁଦ୍ଧି, ଶକ୍ତି, ସାମର୍ଥ୍ୟ ବୃଦ୍ଧି ପାଏ । ଏହି କାରଣରୁ ଧନୁ ସଂକ୍ରାନ୍ତିରେ ସ୍ନାନ, ଦାନ, ସୂର୍ଯ୍ୟପୂଜାର ମହତ୍ତ୍ୱ ଅଛି । ଏହିଦିନ ମା' ଲକ୍ଷ୍ମୀ ଓ ବିଷ୍ଣୁଙ୍କ ପୂଜା କରିବା ଦ୍ୱାରା ସୁଖ ସମୃଦ୍ଧି ବୃଦ୍ଧି ପାଏ । ତା'ସହ ଏହିଦିନ ଗାୟତ୍ରୀ ମନ୍ତ୍ର ଜପ କଲେ ସୂର୍ଯ୍ୟଦେବଙ୍କ କୃପା ପ୍ରାପ୍ତି ହୋଇଥାଏ ।

ସୁଖ, ସମୃଦ୍ଧି ବୃଦ୍ଧି ପାଇଁ ଟାଇଗର୍ ଷ୍ଟୋନ୍

ଜ୍ୟୋତିଷ ଶାସ୍ତ୍ର ଅନୁସାରେ, କୁଣ୍ଡଳିରେ ଗ୍ରହଙ୍କ ଅଶୁଭ ପ୍ରଭାବରୁ ରକ୍ଷା ପାଇବା ପାଇଁ କିଛି ରତ୍ନ ଧାରଣ କରିବା ଲାଭଦାୟକ । ତେବେ ବିଭିନ୍ନ ପ୍ରକାର ରତ୍ନ ଥିବା ବେଳେ ସେଥିରୁ ଅନ୍ୟତମ ପ୍ରଭାବଶାଳୀ ରତ୍ନ ହେଉଛି 'ଟାଇଗର ଷ୍ଟୋନ୍ ।' ଏହି ରତ୍ନକୁ ଧାରଣ କରିବା ଦ୍ୱାରା ମଙ୍ଗଳ, ଶୁକ୍ର, ଗୁରୁ, ଶନି, ରାହୁ, କେତୁ ସମେତ ସମସ୍ତ ଗ୍ରହର ଅଶୁଭ ଫଳରୁ ମୁକ୍ତି ମିଳିଥାଏ । କୁହାଯାଏ, ଏହାକୁ ଧାରଣ କରିବାର କିଛିଦିନ ମଧ୍ୟରେ ସକାରାତ୍ମକ ପରିଣାମ ମିଳିଥାଏ । ତେବେ ଏହାକୁ କେଉଁ ଦିନ, କିଭଳି ଧାରଣ କରିବା ତଥା ଏହା ଦ୍ୱାରା କେଉଁ ସବୁ ସକାରାତ୍ମକ ଫଳ ମିଳେ, ସେ ବିଷୟରେ ଜାଣନ୍ତୁ ।

- ମଙ୍ଗଳ ଗ୍ରହକୁ ମଜଭୁତ କରିବା ପାଇଁ ଏହାକୁ ମଙ୍ଗଳବାର ଦିନ ତର୍ଜନୀ ଅଙ୍ଗୁଳିରେ ଧାରଣ କରନ୍ତୁ ।
- ରତ୍ନ ଶାସ୍ତ୍ର ଅନୁସାରେ, ଏହାକୁ ଧାରଣ କରିବା ଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ପାଏ ।
- ମାନସିକ ଚିନ୍ତା ଦୂର ହୁଏ ଏବଂ ମନ ପ୍ରସନ୍ନ ରହେ ।
- ଏହି ରତ୍ନ ଧାରଣ ଦ୍ୱାରା ଜୀବନର ସମସ୍ତ ବାଧା ଦୂର ହୁଏ ।
- ଏହାକୁ ଧାରଣ କରିବା ଦ୍ୱାରା ବ୍ୟବସାୟରେ ଲାଭ ହେବା ସହ ଗ୍ରହ ଦୋଷରୁ ମୁକ୍ତି ମିଳିଥାଏ ।
- ଏହାକୁ ପିନ୍ଧିଲେ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ହୁଏ ।
- ଟାଇଗର ଷ୍

ଅନ୍ତର୍ଜାତୀୟ ପର୍ବତ ଦିବସ

ପ୍ରକୃତିର ସୁନ୍ଦର ସଂରଚନା ମଧ୍ୟରେ ପର୍ବତ ଅନ୍ୟତମ। ଜାତିସଂଘର ସାଧାରଣ ପରିଷଦର ଅନୁମୋଦନ କ୍ରମେ ୨୦୦୩ ମସିହାରୁ ପ୍ରତିବର୍ଷ ଡିସେମ୍ବର ୧୧ତାରିଖକୁ ଅନ୍ତର୍ଜାତୀୟ ପର୍ବତ ଦିବସ ଭାବରେ ପାଳନ କରାଯାଉଛି। ପଶୁପକ୍ଷୀଙ୍କ ପାଇଁ ସବୁଠୁ ସୁରକ୍ଷିତ ସ୍ଥଳ ହେଲା ପାହାଡ଼ ପର୍ବତ। କିନ୍ତୁ ଖଣିଜ ପଦାର୍ଥ ପାଇଁ ମଣିଷ ପାହାଡ଼ଗୁଡ଼ିକୁ ବ୍ଲାଷ୍ଟିଂ ଦ୍ୱାରା ଧ୍ୱଂସ କରିଚାଲିଛି। ଫଳରେ ପାହାଡ଼ଗୁଡ଼ିକରେ ସବୁଜିମା ହ୍ରାସ ପାଉଛି। କେତେକ ବଡ଼ ପର୍ବତ ଏବେ ଧ୍ୱଂସାଭିମୁଖୀ । ପର୍ବତର ସୁରକ୍ଷା ପାଇଁ ପ୍ରତିବର୍ଷ ୧୧ ତାରିଖକୁ ଅନ୍ତର୍ଜାତୀୟ ପର୍ବତ ଦିବସ ଭାବରେ ପାଳନ ହେଉଛି। ବିଶ୍ୱ ଜନସଂଖ୍ୟାର ୧୫ ପ୍ରତିଶତ ଲୋକ ପାହାଡ଼ିଆ ଅଞ୍ଚଳରେ ବସବାସ କରନ୍ତି । ବିଶ୍ୱ ଜୈବବିବିଧତାର ମୁଖ୍ୟସ୍ଥଳ ହେଉଛି ପର୍ବତ। ତେଣୁ ପର୍ବତର ସୁରକ୍ଷା ନିହାତି ଆବଶ୍ୟକ । ମାନବଜାତିକୁ ପର୍ବତର ଗୁରୁତ୍ୱ ବିଷୟରେ ସଚେତନ କରିବା ଅନ୍ତର୍ଜାତୀୟ ପର୍ବତ ଦିବସର ମୁଖ୍ୟ ଲକ୍ଷ୍ୟ । ଚଳିତବର୍ଷ ଏହି ଦିବସର ଥିମ୍ ରହିଛି- "Restoring Mountain Eco-System"



ମହିଳାଙ୍କୁ ଶୃଙ୍ଗାର ମନା

ସ୍ୱଭାବତଃ ମହିଳାମାନେ ଶୃଙ୍ଗାର ପ୍ରିୟ। ସେଥିପାଇଁ ସେମାନେ ନିଜକୁ ସଜେଇବାକୁ ଭଲପାଆନ୍ତି। କିନ୍ତୁ ଆମ ଦେଶରେ ଏମିତି ବି ଗୋଟିଏ ଗାଁ ଅଛି, ଯେଉଁଠାରେ ମହିଳାମାନେ ସଜବାଜ କ'ଣ ଜାଣନ୍ତି ନାହିଁ। ଛତିଶଗଡ଼ ଧମତରୀ ଜିଲ୍ଲା ମୁଖ୍ୟାଳୟଠାରୁ ୯୦ କିଲୋମିଟର ଦୂରରେ ରହିଛି ସଦାବାହର ଗାଁ। ଏହି ଗାଁରେ ୪୦ରୁ ୫୦ ପରିବାର ରହନ୍ତି। ଗାଁରେ ମହିଳାଙ୍କୁ ନେଇ ଏକ ବିଶେଷ ପ୍ରକାର ପରମ୍ପରା ରହିଛି। ଏଠାକାର ମହିଳାମାନେ ଆଦୌ ସଜବାଜ ହୋଇ ନ ଥାନ୍ତି। ଯାହାକୁ ଏହି ଗାଁର ମହିଳାମାନେ ବର୍ଷ ବର୍ଷ ଧରି ପାଳନ କରି ଆସୁଛନ୍ତି। ଗାଁରେ କୌଣସି ଉତ୍ସବ, ପର୍ବପର୍ବାଣି ଏପରିକି ବିବାହ ଉତ୍ସବରେ ବି ମହିଳାମାନେ ସଜବାଜ ହୁଅନ୍ତି ନାହିଁ। ବଡ଼ କଥା ହେଲା, ସଧବା ମହିଳା ମଧ୍ୟ ମଥାରେ ସିନ୍ଦୂର ନାଆନ୍ତି ନାହିଁ। କେବଳ ସେତିକି ନୁହେଁ, କାଠ ନିର୍ମିତ ଚେୟାର, ଟେବୁଲ, ଖଟ ଉପରେ ସେମାନେ ବସି ନ ଥାନ୍ତି। ଅବଶ୍ୟ ସେମାନଙ୍କ ବସିବା ପାଇଁ ଇଟା ଓ ସିମେଣ୍ଟରେ ତିଆରି ସ୍ଥାନ ରହିଛି। ଗାଁ ଲୋକଙ୍କ ବିଶ୍ୱାସ ଯେ, ମହିଳାଙ୍କ ପାଇଁ ଥିବା ବାରଣ ନ ମାନିଲେ ଗ୍ରାମଦେବୀ କ୍ରୋଧିତ ହୁଅନ୍ତି। ଫଳରେ ସେମାନେ କୌଣସି ନା କୌଣସି ଗମ୍ଭୀର ରୋଗରେ ପୀଡ଼ିତ ହେବେ। ଏହାଛଡ଼ା ଗାଁକୁ କୌଣସି ବଡ଼ ବିପତ୍ତି ମାଡ଼ି ଆସେ ବୋଲି ବିଶ୍ୱାସ କରାଯାଏ। ଗାଁର ଗୋଟିଏ ପର୍ବତ ଉପରେ କାରିପଠ ଦେବୀ ବିରାଜମାନ କରିଛନ୍ତି।

'ଟକ୍ସିକ୍'ରେ ୟଶ୍

'କେଜିଏଫ୍' ଓ 'କେଜିଏଫ୍-୨' ଜରିଆରେ ବକ୍ସ ଅଫିସ୍‌ରେ ସୁନାମି ଆଣିଥିବା ୟଶ୍‌ଙ୍କ ଆଗାମୀ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରିଛନ୍ତି। ତେବେ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ୟଶ୍-୧୯' ହୋଇପାରେ ବୋଲି ଅନେକ ଦିନରୁ ଚର୍ଚ୍ଚା ହେଉଥିଲା। କିନ୍ତୁ ଏବେ ନିଜେ ୟଶ୍ ଏହା ଉପରୁ ପରଦା ଉଠାଇଛନ୍ତି। ସୋସିଆଲ ମିଡିଆରେ ଏକ ଟିଜର୍ ଜାରି କରି ୟଶ୍ ଫିଲ୍ମର ଟାଇଟଲ୍ ବିଷୟରେ ଜଣାଇଛନ୍ତି। ୟଶ୍ ତାଙ୍କ ଆଗାମୀ ଫିଲ୍ମର ଏକ ଧମାକାଦାର ଟିଜର୍ ଜାରି କରିଛନ୍ତି। ତେବେ ଟିଜର୍‌ରୁ ୟଶ୍‌ଙ୍କ ଆଗାମୀ ଫିଲ୍ମର ନାମ 'ଟକ୍ସିକ୍' ବୋଲି ସ୍ପଷ୍ଟ ହୋଇଛି। ଏଥିରେ ୟଶ୍‌ଙ୍କ ଝଲକ୍ ଦେଖିବାକୁ ମିଳିଛି। ୟଶ୍ ପାଟିରେ ସିଗାର ଓ ମୁଣ୍ଡରେ ଟୋପି ପିନ୍ଧି ଦେଖାଯାଇଛନ୍ତି। ମଲାୟାଲମ୍ ଫିଲ୍ମର ପ୍ରଯୋଜକ ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ଏହାର ପ୍ରଯୋଜନା ଦାୟିତ୍ୱରେ କେଭିଏନ୍ ପ୍ରଡକ୍ସନ୍ ରହିଛି। ଏହି ଫିଲ୍ମ ଏପ୍ରିଲ୍ ୧୦, ୨୦୨୫ରେ ପରଦାକୁ ଆସିବ। ତେବେ ଏଥିରେ ୟଶ୍‌ଙ୍କ ବିପକ୍ଷରେ ଦକ୍ଷିଣର ଲୋକପ୍ରିୟ ଅଭିନେତ୍ରୀ ସାଇପଲ୍ଲବୀ ଦେଖାଯାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଫିଲ୍ମର କାହାଣୀ ଡ୍ରଗ୍ସ ମାଫିଆଙ୍କ ଉପରେ ଆଧାରିତ ହେବ। ଏହା ଏକ ହାଇ ବଜେଟ୍‌ର ଫିଲ୍ମ ହେବ ବୋଲି ଜଣାପଡ଼ିଛି।

ମାତାଙ୍କ ଅନନ୍ୟ ମନ୍ଦିର

ହାତୁଡି ମାଡ଼ ଖାଇବାକୁ ଧାଡ଼ି ଲଗାନ୍ତି ଭକ୍ତ

ଭାରତରେ ବିଭିନ୍ନ ସ୍ଥାନରେ ଅନେକ ଚମତ୍କାର ଓ ଅନନ୍ୟ ମନ୍ଦିର ମାନ ରହିଛି। ଅନେକ ମନ୍ଦିରର ସାଜସଜ୍ଜା ଓ ଭବ୍ୟତା ଭକ୍ତଙ୍କୁ ଆକୃଷ୍ଟ କରୁଥିବାବେଳେ ଉତ୍ତରପ୍ରଦେଶ ଗାଜିଆବାଦରେ ଏମିତି ଏକ ମନ୍ଦିର ରହିଛି, ଯେଉଁଠି ଭକ୍ତଙ୍କୁ ପ୍ରସାଦ ବଦଳରେ ହାତୁଡ଼ିରେ ପିଟା ଯାଉଛି। ଗାଜିଆବାଦର ମାତା କେସରୀ ମନ୍ଦିରରେ ସନ୍ଧ୍ୟା ସମୟରେ ଭକ୍ତଙ୍କ ଭିଡ଼ ଜମେ। ମନ୍ଦିରକୁ ଯିବା ରାସ୍ତାଟି ବେଶ୍ ଅଣଓସାରିଆ ହୋଇଥିଲେ ମଧ୍ୟ ଏଠାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ବିଜ୍ଞାନ ଯୁଗରେ ଝଡ଼ାଫୁଙ୍କାକୁ ଅନ୍ଧବିଶ୍ୱାସ ଭାବେ ଗ୍ରହଣ କରାଯାଉଥିବାବେଳେ , ଏଠାକୁ ଶହ ଶହ ସଂଖ୍ୟାରେ ପେଟ ସମସ୍ୟା ଦେଇ ଗତି କରୁଥିବା ରୋଗୀମାନେ ଆସିଥାନ୍ତି। ମା'ଙ୍କ ମନ୍ଦିରର ମହନ୍ତ ମୁକେଶ ନାରାୟଣ କହିବାନୁସାରେ, ଏଠାରେ ଝଡ଼ାଫୁଙ୍କା ହେବାର ମାତ୍ର ୫ରୁ ୬ ଦିନ ମଧ୍ୟରେ ଲୋକେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଆନ୍ତି। ମନ୍ଦିରରେ ଏହି ପରମ୍ପରା କାହିଁ କେଉଁ କାଳରୁ ଚଳିଆସୁଛି। ପ୍ରାୟତଃ ଡାକ୍ତରୀ ଚିକିତ୍ସା ଓ ଔଷଧ କାମ ନ କରିବା ପରେ ଏଠାକୁ ଆସୁଥିବା ବ୍ୟକ୍ତିଙ୍କୁ ହୋମିଓପାଥି ଔଷଧ ଦେବା ସହ ଝଡ଼ାଫୁଙ୍କା କରାଯାଏ। ଯେଉଁମାନଙ୍କର ପେଟରୋଗ ରହିଛି ସେମାନଙ୍କ ପାଦରେ ହାତୁଡ଼ିରେ ମାଡ଼ ମାରି ଠିକ୍ କରାଯାଏ। ଭକ୍ତଙ୍କ ମାନ୍ୟତା ରହିଛି, ଝଡ଼ାଫୁଙ୍କା ଓ ହାତୁଡ଼ି ପାହାର ଦ୍ୱାରା ରୋଗୀ ଧୀରେ ଧୀରେ ଆରୋଗ୍ୟ ହୁଏ। ତେଣୁ ଭକ୍ତଙ୍କୁ ହାତୁଡ଼ିରେ ପିଟିଲେ ବି ସେମାନଙ୍କର କୌଣସି ସମସ୍ୟା ହୋଇନଥାଏ। ବରଂ ହାତୁଡ଼ିରେ ମାଡ଼ ଖାଇବାକୁ ଲୋକେ ଲମ୍ବା ଲାଇନ୍ ଲଗାଇଥାନ୍ତି। ଏଠାକୁ ବହୁଦିନ ଧରି ଆସୁଥିବା ମଞ୍ଜୁ ନାମକ ଭକ୍ତଙ୍କ କହିବାନୁସାରେ, ତାଙ୍କର ହାତ ଏବଂ ପାଦ ଦରଜ ପାଇଁ ଏଠାକୁ ଆସିବା ପରେ ଆରାମ ମିଳିଛି। ତେବେ ଲୋକଙ୍କୁ ଏଠାରେ ମାଗଣାରେ ଚିକିତ୍ସା କରାଯାଏ। ମନ୍ତ୍ରୋଚାରଣ କରି ଭକ୍ତଙ୍କୁ ହାତୁଡ଼ିରେ ଆଘାତ କରାଯାଏ।

ବିବାହ କାର୍ଡ ନା ରିସର୍ଚ୍ଚ ପେପର

ସମ୍ପ୍ରତି ବିବାହକୁ ନେଇ ଅନେକ ଅଜବ ଘଟଣା ଦେଖିବାକୁ ମିଳୁଛି। କେଉଁଟି ଅତିଥିଙ୍କୁ ବାସନ ମାଜିବାକୁ ପଡୁଛି ତ ଆଉ କେଉଁଠି ବିବାହରେ ଯୋଗଦେବା ପାଇଁ ଅତିଥିଙ୍କୁ ଆଗୁଆ ଉପହାର ମଗାଯାଉଛି। ଏମିତିକି କେହି କେହି ବିବାହ ପାଇଁ ଅଜବ ଢଙ୍ଗର ନିମନ୍ତ୍ରଣ ପତ୍ର ଛପାଇ ଚର୍ଚ୍ଚାରେ ରହୁଛନ୍ତି। ତେବେ ନିକଟରେ ବାଂଲାଦେଶରେ ବିବାହ ପାଇଁ ଛପା ଯାଇଥିବା ଏକ ନିମନ୍ତ୍ରଣ ପତ୍ର ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏଠାରେ ଉଭୟ ବର ଓ କନିଆ ନିଜ ବିବାହ ପାଇଁ ଛାପିଥିବା କାର୍ଡଟି ଅବିକଳ ରିସର୍ଚ୍ଚ ପେପର ପରି ଦେଖାଯାଉଛି। ଟ୍ୱିଟର ଆକାଉଣ୍ଟ @ ରାୟନପାରହୋଲରେ ଏହି କାର୍ଡକୁ ପୋଷ୍ଟ କରାଯାଇଥିବାବେଳେ ଏହା ବିବାହ କାର୍ଡ କମ୍ ବରଂ ରିସର୍ଚ୍ଚ ପେପର ପରି ଅଧିକ ଦିଶୁଛି। ସାଧାରଣ ଭାବେ ପିଏଚ୍‌ଡି କରୁଥିବା ବ୍ୟକ୍ତି କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଉପରେ ଅଧ୍ୟୟନ କରିବା ପରେ ଯେଉଁପରି ଭାବେ ଲେଖନ୍ତି, ବିବାହ ପାଇଁ ଛପାଯାଇଥିବା ଏହି ନିମନ୍ତ୍ରଣ ପତ୍ରରେ ଅବିକଳ ସେମିତି ଲେଖା ଦେଖିବାକୁ ମିଳିଛି। ରିସର୍ଚ୍ଚ ପେପର ପରି କାର୍ଡରେ ମଧ୍ୟ ସମସ୍ତ ତଥ୍ୟ ଲେଖାଯାଇଥିବା ଦେଖିବାକୁ ମିଳିଥିଲା। କାର୍ଡର ଉପରେ ବିବାହ କରିବାକୁ ଯାଉଥିବା ବର ଓ କନିଆଙ୍କ ନାମ ଇମ୍ରାନ୍ ଓ ସଞ୍ଜନା ଲେଖାଯାଇଥିବାବେଳେ ବିବାହ ଢାକାରେ ହେବ ବୋଲି ସୂଚନା ଦିଆଯାଇଛି। ସବୁଠୁ ମଜାଦାର କଥା ହେଉଛି ଏହି କାର୍ଡରେ ବିବାହ କାହିଁକି କରିବା ଆବଶ୍ୟକ ସେବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି। ଏହାପରେ ଅବିକଳ ରିସର୍ଚ୍ଚ ପେପର୍ ଭଳି ଏଥିରେ କିୱାର୍ଡ, ଇଣ୍ଟ୍ରୋଡକସନ୍, ଲୋକେସନ୍, ମେଥୋଡୋଲୋଜି ଆଦି ରହିଛି। ଶେଷରେ ରେଫରେନ୍ସ ମଧ୍ୟ ଦିଆଯାଇଛି। ଏବେ ଏହି କାର୍ଡଟିକୁ ୩୪ ଲକ୍ଷ ଥର ଦେଖାଯାଇଛି। ଅନେକ ଏଥିରେ ପ୍ରତିକ୍ରିୟା ଦେଇ ଲେଖିଛନ୍ତି, ଏହି କାର୍ଡ କୌଣସି ବହି ପୃଷ୍ଠା ଭଳି ଲାଗୁଛି।

ଆଜିର ଇତିହାସ

- ୧୯୨୨- ବଲିଉଡ୍ ଅଭିନେତା ଦିଲୀପ କୁମାରଙ୍କ ଜନ୍ମ।
- ୧୯୪୬- ଡ.ରାଜେନ୍ଦ୍ର ପ୍ରସାଦ ଭାରତୀୟ ସମ୍ବିଧାନ ସଭାର ଅଧ୍ୟକ୍ଷ ନିର୍ବାଚିତ ହେଲେ।
- ୧୯୬୪- ୟୁନିସେଫ୍ ପ୍ରତିଷ୍ଠା ହେଲା।
- ୨୦୧୪- ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳନ ପାଇଁ ମିଳିତ ଜାତିସଂଘ ସ୍ୱୀକୃତି ଦେଲା।
- ୨୦୦୭- ଉତ୍ତର ଓ ଦକ୍ଷିଣ କୋରିଆ ମଧ୍ୟରେ ୫୦ ବର୍ଷ ପରେ ରେଳ ସେବା ଆରମ୍ଭ ହେଲା।
- ୨୦୧୨-ପ୍ରଖ୍ୟାତ ସିତାର ବାଦକ ପଣ୍ଡିତ ରବିଶଙ୍କରଙ୍କ ପରଲୋକ।

ଆଜିର ରାଶିଫଳ

ମେଷ: ଧୈର୍ଯ୍ୟ ଓ ସାହସର ସହ ଜଟିଳ ପରିସ୍ଥିତିକୁ ସାମ୍ନା କରିବେ। ବ୍ୟସ୍ତତା ଭିତରେ ଦିନଟି କଟିବ। ସାଙ୍ଗସାଥୀଙ୍କ ସହଯୋଗରେ ଉତ୍ସାହିତ ହେବେ। ଧାର୍ମିକ କାର୍ଯ୍ୟରେ ଯୋଗଦେବେ।

ବୃଷ: ବିଭିନ୍ନ କାର୍ଯ୍ୟରେ ସଫଳତା ପାଇବେ। ଆର୍ଥିକସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଜୀବନସାଥୀଙ୍କ ସହ କୌଣସି କଥାକୁ ନେଇ ମତଭେଦ ଦେଖାଦେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

ମିଥୁନ: ଅଟକିଥିବା କାର୍ଯ୍ୟ ପୂରା ହେବ। କାର୍ଯ୍ୟକ୍ଷେତ୍ରରେ ଉଚ୍ଚକୋଟୀର ପ୍ରଦର୍ଶନ କରିବେ। କ୍ୟାରିୟରରେ ଉନ୍ନତି କରିବା ପାଇଁ ନୂତନ ଅବସର ପ୍ରାପ୍ତି ହେବ। ଦୀର୍ଘଦିନର ସମସ୍ୟାର ଅନ୍ତ ଘଟିବ।

କର୍କଟ: ଦିନଟି ବ୍ୟସ୍ତତା ଭିତରେ କଟିପାରେ। ଦୂରଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ସହଯୋଗ ପାଇବେ। ରାଜନୀତିରେ ଲୋକସମ୍ପର୍କ ବୃଦ୍ଧି ପାଇବ। ବାଣିଜ୍ୟରେ ନୂତନତା ଦେଖାଦେବ। ଛାତ୍ରଛାତ୍ରୀ ଭ୍ରମଣପ୍ରିୟ ହେବେ।

ସିଂହ: ପାରିବାରିକ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ବାଧାବିଘ୍ନ ସହ କର୍ତ୍ତୃପକ୍ଷଙ୍କର ଚାପ ରହିବ। ରାଜନୀତିରେ ସମସ୍ୟା ଘେରରେ ରହିବେ। ବାଣିଜ୍ୟରେ ପ୍ରତିବନ୍ଧକ ରହିବ। ଛାତ୍ରଛାତ୍ରୀ ହତୋତ୍ସାହ ହେବେ।

କନ୍ୟା: ପ୍ରତି କାର୍ଯ୍ୟକୁ ସହଜରେ ସମ୍ପାଦନ କରିବେ। କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ହେବ। ରାଜନୀତିରେ ବିରୋଧୀ ପ୍ରଶମିତ ହେବେ। ବାଣିଜ୍ୟରେ ଲାଭାନ୍ୱିତ ହେବେ। ଛାତ୍ରଛାତ୍ରୀ ସଫଳ ହେବେ।

ତୁଳା: ସମସ୍ତ କାର୍ଯ୍ୟରେ ବିଳମ୍ବ ହୋଇପାରେ। ଅପ୍ରତିକର ପରିସ୍ଥିତି ଦେଇ ଗତି କରିବେ। କର୍ମକ୍ଷେତ୍ରରେ କାର୍ଯ୍ୟବହୁଳ ରହିବ। ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା ରହିବ। ଛାତ୍ରଛାତ୍ରୀ ଆଳସ୍ୟ ମନୋବୃତ୍ତି ପାଇ ରହିବେ।

ବିଛା: ଶତ୍ରୁମାନଙ୍କର କୂଟଚକ୍ରାନ୍ତର ଶିକାର ହେବେ। କର୍ମକ୍ଷେତ୍ରରେ ଜଟିଳ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ପୁନଶ୍ଚ ଭାବନ୍ତୁ। ପ୍ରିୟଜନଙ୍କ ସହ ସମ୍ପର୍କରେ ଦୃଢ଼ତା ବଢ଼ିବ।

ଧନୁ: କଠିନ ପରିସ୍ଥିତିର ମୁକାବିଲା କରିବେ। କାର୍ଯ୍ୟକ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେବ। ଛାତ୍ରଛାତ୍ରୀ କ୍ୟାରିୟରରେ ଉନ୍ନତି ପାଇଁ ନୂତନ ଯୋଜନା ପ୍ରସ୍ତୁତ କରିବେ।

ମକର: ବିଭିନ୍ନ ଦିଗରୁ ହତୋତ୍ସାହ ହେବେ। ବାକି ପଡ଼ିଥିବା ଧନ ଫେରି ପାଇବେ। ସମୟ ପୂର୍ବରୁ କାର୍ଯ୍ୟ କରି ପ୍ରଶଂସା ସାଉଁଟିବେ। ନିଜ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ।

କୁମ୍ଭ: ସହକର୍ମୀଙ୍କ ସହଯୋଗ ପାଇବେ। ମହିଳାମାନେ ଚଳଚଞ୍ଚଳ ରହିବେ। ବ୍ୟବସାୟରେ ଆଶାନୁରୂପ ଫଳ ପାଇବେ। ନିଜ ମନକଥା ପ୍ରିୟଜନଙ୍କ ଆଗରେ କହି ଆତ୍ମସନ୍ତୋଷ ପାଇବେ।

ମୀନ: ସାଂସାରିକ ଅଶାନ୍ତି ଓ କଳହ ଦେଖାଦେଇ ପାରେ। ବ୍ୟବସାୟରେ କ୍ଷତିଗ୍ରସ୍ତ ହୋଇପାରନ୍ତି। ଛାତ୍ରଛାତ୍ରୀମାନେ ହତୋତ୍ସାହ ରହିବେ। ନିଜ ବୁଦ୍ଧି ବଳରେ ନୈରାଶ୍ୟଜନକ ସ୍ଥିତିକୁ ସୁଧାରି ନେବେ।

ଫଳ ଅନୁସାରେ ପରୀକ୍ଷା ଖାତାରେ ଷ୍ଟିକର୍

ଆଜିକାଲି ପରୀକ୍ଷାରେ ଭଲ ପ୍ରଦର୍ଶନ କରୁଥିବା ପିଲାଙ୍କ ଖାତାରେ 'ଗୁଡ୍', 'ଭେରିଗୁଡ୍' ସହ 'ଷ୍ଟାର୍ ମାର୍କ' ଦିଆଯାଉଛି। ତେବେ ଜଣେ ଶିକ୍ଷକ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ଖାତାରେ ପରୀକ୍ଷା ଫଳ ଅନୁସାରେ ମଜାଳିଆ ଷ୍ଟିକର୍ ଲଗାଇ ଦେଉଛନ୍ତି। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ୪୫ ସେକେଣ୍ଡର ଏହି ଭିଡିଓରୁ ଦେଖିବାକୁ ମିଳୁଛି, ସମ୍ପୃକ୍ତ ଶିକ୍ଷକ ଜଣକ ପିଲାଙ୍କ ପରୀକ୍ଷା ଖାତାରେ ମାର୍କ ଦେବା ପରେ ସେଥିରେ ମଜାଳିଆ ଷ୍ଟିକର୍ ଲଗାଉଛନ୍ତି। ତାହା ପୁଣି ସେମାନଙ୍କ ପରୀକ୍ଷା ଫଳ ଅନୁସାରେ। ତେବେ ପିଲାଙ୍କୁ ପାଠପଢ଼ା ପାଇଁ ଉତ୍ସାହିତ କରିବା ଲାଗି ଏହା ଶିକ୍ଷକଙ୍କର ଏକ ଅଭିନବ ପ୍ରୟାସ। ତେବେ ଶିକ୍ଷକଙ୍କର ଏହି କାର୍ଯ୍ୟକୁ ଲୋକେ ବେଶ୍ ପସନ୍ଦ କରିଛନ୍ତି। ଏହାସହ ଏହା ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ମଧ୍ୟ ଦେଇଛନ୍ତି।

ଚଳନ୍ତା ହେଲିକପ୍ଟରରେ ହ୍ୟାଣ୍ଡଷ୍ଟାଣ୍ଡ ପ୍ରଦର୍ଶନ

ସାଧାରଣତଃ ଭୂମି ଉପରେ କିଛି ସମୟ ପାଇଁ ହ୍ୟାଣ୍ଡଷ୍ଟାଣ୍ଡ କରିବା ବେଶ୍ କଷ୍ଟକର ହୋଇ ଥାଏ। କିନ୍ତୁ ଏବେ ଜଣେ ମହିଳା ଚଳନ୍ତା ହେଲିକପ୍ଟରରେ ଏଭଳି ଏକ ଦୁଃସାହସିକ କାର୍ଯ୍ୟ କରି ଦେଖାଇଛନ୍ତି। ଆମେରିକା ନିବାସୀ ୨୮ ବର୍ଷୀୟା ଆଥ୍‌ଲେଟ୍ ଏଲାନୋର୍ ସ୍ମାର୍ଟଙ୍କ ଏହି କାରନାମା ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ଏଲାନୋର ଏହାର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର୍ କରିବ ପରେ ସମସ୍ତଙ୍କ ନଜରକୁ ଆସିଛି। ସେହିପରି ହେଲିକପ୍ଟରରେ ହ୍ୟାଣ୍ଡଷ୍ଟାଣ୍ଡ କରିଥିବା ଏହା ହେଉଛି ବିଶ୍ୱର ପ୍ରଥମ ଘଟଣା ବୋଲି ସେ ଏହାର ଶୀର୍ଷକରେ ଉଲ୍ଲେଖ କରିଛନ୍ତି। ଭିଡିଓରୁ ଦେଖାଯାଇଛି, ଏଲନୋର କୌଶଳପୂର୍ବକ ହେଲିକପ୍ଟରର ଲ୍ୟାଣ୍ଡିଂ ସ୍କିଡ୍‌ରେ ହାତର ଭାରସାମ୍ୟ ରକ୍ଷା କରି ଦୁଇ ଗୋଡ଼ ଉପରକୁ କରିଛନ୍ତି। ସେଥିପାଇଁ ତାଙ୍କର ଏହି କାର୍ଯ୍ୟ ଚର୍ଚ୍ଚା ସାଉଁଟୁଛି। କେବଳ ସେ ହ୍ୟାଣ୍ଡଷ୍ଟାଣ୍ଡ କରି ନାହାନ୍ତି, ବରଂ ଏହାପରେ ସେ ପାଣିକୁ ଡେଇଁଥିବା ଦେଖାଯାଇଛି। ତେବେ ତାଙ୍କର ଏହି କାରନାମାକୁ ଦେଖି ଲୋକେ ବିସ୍ମିତ ହୋଇଛନ୍ତି। ଅବଶ୍ୟ ତାଙ୍କ ସାହସ ଓ ଧୈର୍ଯ୍ୟକୁ ଅନେକ ଖୁବ୍ ପ୍ରଶଂସା କରିଥିବା ବେଳେ ଏହା ବିପଜ୍ଜନକ ବୋଲି କିଛି ଜଣ କହିଛନ୍ତି।

ବାସ୍ତୁ ବିଚାର

ଘର ସମ୍ମୁଖରେ କ'ଣ ରହିବନି

ବାସ୍ତୁ ଅନୁରୂପ ଘର ସୁଖ ସମୃଦ୍ଧିର କାରକ ବନେ ବୋଲି ବିଶ୍ୱାସ ଅଛି । ଏହାପ୍ରତି ଧ୍ୟାନ ଦେବା ଦ୍ୱାରା ଜୀବନରେ ସୁଖ-ସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି କୁହାଯାଏ। ନଚେତ୍ ଏହାଦ୍ୱାରା ବାସ୍ତୁ ସମସ୍ୟା ସୃଷ୍ଟି ହେବା ସହ ପରିବାରରେ ଧନହାନି, ସ୍ୱାସ୍ଥ୍ୟ ସମସ୍ୟା ଆଦି ଦେଖାଯାଏ। ଘରର ଭିତର ଅଂଶ ଭଳି ବାହ୍ୟ ଅଂଶକୁ ମଧ୍ୟ ବାସ୍ତୁ ଶାସ୍ତ୍ରରେ ଗୁରୁତ୍ୱ ଦିଆଯାଏ। ଘର ସମ୍ମୁଖରେ ଖମ୍ବ, ବିଲ୍ଡିଂ ଆଦି ଥିଲେ ଏହାର ଘରର ସଦସ୍ୟଙ୍କ ଉପରେ ପ୍ରଭାବ ପକାଇଥାଏ ବୋଲି କୁହାଯାଏ। ତେବେ ଘର ବାହାରେ କେଉଁ ଜିନିଷ ରହିବା ଅନୁଚିତ ଆସନ୍ତୁ ଜାଣିବା ସେଗୁଡ଼ିକ ସମ୍ପର୍କରେ...

- ଘର ସମ୍ମୁଖରେ ଗ୍ୟାରେଜ ଘର କିମ୍ବା ଠେଲା ଦୋକାନ ରହିବା ଅନୁଚିତ। ଏହାଦ୍ୱାରା ଘରେ ରହୁଥିବା ଲୋକଙ୍କର ସୁଖ ହ୍ରାସ ପାଇଥାଏ ବୋଲି କୁହାଯାଏ। ଏଥିଯୋଗୁ ବ୍ୟୟ ଅଧିକ ହୋଇଥାଏ।
- ସେହିଭଳି ଘର ସମ୍ମୁଖରେ କୌଣସି ବଡ଼ ପଥର କିମ୍ବା ବଡ଼ ପିଲାର୍ ରହିବା କଥା ନୁହେଁ। ଏହାଦ୍ୱାରା ବାସ୍ତୁ ଦୋଷ ସୃଷ୍ଟି ହୋଇଥାଏ। ଫଳରେ ପରିବାରରେ ଅଶାନ୍ତି, କଳି ଝଗଡ଼ା ଲାଗି ରୁହେ।
- ସେହିଭଳି ଘର ସମ୍ମୁଖରେ ଲଣ୍ଡ୍ରି ଦୋକାନ, ପେଟ୍ରୋଲ ପମ୍ପ୍ ଆଦି ରହିଲେ ଏହା ଘରର ମାଲିକଙ୍କ ଉପରେ କୁପ୍ରଭାବ ପକାଏ। ଘର ମାଲିକ ସବୁବେଳେ ସମସ୍ୟା ଦେଇ ଗତି କରନ୍ତି।
- ସେହି

ମହିଳାରେ ପୂର୍ବତଟ, ପୁରୁଷରେ କିଟ୍ ଚାମ୍ପିଅନ

■ ରାଜ୍ୟ ଭଲିବଲ ଚାମ୍ପିଅନସିପ ଉଦ୍‌ଯାପିତ

ବୌଦ୍ଧ/ଫୁଲବାଣୀ, ୧୦।୧୨ (ସମିସ): ଓଡ଼ିଶା ଭଲିବଲ ସଂଘ ଆନୁକୂଲ୍ୟରେ ଚାଲିଥିବା ୭୦ତମ ରାଜ୍ୟ ଭଲିବଲ ଚାମ୍ପିଅନସିପ ରବିବାର ଶେଷ ହୋଇଛି। ଏଥିରେ ପୂର୍ବତଟ ରେଳବାଇ ମହିଳା ଓ କିଟ୍ ପୁରୁଷ ବିଭାଗରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ବୌଦ୍ଧଠାରେ ଖେଳାଯାଇଥିବା ମହିଳା ବିଭାଗ ଫାଇନାଲରେ ପୂର୍ବତଟ ୨-୦ରେ କିଟ୍‌କୁ ହରାଇ ଟାଇଟଲ ଜିତିଛି। ସେହିପରି କେନ୍ଦ୍ରାପଡ଼ାକୁ ୨-୦ରେ ହରାଇ ଜଗତସିଂହପୁର ତୃତୀୟସ୍ଥାନ ଅଧିକାର କରିଛି। ସେହିପରି ଫୁଲବାଣୀରେ ପୁରୁଷ ବିଭାଗ ଖେଳ ଆୟୋଜିତ ହୋଇଥିଲା। ଏଥିରେ ସମ୍ବଲପୁରକୁ ୩-୦ ସିଧାସଳଖ ସେଟ୍‌ରେ ହରାଇ କିଟ୍ ଚାମ୍ପିଅନ ହୋଇଛି। ବାଲେଶ୍ୱରକୁ ହରାଇ ମୟୂରଭଞ୍ଜ ତୃତୀୟସ୍ଥାନ ଅଧିକାର କରିଛି। ପୁରସ୍କାର ବାବଦରେ ଉଭୟ ବିଭାଗ ଚାମ୍ପିଅନ ଦଳକୁ ୩୦, ୦୦୦ ଲେଖାଏଁ ଟଙ୍କା ଓ ଟ୍ରଫି, ଦୁଇ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୨୦, ୦୦୦ ଲେଖାଏଁ ଟଙ୍କା, ତୃତୀୟସ୍ଥାନ ହାସଲ କରିଥିବା ଦଳକୁ ୧୫, ୦୦୦ ଲେଖାଏଁ ଟଙ୍କା ଓ କପ୍ ପ୍ରଦାନ କରାଯାଇଥିଲା।

ସେହିପରି ଦାରିଙ୍ଗିବାଡିଠାରେ ଚାଲିଥିବା ପାରମ୍ପରିକ ସୁଟିଂ ଭଲିବଲ ଆନ୍ତଃକ୍ଲବ୍ ପୁରୁଷ ଚାମ୍ପିଅନସିପ ମଧ୍ୟ ଉଦ୍‌ଯାପିତ ହୋଇଛି। ଏଥିରେ ଦାରିଙ୍ଗବାଡିକୁ ହରାଇ ବାଲିଗୁଡା ଟାଇଟଲ ବିଜୟୀ ହୋଇଛି। ଦାରିଙ୍ଗିବାଡ଼ି ବ୍ଲକ ଉନ୍ନୟନ ଅଧିକାରୀ ଗଦାଧର ପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହ ୨୦, ୦୦୦ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୦, ୦୦୦ ଟଙ୍କା ପ୍ରଦାନ କରିଥିଲେ। ସମସ୍ତପ୍ରକାର ଭଲିବଲ ପ୍ରତିଯୋଗିତା ସୁରୁଖୁରୁରେ ଆୟୋଜିତ ହୋଇଥିବାରୁ ଆୟୋଜନ କମିଟି ମୁଖ୍ୟ ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଓ ଓଡ଼ିଶା ଭଲିବଲ ସଂଘ ସମ୍ପାଦକ ଗଗନେନ୍ଦୁ ଦାସ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ବୌଦ୍ଧଠାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥି, କଣ୍ଟାମାଳ ବିଧାୟକ ମହିଧର ରଣା, ବୌଦ୍ଧ ଏଡିଏମ୍ ଡିବିଏମ୍‌ଏମ୍ ପାତ୍ର, ମୃତ୍ୟୁଞ୍ଜୟ ମିଶ୍ର, ଲଲାଟେନ୍ଦୁ ମିଶ୍ର ଓ ଓଡ଼ିଶା ଭଲିବଲ ସମ୍ପାଦକ ଗଗନେନ୍ଦୁ ଦାଶ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ଫୁଲବାଣୀରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ମୁଖ୍ୟ ଅତିଥି, କନ୍ଧମାଳ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, କମଳାକାନ୍ତ ପାଣ୍ଡେ ଓ ଶିବପ୍ରସାଦ ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

● ହାଡ଼ିବନ୍ଧୁ- ସତ୍ୟବାଦୀ ସ୍ମାରକୀ କ୍ରିକେଟ

କ୍ୱାର୍ଟରରେ ଚାର୍ଜ, ଗବର ଏକାଦଶ



ଭୁବନେଶ୍ୱର, ୧୦।୧୨(ସମିସ):ସ୍ଥାନୀୟ କପିଳପ୍ରସାଦ ସୁନ୍ଦରପଦା ଖେଳ ପଡ଼ିଆଠାରେ ଚାଲିଥିବା ପଞ୍ଚଦଶ ହାଡିବନ୍ଧୁ- ସତ୍ୟବାଦୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାର୍ଜ - ୧୧ ଓ ଗବର-୧୧ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଖେଳାଯାଇଥିବା ପ୍ରି- କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଚାର୍ଜ ୬ ୱିକେଟରେ ଜେଏମ୍‌ଡି ଲିଜେଣ୍ଡସକୁ ପରାସ୍ତ କରିଥିଲା। ଜେଏମ୍‌ଡି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୧୨୩ ରନ କରିଥିଲା। ଜବାବରେ ଚାର୍ଜ ବାବୁନୀ ସାମଲଙ୍କ ୬୩ ରନ ବଳରେ ବିଜୟ ଲକ୍ଷ୍ୟ ହାସଲ କରି କ୍ୱାର୍ଟରକୁ ଉଠିଥିଲା। ଦ୍ୱିତୀୟ ପ୍ରି- କ୍ୱାର୍ଟର ମୁକାବିଲାରେ ଗବର ଗୋଟିଏ ୱିକେଟରେ ଅରୁଶ-୧୧କୁ ପରାସ୍ତ କରି ଅଗ୍ରଗତି କରିଛି। ଅରୁଶ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୧୨୩ ରନ ସଂଗ୍ରହ କରିଥିଲା। ଜବାବରେ ଗବରର ନିଶାନ ଅଭୟ ସର୍ବାଧିକ ୬ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଗବର ୧୫ ଓଭରରେ ୯ ୱିକେଟ ହରାଇ ୧୨୪ ରନକରି ବିଜୟୀ ହୋଇଥିଲା। ଦୁଇଟି ମ୍ୟାଚ୍‌ରେ ବାବୁନି ଓ ନିଶାନ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ରଞ୍ଜିତ ନନ୍ଦ ଓ ମଦନ ସାମନ୍ତରାୟ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ପ୍ରଶାନ୍ତ ଶୁକ୍ଳା, ଆଶିଷ ପଟ୍ଟନାଚ, ଏକଶ ଚନ୍ଦ୍ର ପ୍ରଧାନ ଓ ଚିତ୍ତରଞ୍ଜନ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ।

● ତୃଣମୂଳ ଟେନିସ ଚାମ୍ପିଅନସିପ ସିରିଜ୍

ସାଇ, ସୂୟାଶଙ୍କୁ ଟାଇଟଲ

ଭୁବନେଶ୍ୱର, ୧୦।୧୨ (ସମିସ): ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀ ଆନୁକୂଲ୍ୟରେ ଦ୍ୱିତୀୟ ତୃଣମୂଳ ଟେନିସ ଚାମ୍ପିଅନସିପ ସିରିଜ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ସିରିଜ୍‌ର ଉଭୟ ବିଭାଗ ଏକକରେ ଓଡ଼ିଶାର ଖେଳାଳି ଟାଇଟଲ ବିଜୟୀ ହୋଇଛନ୍ତି। ବାଳିକା ବିଭାଗରେ ଟପ୍ ସିଡ୍ ଶ୍ରେୟା ମହାପାତ୍ରଙ୍କୁ ହରାଇ ଦ୍ୱିତୀୟ ସିଡ୍ ସାଇ ରୂପି ମହାନ୍ତି ଓ ବାଳକ ବିଭାଗରେ ଦ୍ୱିତୀୟସିଡ ଗୁରବାଂଶ ସିଂଙ୍କୁ ହରାଇ ସୂୟାଶ ପଟ୍ଟନାୟକ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ମିଶନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ ଓ କେଟି ଗ୍ଲୋବାଲ ସ୍କୁଲର ମିଳିତ ସହଯୋଗରେ ଟେନିସ ଖେଳର ଅନେକ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଉଛି।

କୋଲକାତା ଜିତିଲା ସଦାଶିବ ସ୍ମାରକୀ କ୍ରିକେଟ

ଭାପୁର, ୧୦।୧୨(ସମିସ): କୋଲକାତା 'ଏ ଆଣ୍ଡ ଏସ' କ୍ରିକେଟ ଏକାଡେମୀ ୨୩ ରନରେ ସମ୍ବଲପୁର ମା ମେଟକାନୀ କ୍ରିକେଟ କ୍ଲବକୁ ପରାସ୍ତ କରି ଚତୁର୍ଦ୍ଦଶ ସର୍ବଭାରତୀୟ ସଦାଶିବ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛି। ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଯୁବକ ସଂଘ ଆନୁକୂଲ୍ୟରେ ନାଲିସାଗର ଷ୍ଟାଡିୟମରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚରେ ଟସ ଜିତି କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୨୪୧ ରନ କରିଥିଲା। ଜବାବରେ ସମ୍ବଲପୁର ଦଳ ୯ ୱିକେଟରେ ୨୧୮ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ପ୍ରମୋଦ ଚାନ୍ଦିଲା ୪୯ ବଳରେ ୯୨ ରନ କରି ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଓ ତ୍ରିପୁରେଶ ସିଂହ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଚାମ୍ପିଅନ କୋଲକାତା ଦଳକୁ ଟ୍ରଫି ସହ ନଗଦ ୧ ଲକ୍ଷ ଟଙ୍କା ଓ ରନର୍ସ ସମ୍ବଲପୁର ଦଳକୁ ଟ୍ରଫି ସହ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି।

ଆଜିର ମ୍ୟାଚରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗଦେଇ 'କ୍ରୀଡ଼ାର ବିକାଶ ପାଇଁ ଇଚ୍ଛାଶକ୍ତି ଏବଂ ଶୃଙ୍ଖଳା ହିଁ ସଫଳତା ଆଣିଥାଏ' ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନେ ତାରକା ଅରିନ୍ଦମ ଦାସ, ଦଶପଲ୍ଲା ବିଧାୟକ ରମେଶ ବେହେରା, ଆୟୋଜକ ମୁଖ୍ୟ ବେଣୁଧର ପ୍ରଧାନ, ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଚଳଚ୍ଚିତ୍ର ନିର୍ଦ୍ଦେଶକ ସଞ୍ଜୟ ନାୟକ, ପୂର୍ବତନ ଜିଲ୍ଲା ପରିଷଦ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାଚ ଶେଷରେ ପୁରସ୍କାର ବିତରଣ କରିଥିଲେ। ଓସିଏ ପ୍ୟାନେଲ ଅମ୍ପାୟାର ଆଶୁତୋଷ ପାଣି ଓ ଦୁର୍ଗା ପ୍ରସାଦ ପଟ୍ଟନାୟକ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ବୁବୁ ସିହ୍ନା ଓ ସରୋଜ ମହାପାତ୍ର ଭାଷ୍ୟକାର ଭୂମିକା ତୁଲାଇଥିଲେ। ସେହିଭଳି ସ୍କୋରିଂରେ ପବିତ୍ର ମୋହନ ସାହୁ, ସଞ୍ଜୟ ବେହେରା ଓ ଡିଜିଟାଲ ସ୍କୋରର ଭାବେ କିରଣ ମନୋହର ମହାନ୍ତି ଦାୟିତ୍ୱ ତୁଲାଇଥିଲେ। ବ୍ଲକ ଉପାଧ୍ୟକ୍ଷ ତଥା ଫତେଗଡ଼ ଯୁବକ ସଂଘ ସଭାପତି ବେଣୁଧର ପ୍ରଧାନ ଟୁର୍ଣ୍ଣାମେଣ୍ଟର ସଫଳତା ନେଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

ବାର୍ଷିକ କ୍ରୀଡ଼ୋତ୍ସବ ୟୁଏଗୋ ଉଦ୍‌ଯାପିତ

ଭୁବନେଶ୍ୱର, ୧୦।୧୨ (ସମିସ): ସତ୍ୟଭାମାପୁରସ୍ଥିତ ବିଜେଇଏମ୍ ସ୍କୁଲ-୨ରେ ଗତ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ୋତ୍ସବ ୟୁଏଗୋ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅନୁଷ୍ଠିତ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଡିସେମ୍ବର ୯ ତାରିଖରେ ଆରମ୍ଭ ହୋଇଥିବା ଏହି ଉତ୍ସବକୁ ବିଦ୍ୟାଳୟ ସଭାପତି ରଘୁନାଥ ମିଶ୍ର, ପରିଚାଳନ ପ୍ରତାପ କୁମାର ଜେନା, ବିଦ୍ୟାଳୟ ଅଧକ୍ଷା ଅଳକା ମହାନ୍ତି ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଡିମେବର ୧୦ ତାରିଖ ରବିବାର ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଅରବିନ୍ଦ ଢ଼ାଲି ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଶ୍ୟାମସୁନ୍ଦର ସାହୁ, ଅନସୂୟା ମହାରଣା, ଅଜୟ ସରକାର, ନୀଳିମା ମହାନ୍ତି ଓ ବସନ୍ତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି କ୍ରୀଡ଼ୋତ୍ସବ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବଟିକୁ ଅଧିକ ଆକର୍ଷଣୀୟ କରିଥିଲା।

ଟୁବୁଲି ମେମୋରିଆଲ ବାରବାଟୀ କପ୍

ପ୍ରଗତିକୁ ହରାଇ ଜୁଭେନାଇଲ ଚାମ୍ପିଅନ

ନିମାପଡ଼ା, ୧୦।୧୨(ସମିସ): ନିମାପଡ଼ା ବାରବାଟୀ ପଡ଼ିଆରେ ଅନୁଷ୍ଠିତ ତୃତୀୟ ରାଜ୍ୟସ୍ତରୀୟ ଟୁବୁଲି ମେମୋରିଆଲ ବାରବାଟୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କଟକର ଜୁଭେନାଇଲ କ୍ଲବ ଚାମ୍ପିଅନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ (ଭୁବନେଶ୍ୱର)କୁ ୪ ୱିକେଟ୍‌ରେ ଜୁଭେନାଇଲ କ୍ଲବ ହରାଇଥିଲା। ଟସ୍ ଜିତି ପ୍ରଗତି ସ୍ପୋର୍ଟିଂ ୨୯.୩ ଓଭରରେ ୧୩୪ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ପୁରୁଷୋତ୍ତମ ପ୍ରଧାନ ୨୪ ଓ ଆୟୁଷ୍ମାନ ସୁତାର ୧୮ ରନ କରିଥିଲେ। ଜୁଭେନାଇଲ ପକ୍ଷରୁ ୩ ଓ ଜ୍ଞାନରଞ୍ଜନ ୨ ୱିକେଟ୍ ନେଇଥିଲେ। ଜବାବରେ ଜୁଭେନାଇଲ ଦଳ ୨୫.୩ ଓଭରରେ ୬ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ବିଜୟୀ ଦଳର ସ୍ୱରାଜ ମହାରଣା ୩୯ ରନ୍ ଓ ଶାଶ୍ୱତ ମହାନ୍ତି ୩୪ ରନ୍ କରିଥିଲେ।

ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ବିଧାୟକ ସମୀର ରଞ୍ଜନ ଦାଶ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ବସନ୍ତ ମହାନ୍ତି, ଶିକ୍ଷାବିତ୍ କ୍ଷୀରୋଦ କୁମାର ରାୟ ମହାପାତ୍ର, ବିଜୟ ପ୍ରସାଦ ମିଶ୍ର, ରୋଜାଲିନ ନାୟକ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ଓ ରନର୍ସ ଦଳକୁ ଟ୍ରଫି ସହ ୩୦ହଜାର ଟଙ୍କା ପ୍ରଦାନ କରିଥିଲେ। ଜୁଭେଇନାଲ ଦଳର ଶାଶ୍ୱତ ମହାନ୍ତିଙ୍କୁ ମ୍ୟାନ ଅଫ୍ ଦ ସିରିଜ ବିବେଚିତ ହୋଇଥିଲେ। ନିର୍ମଳ କୁମାର ମିଶ୍ର ଓ ଅୟଶକାନ୍ତ ମିଶ୍ର ଫାଇନାଲ ମ୍ୟାଚ ପରିଚାଳନା କରିଥିଲେ। ତୃତୀୟ ଅମ୍ପାୟର ଭାବେ ଅମିୟ କୁମାର କାନୁନଗୋ ଦାୟିତ୍ୱ ତୁଲାଇଥିଲେ। ଆନିସ୍ ପ୍ରଧାନ ଓ ଆଲୋକ ଜେନା ସ୍କୋରର୍ ରହିଥିଲେ।

ରାଜ୍ୟ ସ୍କୁଲ ଓପନ ଚେସ୍

ଭୁବନେଶ୍ୱର, ୧୦।୧୨ (ସମିସ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ଓ ୟୁନିଟ୍-୮ ସ୍ଥିତ ମହର୍ଷି ବିଦ୍ୟାମନ୍ଦିର ଆନୁକୂଲ୍ୟରେ ଦ୍ୱିତୀୟ ପ୍ରସନ୍ନ ମଲ୍ଲିକ ସ୍ମାରକୀ ରାଜ୍ୟ ସ୍କୁଲ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ରୁ ୧୩ ବୟସର ୪ଟି ବିଭାଗରେ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ମଧ୍ୟରୁ ୭ ବର୍ଷରୁ କମ୍ ବିଭାଗରେ ଡିଏଭି ପବ୍ଲିକ୍ ସ୍କୁଲ, କଳିଙ୍ଗ ନଗରର ସିଦ୍ଧାର୍ଥ ମଲ୍ଲିକ ଓ ୟୁନିଟ୍-୮ ଡିଏଭି'ର ପ୍ରିୟାଂଶ ରାଜ ଦଳବେହେରା, ୯ ବର୍ଷରୁ କମ୍ ବିଭାଗରେ ପୋଖରୀପୁଟ ଡିଏଭି ସ୍କୁଲ୍‌ର ଶ୍ରେୟସ କୁମାର ବେହୁରିଆ ଓ ଏପିଜେ ସ୍କୁଲ୍‌ର ଶ୍ରୀଅଂଶ ମହାପାତ୍ର, ୧୧ ବର୍ଷରୁ କମ୍ ବିଭାଗରେ କଳିଙ୍ଗନଗର ଡିଏଭିର ଆଦିତ୍ୟ ଜେନା ଓ କେଭିଜଂ-୧ର ଆଦର୍ଶ କୁମାର ବେରିହା, ୧୩ ବର୍ଷରୁ କମ୍ ବୟସ ବିଭାଗରେ ରସୁଲଗଡ଼ ଭେଙ୍କଟେଶ୍ୱର ଇଏମ୍ ସ୍କୁଲ୍‌ର ସାତ୍ତ୍ୱିକ ପଟ୍ଟନାୟକ ଓ ଡିଏମ୍ ସ୍କୁଲର ଶ୍ରୀଅଂଶ ରାମରାୟ ସୋରେନ୍ ଯଥାକ୍ରମେ ଚାମ୍ପିଅନ୍ ଓ ରନର୍ସ ଅପ୍ ହୋଇଛନ୍ତି। ଖେଳ ଶେଷରେ ଆଇଓସିଏଲ୍ ପ୍ରବନ୍ଧକ ଦେବକାନ୍ତ ମଲ୍ଲିକ ମୁଖ୍ୟ ଅତିଥି, ଦେବାଶିଷ ମଲ୍ଲିକ, ଦେବାଶିଷ ପାଣିଗ୍ରାହୀ ଓ ମନସ୍ୱିନୀ ରାଜ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

● ତମାଣ୍ଡୋ କପ୍ ଫୁଟ୍‌ବଲ

ସେମିରେ କ୍ରୀଡ଼ା ଛାତ୍ରାବାସ

ଭୁବନେଶ୍ୱର, ୧୦।୧୨(ସମିସ): ଶିବଶକ୍ତି କ୍ଲବ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ୨୮ତମ ରାଜ୍ୟସ୍ତରୀୟ ତମାଣ୍ଡୋ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ରାଜ୍ୟ କ୍ରୀଡ଼ା ଛାତ୍ରବାସ ସେମି ଫାଇନାଲରେ ପ୍ରବେଶ କରିଛି। ଅନୁଗୋଳର ଏକେ କ୍ଲବୁ ୪-୩ ଗୋଲରେ ପରାସ୍ତ କରି କ୍ରୀଡ଼ା ଛାତ୍ରବାସ ଅଗ୍ରଗତି କରିଛି। ତମାଣ୍ଡୋ ମିନି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିବାରୁ ଟାଇ ବ୍ରେକରର ସହାୟତା ନିଆଯାଇଥିଲା ଓ ଏଥିରେ ଛାତ୍ରବାସ ବାଜି ମାରିଥିଲା। ଟୁର୍ଣ୍ଣାମେଣ୍ଟକୁ ଉଚ୍ଚ ନ୍ୟାୟଳୟର ବାର ଆସୋସିଏସନ ସଭାପତି ଧରଣୀଧର ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ବିଏମ୍‌ସି ୬୫ ନଂ କର୍ପୋରେଟର ରାଶ୍ମୀରଞ୍ଜନ ପାଟଶାଣୀ, ଆୟୋଜକ ଅନୁଷ୍ଠାନର ସଭାପତି ଦୁଃଶାସନ ସ୍ୱାଇଁ, ସମ୍ପାଦକ ସୁକାନ୍ତ କୁମରା ପଟ୍ଟନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ମ୍ୟାଚ୍‌କୁ ପ୍ରଶାନ୍ତ କୁମାର ପାଲ, ଆଲୋକ ଦେହୁରୀ, ଏମ୍‌ଏସ୍ ବେଗ, ସୁଶାନ୍ତ କୁମାର ମିଶ୍ର ପରିଚାଳନା କରିଥିଲେ। ସୋମବାର ଜଟଣୀର ଉତ୍କଳ ସ୍ପୋର୍ଟିଂ ଓ ଗଣ୍ଡଣପୁରର ୟୁନାଇଟେଡ ୟୁଥ ସ୍ପୋର୍ଟିଂ ପରସ୍ପରକୁ ଭେଟିବେ।

ସର୍ବଭାରତୀୟ ଗଣ୍ଡରପୁର ଫୁଟବଲ କପ୍ ଉଦ୍‌ଯାପିତ

ସହରାଞ୍ଚଳରେ କୋଲକାତା ଟାଇଟଲ ହାତେଇଲା

ବାରଙ୍ଗ, ୧୦।୧୨(ସମିସ): ବାରଙ୍ଗ କଲ୍ୟାଣପୁର ଗ୍ରାମପଞ୍ଚାୟତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇ ଯାଇଛି। ୟୁନାଇଟେଡ୍ ୟୁଥ ସ୍ପୋର୍ଟ୍ସ କ୍ଲବ' ଗଣ୍ଡରପୁର ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ସହରାଞ୍ଚଳ ବିଭାଗର ଫାଇନାଲ ମ୍ୟାଚରେ ନାଇଜେରିଆ ଏକାଦଶ(କୋଲକାତା) ୨-୦ ଗୋଲରେ ଜଗା ୟୁନାଇଟେଡକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ସେହିପରି ଗ୍ରାମାଞ୍ଚଳ 'ଏ' ଡିଭିଜନ ଫାଇନାଲ ମ୍ୟାଚରେ ମା"ମଙ୍ଗଳା କ୍ଲବ (ଗୋଠପୁର) ଟାଇବ୍ରେକରରେ ୫-୪ ଗୋଲରେ ସ୍ୱର୍ଣ୍ଣଦେବୀ କ୍ଲବ (ବଉଳକୁଦ)କୁ ହରାଇ ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଅପରପକ୍ଷରେ ଗ୍ରାମାଞ୍ଚଳ 'ବି' ଡିଭିଜନ ମ୍ୟାଚରେ ଜୟଦୁର୍ଗା କ୍ଲବ (ଆମଣ) ୫-୪ ଟାଇବ୍ରେକର ଜରିଆରେ ରଘୁନାଥଜୀଉ (ପୁରଣ)କୁ ହରାଇ ଟ୍ରଫି ଜିତିଥିଲା। ଗ୍ରାମାଞ୍ଚଳରେ 'ଏ' ଡିଭିଜନର ବିଜେତା ଦଳକୁ ୧ଲକ୍ଷ ଟଙ୍କା ସହ ଟ୍ରଫି ଓ ଉପବିଜେତା ଦଳକୁ ଟ୍ରଫି ସହ ୭୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। 'ବି' ଡିଭିଜନରେ ବିଜେତା ଜୟଦୁର୍ଗା କ୍ଲବକୁ ୨୦ହଜାର ଓ ଉପବିଜେତା ରଘୁନାଥଜୀଉ ଦଳକୁ ୧୫ ହଜାର ଟଙ୍କା ପ

ଭାରତ ଓ ଦକ୍ଷିଣ ଆଫ୍ରିକା ସମର୍ଥକ ନିରାଶ

ବର୍ଷା ଧୋଇନେଲା ପ୍ରଥମ ଟି-୨୦

ଡର୍ବାନ, ୧୦।୧୨(ଏଜେନ୍ସି): କ୍ରମାଗତ ବର୍ଷା ଏବଂ ଓଦା ପଡ଼ିଆ ଯୋଗୁଁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏଠାରେ ରବିବାର ଖେଳାଯିବାକୁ ଥିବା ପ୍ରଥମ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ବାତିଲ ହୋଇଛି। ବର୍ଷା ଏପରି ହୋଇଥିଲା ଯେ, ଟସ୍ ପକାଇବା ମଧ୍ୟ ସମ୍ଭବ ହୋଇ ନ ଥିଲା। ଏହା ଫଳରେ ବାତିଲ ମ୍ୟାଚ୍‌ରୁ ଭାରତୀୟ କ୍ରିକେଟ ଦଳର ଦକ୍ଷିଣ ଆଫ୍ରିକା ଗସ୍ତ ଆରମ୍ଭ ହୋଇଛି। ମ୍ୟାଚ୍ ବାତିଲ ହେବା ଫଳରେ ଉଭୟ ଦେଶର ସମର୍ଥକମାନେ ନିରାଶ ହୋଇଛନ୍ତି। ଏହି ମ୍ୟାଚ୍ ଲାଗି ଗୋଟିଏ ମାସ ଆଗରୁ ସମସ୍ତ ଟିକଟ ବିକ୍ରି ଶେଷ ହୋଇଥିଲା। ଏଠାରେ ଦକ୍ଷିଣ ଏସିଆ ତଥା ଭାରତରୁ ଅଧିକ ଲୋକ ବସବାସ କରିଥାନ୍ତି। ମ୍ୟାଚ୍ ବାତିଲ ହେବା ଫଳରେ ଏହି ପ୍ରବାସୀ ଭାରତୀୟମାନେ ଅଧିକ ନିରାଶ ହୋଇଛନ୍ତି। ଉଭୟ ଦଳରେ ଅଧିକାଂଶ ନୂଆ ଖେଳାଳିଙ୍କୁ ସୁଯୋଗ ଦିଆଯାଇଥିଲା। ଏହା ଫଳରେ ସେମାନେ ମଧ୍ୟ ଏକ ମ୍ୟାଚ୍ ଖେଳିବାରୁ ବଞ୍ଚିତ ହୋଇଛନ୍ତି।

ଟି-୨୦ରେ ୩ଟି ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ବାତିଲ ହେବା ପରେ ଦ୍ୱିତୀୟ ମ୍ୟାଚ୍ ଡିସେମ୍ବର ୧୨ ତାରିଖ ମଙ୍ଗଳବାର ପୋର୍ଟ ଏଲିଜାବେଥ ବା ନୂଆ ନାମ ଜେବେରହାରେ ଖେଳାଯିବ। ଦକ୍ଷିଣ ଆଫ୍ରିକା ପାଣିପାଗ ବିଭାଗ ଅନୁଯାୟୀ ଦ୍ୱିତୀୟ ମ୍ୟାଚ୍‌ରେ ବର୍ଷା ହେବାର କୌଣସି ଆଶଙ୍କା ନାହିଁ। ଏଣୁ ମ୍ୟାଚ୍‌ଟି ଖେଳାଯାଇପାରିବ ବୋଲି ଆଶା କରାଯାଉଛି।

ଡର୍ବାନରେ ଗତକାଲିଠାରୁ ବର୍ଷା ଲାଗି ରହିଥିଲା। ସକାଳବେଳା ଦକ୍ଷିଣ ଆଫ୍ରିକା ଦଳ ଅଭ୍ୟାସ କରି ଯିବା ପରେ କିଙ୍ଗ୍‌ସମେଡ୍ ଷ୍ଟାଡିୟମ୍‌ରେ ବର୍ଷା ଲାଗି ରହିଥିଲା। ଯାହା ଫଳରେ ଭାରତୀୟ ଦଳ ଫ୍ଲଡ୍‌ଲାଇଟ୍‌ରେ ଅଭ୍ୟାସ କରିବାରୁ ବଞ୍ଚିତ ହୋଇଥିଲା। ରବିବାର ବର୍ଷାର ପରିମାଣ ବଢ଼ିଥିଲା। ଏପରିକି ପଡ଼ିଆରେ ପାଣି ଜମିରହିଥିଲା। ରାତି ୮ ଟା ଯାଏ ବର୍ଷା ନ ଛାଡ଼ିବାରୁ ଦୁଇ ଅମ୍ପାୟାର ବୋଗାନି ଜେଲେ ଓ ଷ୍ଟିଫେନ ହାରିସ୍ ଅନ୍ୟ କୌଣସି ଉପାୟ ନ ପାଇ ଖେଳକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ମ୍ୟାଚ୍ ରେଫରୀ କ୍ରିସ୍ ବୋର୍ଡ ଏହାକୁ ଗ୍ରହଣ କରିନେଇଥିଲେ। ବର୍ଷା ନ ଛାଡ଼ିବାରୁ ଟସ୍ ପକାଇବା ମଧ୍ୟ ସମ୍ଭବ ହୋଇ ପାରି ନଥିଲା।

ଦକ୍ଷିଣ ଆଫ୍ରିକା ସହ ଏକ ପୂର୍ଣ୍ଣାଙ୍ଗ ସିରିଜ୍ ଖେଳିବାକୁ ଆସିଥିବା ଭାରତୀୟ ଦଳର ଏହା ପ୍ରଥମ ମ୍ୟାଚ୍ ଥିଲା। ଡିସେମ୍ବର ୧୨ରେ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ପୋର୍ଟ ଏଲିଜାବେଥ୍‌ରେ ଓ ତୃତୀୟ ମ୍ୟାଚ୍ ଡିସେମ୍ବର ୧୪ ଜୋହାନ୍ସବର୍ଗରେ ଖେଳାଯିବ। ଏହା ପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏହି ମ୍ୟାଚ୍ ଗୁଡ଼ିକ ଯଥାକ୍ରମେ ଜୋହାନ୍ସବର୍ଗ, ପୋର୍ଟ ଏଲିଜାବେଥ ଓ ପାର୍ଲରେ ଡିସେମ୍ବର ୧୭, ୧୯ ଓ ୨୧ରେ ଖେଳାଯିବ। ଦିନିକିଆ ସିରିଜ୍ ପରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଅନୁଷ୍ଠିତ ହେବ। ଏହା ମଧ୍ୟରୁ ପ୍ରଥମ ଟେଷ୍ଟ ସେଞ୍ଚୁରିଅନରେ ଡିସେମ୍ବର ୨୬ରୁ ୩୦ ଓ ଦ୍ୱିତୀୟ ଟେଷ୍ଟ କେପ୍‌ଟାଉନ୍‌ରେ ୨୦୨୪ ଜାନୁଆରୀ ୩ରୁ ୭ ତାରିଖଯାଏ ଖେଳାଯିବ।



ଦିନିକିଆ ସିରିଜ ହାରିଲା ଇଂଲଣ୍ଡ

ବ୍ରିଜଟାଉନ, ୧୦।୧୨(ଏଜେନ୍ସି): ବର୍ଷା ବାଧାପ୍ରାପ୍ତ ଇଂଲଣ୍ଡ ବିପକ୍ଷ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ୍‌ରେ ଘରୋଇ ୱେଷ୍ଟଇଣ୍ଡିଜ ଦଳ ଡିଏଲଏସ୍ ପଦ୍ଧତିରେ ୧୪ ବଲ ବାକିଥାଇ ୪ ୱିକେଟରେ ବିଜୟ ହାସଲ କରିଛି। ଏଥିସହ ୩ ମ୍ୟାଚ ବିଶିଷ୍ଟ ଏହି ସିରିଜରେ ଇଂଲଣ୍ଡ ୧-୨ରେ ପରାସ୍ତ ହୋଇଛି। ଶନିବାର ବିଳମ୍ବିତ ରାତିରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୯ ୱିକେଟ ହରାଇ ୨୦୬ ରନ ସଂଗ୍ରହ କରିଥିଲା। ବର୍ଷା ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହେବା କରଣରୁ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୧୮୮ (୩୪ ଓଭରରେ) ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୩୧.୪ ଓଭରରେ ୬ ୱିକେଟ ହରାଇ ୧୯୧ ରନକରି ବିଜୟୀ ହୋଇଥିଲା। କଞ୍ଜୁସ ବୋଲିଂ କରି ୩ ୱିକେଟ ନେଇଥିବା ୱେଷ୍ଟଇଣ୍ଡିଜ ଦ୍ରୁତ ବୋଲର ମାଥ୍ୟୁ ଫର୍ଡ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଭାରତର ଶାନ୍ତ୍ୱନାମୂଳକ ବିଜୟ

ମୁମ୍ବଇ, ୧୦।୧୨(ଏଜେନ୍ସି): ଏଠାରେ ରବିବାର ଅନୁଷ୍ଠିତ ତୃତୀୟ ତଥା ଶେଷ ଟି-୨୦ ମୁକାବିଲାରେ ଭାରତ ୫ ୱିକେଟରେ ଇଂଲଣ୍ଡକୁ ପରାସ୍ତ କରିଛି। ଏହା ଫଳରେ ପ୍ରଥମ ଦୁଇଟି ମ୍ୟାଚ୍‌ରେ ହାରିଥିବା ଭାରତ ଶାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। କିନ୍ତୁ ଇଂଲଣ୍ଡ ୨-୧ରେ ଟି-୨୦ ସିରିଜ୍ କବ୍‌ଜା କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୧୨୬ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ସାଇକା ଇଶାକ ଓ ଶ୍ରେୟଙ୍କା ପାଟିଲ ୩ଟି ଲେଖାଏଁ ୱିକେଟ ନେଇଥିଲେ। ଜବାବରେ ଭାରତ ୧୯ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଡିସେମ୍ବର ୧୪ରୁ ୧୭ ମଧ୍ୟରେ ଏକମାତ୍ର ଟେଷ୍ଟ ଖେଳାଯିବ।

ଫାଓ ୟୁଥ୍ ଲିଗ୍: ସ୍ପୋର୍ଟ୍ସ ଓଡ଼ିଶା, କିଟ୍-କିସ୍‌ର ବଡ଼ ବିଜୟ

ଭୁବନେଶ୍ୱର, ୧୦।୧୨(ସମିସ): ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଚାଲିଥିବା ଫାଓ ୟୁଥ୍ ଲିଗ୍‌ରେ ରବିବାର ୪ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସ୍ପୋର୍ଟ୍ସ ଓଡ଼ିଶା, ଫାଓ ଏକାଡେମୀ ଓ କିଟ୍-କିସ୍ ଦଳ ବିଜୟ ହାସଲ କରିଛନ୍ତି। ୧୫ ବର୍ଷରୁ କମ୍ ବୟସବର୍ଗରେ ବିଡ଼ାନାସୀ ଏଫ୍‌ସି ଓ ଫାଓ ଏକାଡେମୀ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ୍ ୧-୧ ଗୋଲରେ ବରାବର୍ ରହିଥିଲା। ସେହିଭଳି ୧୫ ବର୍ଷରୁ କମ୍ ବିଭାଗରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ ସ୍ପୋର୍ଟ୍ସ ଓଡ଼ିଶା ୫-୦ ଗୋଲରେ ଚାନ୍ଦ କ୍ଲବ୍‌କୁ ପରାସ୍ତ କରିଛି। ବିଜୟୀ ଦଳର ନରେଶ କୁମାର ଧନ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ୧୩ ବର୍ଷରୁ କମ୍ ବିଭାଗରେ ଫାଓ ଏକାଡେମୀ ୩-୨ ଗୋଲରେ ବିଡ଼ାନାସୀ ଏଫ୍‌ସିକୁ ପରାସ୍ତ କରିଛି। ବିଡ଼ାନାସୀର ସ୍ମୃତି ରଞ୍ଜନ ନାୟକ ସର୍ବାଧିକ ୨ଟି ଗୋଲ୍ ଦେଇଥିଲେ। ସେହିଭଳି ଅନ୍ୟ ଏକ ମ୍ୟାଚରେ କିଟ୍ ଓ କିସ୍ ୭-୦ ଗୋଲରେ ଜଟଣୀ ଏଫ୍‌ଏକୁ ବଡ଼ ବ୍ୟବଧାନରେ ମାତ୍ ଦେଇଛି। କିଟ୍-କିସ୍‌ର ଇଶାନ ଡିଗି ୨ଟି ଏବଂ ରୋହିତ ମୁଣ୍ଡା, ରଘୁନାଥ ସୋରେନ, ଲେମ୍ବୁ ଟୁଡୁ, ସୂରଜ ମୁର୍ମୁ ଓ ମାତା ହେମ୍ବ୍ରମ ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ।

● କୁଚ୍ ବିହାର ଟ୍ରଫିରେ ଶ୍ରେୟାଂଶଙ୍କ ଲଢ଼ୁଆ ଶତକ

ହାଇଦ୍ରାବାଦ୍-୫୦୩/୭; ଓଡ଼ିଶା- ୧୮୯/୪

ଭୁବନେଶ୍ୱର/ବରଗଡ଼, ୧୦।୧୨(ସମିସ): ବରଗଡ଼ସ୍ଥିତ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ

ହାଇଦ୍ରାବାଦ୍ ବିପକ୍ଷରେ ଚାଲିଥିବା ୧୯ ବର୍ଷରୁ କମ୍ କୁଚ୍ ବିହାର ଟ୍ରଫିରେ ଘରୋଇ ଓଡ଼ିଶା ଦଳ ପ୍ରଥମ ପାଳିରେ ସଂଘର୍ଷ ଜାରି ରଖିଛି। ହାଇଦ୍ରାବାଦ୍‌ର ପ୍ରଥମ ପାଳି ସ୍କୋର ୫୦୩/୭ ରନ ଜବାବରେ ଓଡ଼ିଶା ରବିବାର ୩ୟ ଦିବସ ଷ୍ଟମ୍ପ୍ସ ସୁଦ୍ଧା ୬୦ ଓଭରରେ ୪ ୱିକେଟ୍ ହରାଇ ୧୮୯ ରନ ସଂଗ୍ରହ କରିଛି। ଓଡ଼ିଶା ପାଳିରେ ପ୍ରଥମ ୩ଜଣ ବ୍ୟାଟର୍ ଶ୍ରେୟାଂଶୁ ପଟ୍ଟନାୟକ, ଦିବ୍ୟଜ୍ୟୋତି ପଟ୍ଟନାୟକ ଓ ସ୍ୱୟଂମ ଶ୍ରୀବାସ୍ତବ ଖାତା ଖୋଲିବାରେ ବିଫଳ ହୋଇଥିଲେ। ତେବେ ମଧ୍ୟକ୍ରମରେ ଶ୍ରେୟାଂଶ ଭରଦ୍ୱାଜ ୧୩୩ ରନର ଲଢ଼ୁଆ ଅପରାଜିତ ଶତକୀୟ ପାଳି ଖେଳି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଶ୍ରେୟାଂଶଙ୍କ ସହ ଅଧିନାୟକ ଆଶୀର୍ବାଦ ସ୍ୱାଇଁ (୩୮ ରନ) ୪ର୍ଥ ୱିକେଟ୍ ଯୋଡ଼ିରେ ୧୫୬ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ଖେଳ ଶେଷବେଳକୁ ଶ୍ରେୟାଂଶଙ୍କ ସହ ସମ୍ବିତ ବେଜ୍ ୧୩ ରନ କରି ଖେଳୁଛନ୍ତି। ପାଳି ଅଗ୍ରଣୀ ଲାଗି ବଳକା ୬ ୱିକେଟ୍‌ରେ ଓଡ଼ିଶା ଆହୁରି ୩୧୪ ରନ ଆବଶ୍ୟକ କରୁଛି। ସୋମବାର ମ୍ୟାଚର ଶେଷଦିନ ହୋଇଥିବାରୁ ମ୍ୟାଚ୍ ଅମୀମାଂସିତ ରହିବା ସମ୍ଭାବନା ରହିଛି। କିନ୍ତୁ ଯେଉଁ ଦଳ ପାଳି ଅଗ୍ରଣୀ ହାସଲ କରିବ ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ପାଇବ।

ଭୁବନେଶ୍ୱର-ଏ' ଡିଭିଜନ ଫୁଟବଲ ଲିଗ୍ ଉଦ୍‌ଯାପିତ

କ୍ଲବ୍-୭୩କୁ ହରାଇ କିଶୋର କ୍ଲବ୍ ବିଜେତା

ଭୁବନେଶ୍ୱର, ୧୦।୧୨ (ସମିସ): କିଶୋର କ୍ଲବ୍ ଜିତିଛି ଚଳିତବର୍ଷର ଭୁବନେଶ୍ୱର 'ଏ' ଡିଭଜନ ଗତିକୃଷ୍ଣ ପଣ୍ଡା ମେମୋରିଆଲ ଫୁଟବଲ।

ୟୁନିଟ୍-୧ସ୍ଥିତ ଓଡ଼ିଶା ଫୁଟବଲ ଏକାଡେମୀ ଖେଳ ପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଥିଲା ଏହି ଲିଗ୍ ଫାଇନାଲ। ଫାଇନାଲ ମୁକାବିଲାଟି ଏକତରଫା ହୋଇଥିଲା ଓ ଏଥିରେ କିଶୋର କ୍ଲବ୍ ୫-୦ ଗୋଲରେ କ୍ଲବ୍-୭୩କୁ ହରାଇ ଟାଇଟଲ ହାସଲ କରିଥିଲା। ବିଜୟୀ ଦଳ ପକ୍ଷରୁ ପପୁ ମାଝୀ ୨ଟି, ବେଞ୍ଜାମିନ ମୁର୍ମୁ, ସୌରଭ ଚୌଧୁରୀ ଓ ଭବାନୀ ବେନେଲ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପପୁଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ପୂର୍ବତନ ଅନ୍ତର୍ଜାତୀୟ ଆଥ୍‌ଲେଟ ପ୍ରଣତି ମିଶ୍ର ଅତିଥିଭାବେ ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ରନର୍ସ ଅପ୍ କ୍ଲବ୍‌କୁ ଆୟୋଜକ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏସନ ସଭାପତି ସୁରେଶ ରାଉତରାୟରନର୍ସ ଅପ୍ କ୍ଲବ୍-୭୩କୁ ଓ ସ୍ୱର୍ଗତ ଗତିକୃଷ୍ଣ ପଣ୍ଡାଙ୍କ ପୁତ୍ର ବିଷ୍ଣୁପ୍ରସାଦ ଚାମ୍ପିଅନ କିଶୋର କ୍ଲବ୍‌କୁ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ସଂଘ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି ପୁରସ୍କାର ବିତରଣ ଉତ୍ସବ ପରିଚାଳନା କରିଥିଲେ। ରେଫରୀ ଶିବଶଙ୍କର ପଣ୍ଡା ଖେଳ ପରିଚାଳନା କରିଲେ। ସୁଜିତ ପାତ୍ର ଓ ଶିବ ସାମନ୍ତରାୟ ଲାଇନ୍‌ରେ ତାଙ୍କୁ ସହାୟତା ଦେଇଥିଲାବେଳେ ଶ୍ରୀମତୀ ସୁଦୀପ୍ତା ଦାଶ ମ୍ୟାଚ୍ କମିଶନର ରହିଥିଲେ।

ଇଣ୍ଡିଆନ ଓମେନ୍ସ ଲିଗ୍

ପରାଜୟରୁ ସ୍ପୋର୍ଟ୍ସ ଓଡ଼ିଶାର ଅଭିଯାନ

ଭୁବନେଶ୍ୱର, ୧୦।୧୨(ସମିସ): ଦେଶର ଅନ୍ୟତମ ଶ୍ରେଷ୍ଠ ମହିଳା ଫୁଟବଲ ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ)ର ସପ୍ତମ ସଂସ୍କରଣରେ ସ୍ପୋର୍ଟ୍ସ ଓଡ଼ିଶା ତା'ର ପ୍ରଥମ ମ୍ୟାଚ୍‌ରେ ପରାସ୍ତ ହେବା ସହ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ କ୍ୟାନିଟାଲ ଫୁଟବଲ ଏରିନାରେ ସ୍ପୋର୍ଟ୍ସ ଓଡ଼ିଶା ରବିବାର ଖେଳାଯାଇଥିବା ତା'ର ପ୍ରଥମ ମ୍ୟାଚ୍‌ରେ ଶକ୍ତିଶାଳୀ ଇଷ୍ଟ ବେଙ୍ଗଲଠାରୁ ୦-୨ ଗୋଲରେ ପରାସ୍ତ ହୋଇଛି। ଦ୍ୱିତୀୟ ମିନିଟ୍‌ରେ ଶ୍ରୀବାଣି ଦେବୀ ଗୋଲ ଦେଇ ଇଷ୍ଟବେଙ୍ଗଲକୁ ଅଗ୍ରଣୀ କରାଇଥିଲେ। ଏହାପରେ ୫୮ ତମ ମିନିଟ୍‌ରେ ଏମ୍ ଦେବୀ ଖେତ୍ରୀମାୟୁମ ଗୋଲ ଦେଇ ଦଳକୁ ଜିତାଇଥିଲେ। ଉଭୟାର୍ଦ୍ଧରେ ଗୋଟିଏ ଲେଖାଏ ଗୋଲ ସ୍କୋର ହୋଇଥିଲା। ଖେତ୍ରୀମାୟୁମ ମ୍ୟାଚ୍ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଇଷ୍ଟବେଙ୍ଗଲ ପ୍ରଭାବ ବିସ୍ତାର କରି ଖେଳିଥିଲା ଓ ସ୍ପୋର୍ଟ୍ସ ଓଡ଼ିଶା ଖେଳାଳିମାନେ ଗୋଟିଏ ହେଲେ ବି ଗୋଲ ସ୍କୋର କରିନଥିଲେ। ସ୍ପୋର୍ଟ୍ସ ଓଡ଼ିଶା ଆସନ୍ତା ୧୫ ତାରିଖରେ ସ୍ଥାନୀୟ କଳିଙ୍ଗ୍ ଷ୍ଟାଡିୟମରେ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ନିଜ ରାଜ୍ୟର ଅନ୍ୟତମ କ୍ଲବ ଓଡ଼ିଶା ଏଫ୍‌ସିକୁ ଭେଟିବ।

● ଉପ କନିଷ୍ଠ ରଗ୍‌ବୀ ଚାମ୍ପିଅନସିପ୍

ଉଭୟ ବିଭାଗରେ କିସ୍ ଚାମ୍ପିଅନ

ଭୁବନେଶ୍ୱର, ୧୦।୧୨(ଏଜେନ୍ସି): ମୟୂରଭଞ୍ଜର ଭୋଳଗାଡିଆ ମିନି ଷ୍ଟାଡିୟମରେ ଅନୁଷ୍ଠିତ ନିଖିଳ ଓଡ଼ିଶା ଉପ କିନଷ୍ଠ ରଗ୍‌ବୀ ଚାମ୍ପିଅନସିପ୍‌ରେ କିସ୍ ବାଳକ ଓ ବାଳିକା ଟାଇଟଲ ହାସଲ କରିଛନ୍ତି। କିସ୍ ବାଳକ ଦଳ ଫାଇନାଲରେ ଯାଜପୁରଙ୍କୁ ୧୫-୧୦ରେ ଓ ବାଳିକା ଦଳ ଫାଇନାଲରେ ଆୟୋଜକ ମୟୂରଭଞ୍ଜକୁ ୧୦-୫ରେ ପରାସ୍ତ କରି ଚାମ୍ପିଅନ ହୋଇଛନ୍ତି। ବାଳକ ସେମିରେ କିସ୍ ଓ ଯାଜପୁର ଗଞ୍ଜାମ ଓ ମୟୂରଭଞ୍ଜକୁ ଯଥାକ୍ରମେ ୨୫-୫, ୧୦-୫ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ବାଳିକା ବିଭାଗରେ କିସ ଓ ମୟୂରଭଞ୍ଜ ଯଥାକ୍ରମେ କନ୍ଧମାଳ ଓ କେନ୍ଦୁଝରକୁ ୧୫-୦, ୫-୦ରେ ପରାସ୍ତ କରି ଫାଇଡନାଲରେ ପ୍ରବେଶ କରିଥିଲେ। ଓଡ଼ିଶାର ପୂର୍ବତନ ଉପ- ବାଚସ୍ପତି ସାନନ୍ଦ ମାରାଣ୍ଡି ମୁଖ୍ୟ ଅତିଥିରୂପେ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ମୟୂରଭଞ୍ଜ ଜିଲ୍ଲା ରଗ୍‌ବୀ ସଂଘ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, ଯୁଗ୍ମ ସମ୍ପାଦକ ସୁଶାନ୍ତ ସାହୁ, କୋଚ୍ ମାନସ କୁମାର ଯେନା, ଧୀରେନ କୁମାର ରାଉତ ଓ ଖୁଣ୍ଟ ବ୍ଲକ ଅଧ୍ୟକ୍ଷ ସୁଦନ୍ୟ ନାଏକ ଉପସ୍ଥିତ ଥିଲେ।

ଏଏଫ୍‌ସି କପ୍: ଆଜି କଳିଙ୍ଗରେ ଓଡ଼ିଶା ଏଫ୍‌ସି-ବସୁନ୍ଧରା କିଙ୍ଗ୍‌ସ ଲଢ଼େଇ

ଭୁବନେଶ୍ୱର, ୧୦।୧୨ (ସମିସ): ଚଳିତ ଏଏଫ୍‌ସି କପ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଘରୋଇ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ସୋମବାର ବାଂଲାଦେଶର ବସୁନ୍ଧରା କିଙ୍ଗ୍‌ସକୁ ଭେଟିବାକୁ ଯାଉଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରାତି ୭ଟା ୩୦ରୁ ଏହି ମ୍ୟାଚ୍ ଆରମ୍ଭ ହେବ। ଓଡ଼ିଶା ଏଫ୍‌ସି ଏହାର ଶେଷ ମୁକାବିଲାରେ କୋଲକାତାରେ ଘରୋଇ ମୋହନ ବାଗାନ ସୁପର୍ ଜାଏଣ୍ଟ୍‌ସକୁ ୫-୨ ଗୋଲର ବୃହତ୍ ବ୍ୟବଧାନରେ ହରାଇଥିବାରୁ ଖେଳାଳିମାନଙ୍କ ମନୋବଳ ବେଶ୍ ଉଚ୍ଚ ରହିଛି।

ଏଏଫ୍‌ସି କପରେ ଗ୍ରୁପ୍-ଡି'ରେ ସ୍ଥାନ ପାଇଥିବା ଓଡ଼ିଶା ଏଫ୍‌ସି ପୂର୍ବରୁ ରାଉଣ୍ଡ ରବିନ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ୨-୩ ଗୋଲରେ ବସୁନ୍ଧରା କିଙ୍ଗ୍‌ସ ନିକଟରୁ ହାରିଥିଲା। ତେଣୁ ସୋମବାରର ଏହି ମୁକାବିଲା ଜିତି ଓଡ଼ିଶା ପ୍ରତିଶୋଧ ନେବା ସହ ଗ୍ରୁପ୍ ପର୍ଯ୍ୟାୟର ଶୀର୍ଷ ସ୍ଥାନରେ ରହିବାକୁ ଲକ୍ଷ୍ୟ ରଖିଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶା ୫ ମ୍ୟାଚ୍ ଖେଳି ୩ ବିଜୟ ଓ ୨ ପରାଜୟ ସହ ୯ ପଏଣ୍ଟ ପାଇ ବସୁନ୍ଧରା କିଙ୍ଗ୍‌ସ (୧୦) ପଛକୁ ୨ୟ ସ୍ଥାନରେ ରହିଛି। ପରବର୍ତ୍ତୀ ରାଉଣ୍ଡକୁ ପ୍ରବେଶ କରିବାକୁ ହେଲେ ଓଡ଼ିଶା ଏଫ୍‌ସି ଏହି ମ୍ୟାଚରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି। ଅପରପକ୍ଷରେ ବସୁନ୍ଧରା କିଙ୍ଗ୍‌ସ ମ୍ୟାଚ୍ ଅମୀମାଂସିତ ରଖିପାରିଲେ ପରବର୍ତ୍ତୀ ରାଉଣ୍ଡରେ ପହଞ୍ଚିବ।

● ୨୩ ବର୍ଷରୁ କମ୍ ମହିଳା ଟି-୨୦

ଜାମ୍ମୁ-କାଶ୍ମୀରଠୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୧୦।୧୨(ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ କ୍ରିକେଟ୍‌ରେ ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୧୩ ରନରେ ଜାମ୍ମୁ ଓ କାଶ୍ମୀର ନିକଟରୁ ପରାସ୍ତ ହୋଇଛି। କୋଲକାତାର ବାରାସତ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଜାମ୍ମୁ ଓ କାଶ୍ମୀର ୫ ୱିକେଟ୍‌ରେ ୧୧୭ ରନ କରିଥିଲା। ଦଳ ପକ୍ଷରୁ ଚିତ୍ରା ସିଂ ଜାମୱାଲ୍ ୪୮ ଓ ବୱାନଦୀପ କୌର ୩୪ ରନର ଉପଯୋଗୀ ପାଳି ଖେଳିଥିଲେ। ଓଡ଼ିଶା ପାଇଁ ସୂୟାସ୍ନାତା ସ୍ୱାଇଁ ୨ଟି ୱିକେଟ୍ ପାଇଥିଲେ। ଜବାବରେ ଓଡ଼ିଶା ଶୁଭ୍ର ନିର୍ଝରିଣୀ ସ୍ୱାଇଁଙ୍କ ୨୯ ଓ କୁସୁମ ତିରିଆଙ୍କ ୨୪* ରନ ସତ୍ତ୍ୱେ ୭ ୱିକେଟ୍‌ରେ ୧୦୪ ରନ କରି ପରାସ୍ତ ହୋଇଥିଲା।

ADMISSION OPEN - 2023 -24
Last Date of On Line Choice Filing
Dt : 11th Dec. 2023
DIVINE INSTITUTE OF MEDICAL SCIENCE & RESEARCH DIMSAR
AT - PODA ASTIA, BARIPADA, MAYURBHANJ
UND